

ଭାରିପଡ଼ିବେ ଜୁନିୟର ଏନ୍‌ଟିଆର୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-215 ♦SATURDAY ♦31 JANUARY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୨୧୫ ♦ଶନିବାର ♦୩୧ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## କୁଏତ-ଦିଲ୍ଲୀ ଇଣ୍ଡିଗୋ ବିମାନକୁ ଅପହରଣ ଧମକ

### ଅହମଦାବାଦରେ ଜରୁରୀକାଳୀନ ଅବତରଣ



■ ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): କୁଏତରୁ ଦିଲ୍ଲୀ ଆସୁଥିବା ଇଣ୍ଡିଗୋ ବିମାନକୁ ଶୁକ୍ରବାର ସକାଳେ ଅପହରଣ ଓ ବୋମା ବିସ୍ଫୋରଣ କରି ଉଡ଼ାଇ ଦେବାକୁ ଧମକ ମିଳିଥିଲା। ଏହାପରେ ବିମାନର ଗତିପଥ ପରିବର୍ତ୍ତନ କରାଯାଇ ସକାଳ ୬.୪୦ରେ ଅହମଦାବାଦ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ଏହି ବିମାନରେ ୧୮୦ ଯାତ୍ରୀ ଥିଲେ। ବିମାନବନ୍ଦର ସୂତ୍ର ଅନୁଯାୟୀ, ସମସ୍ତ ଯାତ୍ରୀ ଓ ସେମାନଙ୍କ ଜନିଷପତ୍ର ତଥା ଲଗେଜ୍ ଯାଞ୍ଚ୍ କରାଯାଇଥିଲା। ତେବେ କୌଣସି ଯାତ୍ରୀଙ୍କ ନିକଟରୁ କୌଣସି ସନ୍ଦେହଜନକ ସାମଗ୍ରୀ ମିଳି ନଥିଲା। ଏହା ସତ୍ତ୍ୱେ ବିମାନ ଛାଡ଼ିବାକୁ ଆହୁରି ଦୁଇ ଘଣ୍ଟା ସମୟ ଲାଗିବ ବୋଲି କୁହାଯାଇଛି। ଅହମଦାବାଦ ବିମାନବନ୍ଦର ଥାନା ଇନିସପେକ୍ଟର ଏନ୍‌ଡି ▶ପୃଷ୍ଠା-୭

## ଆକାଶ ଛୁଆଁ ପରେ ପାତାଳକୁ ଖସିଲା ସୁନା, ରୁପା ଦର



ଦିନକରେ ସୁନା ଭରି ୨୬, ରୁପା କେଜି ୮୦ ହଜାର ଟଙ୍କା ହ୍ରାସ

■ ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): ପ୍ରତିଦିନ ଦରବୃଦ୍ଧିର ଶିଡ଼ି ଚଢ଼ି ଚାଲିଥିବା ସୁନା, ରୁପା ଶୁକ୍ରବାର ଗ୍ରାହକଙ୍କୁ ଦେଇଛି ବଡ଼ ଆଶ୍ୱସ୍ତି। ଦଶନ୍ଧିରୁ ଅଧିକ ସମୟର ରେକର୍ଡ ଭାଙ୍ଗି ଘରୋଇ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ହୋଇଛି ବଡ଼ ହ୍ରାସ। ମାତ୍ର ଗୋଟିଏ ଦିନରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୨୬ ହଜାର ଏବଂ ରୁପା ଦର କିଲୋ ପିଛା ୮୦ ହଜାର ଟଙ୍କା ହ୍ରାସ ଘଟିଛି। କ୍ରମାଗତ ଭାବେ ଉପରମୁହାଁ ହୋଇଚାଲିଥିବା ସୁନା ଓ ରୁପା ମୂଲ୍ୟରେ ଏପରି ବୃହତ ହ୍ରାସ ସମସ୍ତଙ୍କୁ ଚକିତ କରିଦେଇଛି। ବିଶ୍ୱର ଅନ୍ୟ ମୁଦ୍ରା ତୁଳନାରେ ଡଲାର ସୁଦୃଢ଼ ହେବା ଏବଂ ସୁନା ଓ ରୁପାର ଅତ୍ୟଧିକ ଉଚ୍ଚ ମୂଲ୍ୟକୁ ଆଖି ଆଗରେ ରଖି ନିବେଶକମାନେ ପ୍ରଫିଟ୍ ବୁକିଂ କରିବା ଯୋଗୁଁ ଉଭୟ ଧାତୁ ମୂଲ୍ୟରେ ଏପରି ହ୍ରାସ ଘଟିଥିବା ଜଣାପଡିଛି।

ଗୁରୁବାର ଦିନକରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୧୧ ହଜାର ଟଙ୍କା ବୃଦ୍ଧି ଘଟିଥିଲା। ଅନୁରୂପ ଭାବେ ରୁପା ଦର କେଜି ପିଛା ୨୫ ହଜାର ଟଙ୍କା ଉପରକୁ ଯାଇଥିଲା। ଶୁକ୍ରବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୧୯% କିମ୍ବା ୨୬,୦୦୦ ଟଙ୍କା ହ୍ରାସ ଘଟିଥିଲା। ସେହିପରି ରୁପା ମୂଲ୍ୟରେ ମଧ୍ୟ କିଲୋଗ୍ରାମ ପିଛା ସର୍ବାଧିକ ୧୯% କିମ୍ବା ୮୦,୦୦୦ ଟଙ୍କା ହ୍ରାସ ଘଟିଛି। ସୂଚନାନୁଯାୟୀ, ସୁନା ମୂଲ୍ୟରେ ୨୦୧୩ ପରେ ଏହି ହ୍ରାସ ଏକ ବଡ଼ ରେକର୍ଡ। ଅପରପକ୍ଷେ ରୁପା ମୂଲ୍ୟରେ ଦୀର୍ଘ ▶ପୃଷ୍ଠା-୭

# 'ଗୁଟ୍‌ଖା' ଛେପ ଢୋକିଲେ ସରକାର

## ପାନ ମସଲାରେ ନିକୋଟିନ୍ ନାହିଁ; ବିକ୍ରି ହୋଇପାରିବ

■ ଭୁବନେଶ୍ୱର, ୩୦।୧ (ସମିସ): ରାଜ୍ୟରେ ଗୁଟ୍‌ଖା ବ୍ୟାନ୍ ପ୍ରସଙ୍ଗରେ ୟୁ-ଟର୍ଣ୍ଣ ମାରିଛନ୍ତି ରାଜ୍ୟ ସରକାର। ପାନ ମସଲାକୁ ଟବାକୋ କିମ୍ବା ନିକୋଟିନ୍ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ। ତେଣୁ ରାଜ୍ୟରେ ଏହା ବ୍ୟାନ୍ ହେବନି ବୋଲି ଶୁକ୍ରବାର ରାଜ୍ୟ ସ୍ୱାସ୍ୟ ବିଭାଗ ପକ୍ଷରୁ ଏକ ପ୍ରକାର ସ୍ୱଷ୍ଟ କରାଯାଇଛି। ବିଭାଗୀୟ କମିସନର ତଥା ସଚିବ ଅଶ୍ୱଥୀ ଏସ୍‌ଙ୍କ ପକ୍ଷରୁ ଲିଖିତ ଏକ ଚିଠିରେ ଦର୍ଶାଯାଇଛି ଯେ, ଯେଉଁ ପାନ ମସଲାରେ ଟବାକୋ ଓ ନିକୋଟିନ୍ ନ ଥିବ, ସେଗୁଡିକ ବ୍ୟାନ୍ ହେବ ନାହିଁ। ସିଟି ଏବଂ ଜିଏସ୍‌ଟି କମିସନରଙ୍କୁ ଏହି ଚିଠି ଲେଖି ବିଭାଗ ଏହା ସ୍ୱଷ୍ଟ କରିଛି। ରାଜ୍ୟରେ ଗୁଟ୍‌ଖା ବ୍ୟାନ୍‌ର ୭ ଦିନ ପରେ ଏଭଳି ସାନି ବିଜ୍ଞପ୍ତି ଜାରି କରି ସ୍ୱାସ୍ଥ ବିଭାଗ ପୁଣି ଥରେ ୟୁ-ଟର୍ଣ୍ଣ ମାରିବା ପରେ ସରକାର ଚାରିଆଡୁ ସମାଲୋଚନାର ଶିକାର ହୋଇଛନ୍ତି। ଏହା ପୂର୍ବରୁ ଏକାଧିକ ଘଟଣାରେ ସରକାର ନିଷ୍ପତ୍ତି ନେଇ ଏଥିରୁ ଓହରି ଯାଇଥିବା ବେଳେ ଏହି ତାଲିକାରେ ଗୁଟ୍‌ଖା ବ୍ୟାନ୍ ନିଷ୍ପତ୍ତି ମଧ୍ୟ ଯୋଡ଼ି ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।



ପ୍ରକାଶଯୋଗ୍ୟ, ଗତ ୨୧ ତାରିଖରେ ଟବାକୋ, ନିକୋଟିନ୍ ବନ୍ଦ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିଭାଗ ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଯାଇଥିଲା ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ଓଡ଼ିଶାରେ ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା, ଖଇନି ଓ ତମାଖୁ କିମ୍ବା ନିକୋଟିନ୍‌ଯୁକ୍ତ ସମସ୍ତ ପ୍ରକାରର ଖାଦ୍ୟ ପଦାର୍ଥର ଉତ୍ପାଦନ, ପ୍ରସ୍ତୁତି, ପ୍ୟାକେଜିଂ ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି। ଏହାସହ ଏହାର ସଞ୍ଚୟ, ପରିବହନ, ବାଣିଜ୍ୟ ଓ ବିକ୍ରୟ ଉପରେ ମଧ୍ୟ ପ୍ରତିବନ୍ଧକ ଲାଗୁ ହୋଇଛି। ଏହି ନିଷେଧାଜ୍ଞା ଖାଦ୍ୟ ସୁରକ୍ଷା ଓ ମାନକ ଆଇନ-୨୦୦୬ ଏବଂ ଖାଦ୍ୟ ସୁରକ୍ଷା ଓ ମାନକ (ବିକ୍ରୟ ଉପରେ ପ୍ରତିବନ୍ଧ ଓ ନିୟନ୍ତ୍ରଣ) ବିଧି-୨୦୧୧ ର ଧାରା ୨.୩.୪ ଅନୁଯାୟୀ ଜାରି କରାଯାଇଥିଲା। ତମାଖୁ ଓ ନିକୋଟିନ୍‌ଯୁକ୍ତ ପଦାର୍ଥଗୁଡ଼ିକ ମୁଖ, ଗଳା, ଅନ୍ତର୍ନିହିତ ଅଙ୍ଗରେ କ୍ୟାନ୍ସର ସହିତ ଗୁରୁତର ରୋଗ ସୃଷ୍ଟି କରୁଥିବାରୁ ବିଶେଷକରି ଶିଶୁ ଓ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ହାନିକାରକ। ତେଣୁ ସାର୍ବଜନୀନ ସ୍ୱାସ୍ଥ୍ୟ ହିତରେ ଏହି ନିଷେଧ ଲାଗୁ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଥିଲା। ହେଲେ ଏବେ କେଉଁ ଚାପରେ ବିଭାଗ ଏହି ନିର୍ଦ୍ଦେଶନାମାରେ ପରିବର୍ତ୍ତନ ଆଣି ପୁଣି ଥରେ ଗୁଟ୍‌ଖା କାରବାର ପ୍ରତି କୋହଳ ମନୋଭାବ ଦେଖାଇଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପଟେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ରଙ୍କ କହିବା ଅନୁଯାୟୀ, ସମସ୍ତ ଟବାକୋ ସାମଗ୍ରୀ ବନ୍ଦ କରାଯିବା ନେଇ ଗାଇଡ୍ ଲାଇନ୍ ରହିଛି। ଯେଉଁ ଜିନିଷ ସେବନ ଦ୍ୱାରା ଲୋକଙ୍କର କ୍ଷତି ଘଟୁଛି, ତାହା ଲୋକଙ୍କ ନିକଟକୁ ନ ଯିବା ଦରକାର। ଯେଉଁ ପ୍ରତିବନ୍ଧକ ରହିଥିଲା, ଏବେ ତାହା ବଳବତ୍ତ ରହିଛି ବୋଲି ସେ କହିଛନ୍ତି। ସେହିପରି ଏନ୍‌ସିଡିର ଅତିରିକ୍ତ ନିର୍ଦ୍ଦେଶକ ସୁଶାନ୍ତ କୁମାର ସ୍ୱାଇଁ କହିଛନ୍ତି ଯେ, ରାଜ୍ୟରେ କୋଟପା ଆଇନ୍ ୨୦୦୩ ବଳରେ ଯେମିତି ଗୁଟ୍‌ଖା ଉପରେ ଚଡ଼ଉ କରାଯାଇଥିଲା, ତାହା ଏବେ ବି ବଳବତ୍ତର ରହିଛି। ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେଉଁ ସ୍ୱଷ୍ଟୀକରଣ ଦିଆଯାଇଛି ସେଥିରେ ଉଲ୍ଲେଖ କରାଯାଇଛି ଯେ, ପାନ ମସଲାରେ ▶ପୃଷ୍ଠା-୭

## ଫେବୃଆରୀ ୧୭ରୁ ବିଧାନସଭା ଅଧିବେଶନ

### ୨୦ରେ ଉପସ୍ଥାପନ ହେବ ବଜେଟ



ଦୁଇଟି ପର୍ଯ୍ୟାୟରେ ମୋଟ୍ ୨୮ କାର୍ଯ୍ୟ ଦିବସ

ପ୍ରଥମ ଦିନରେ ସମ୍ବୋଧନ କରିବେ ରାଜ୍ୟପାଳ

■ ଭୁବନେଶ୍ୱର, ୩୦।୧ (ସମିସ): ଫେବୃଆରୀ ୧୭ରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ଆରମ୍ଭ ହେବ ବିଧାନସଭାର ବଜେଟ୍ ଅଧିବେଶନ। ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ବଜେଟ୍ ଆଗତ କରିବେ। ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ ଓ ଏଥିରେ ମୋଟ ୨୮ଟି କାର୍ଯ୍ୟଦିବସ ରହିବ ବୋଲି ଶୁକ୍ରବାର ବିଧାନସଭା ସଚିବାଳୟ ପ୍ରକାଶ କରିଛି ବିଧିବଦ୍ଧ ବିଜ୍ଞପ୍ତି।

ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବୃୟାରୀ ୧୭ ତାରିଖରୁ ୨୪ ତାରିଖ ଯାଏଁ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରୁ ଏପ୍ରିଲ ୮ ତାରିଖ ଯାଏ ଅନୁଷ୍ଠିତ ହେବ। ଫେବ୍ରୁଆରୀ ୧୮ ଓ ୧୯ ରେ ରାଜ୍ୟପାଳଙ୍କ ପ୍ରସ୍ତାବ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇ ଆଲୋଚନା ହେବ। ଫେବୃଆରୀ ୨୦ ତାରିଖରେ ବଜେଟ ଆଗତ ହେବ ଏବଂ ଏହା ଉପରେ ୨୩ ଓ ୨୪ ତାରିଖ ଦୁଇ ଦିନ ସାଧାରଣ ଆଲୋଚନା ହେବ। ମାର୍ଚ୍ଚ ୧୦ରୁ ୩୦ ତାରିଖ ଯାଏଁ ବିଭିନ୍ନ ବିଭାଗର ଅନୁଦାନ ଉପରେ ଖର୍ଚ୍ଚ ଦାବି ଆଲୋଚନା ହେବ ବୋଲି ସ୍ଥିର ହୋଇଛି। ସେହିପରି ମାର୍ଚ୍ଚ ୩୧ ତାରିଖରେ ଗୃହରେ ବ୍ୟୟମଞ୍ଜୁରି ବିଧେୟକ ଆଗତ ହେବ ବୋଲି ଜଣା ପଡ଼ିଛି।

ଫେବୃଆରୀ ୨୫ରୁ ୦୨୮ ଏବଂ ମାର୍ଚ୍ଚ ୧ରୁ ୮ ତାରିଖ ଯାଏଁ ବିଧାନସଭା ଛୁଟି ରହିବ। ମାର୍ଚ୍ଚ ୯ ରୁ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ। ସେହିଦିନ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟିର ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୦ରୁ ବିଭାଗୀୟ ବଜେଟ ଅନୁଦାନ ଉପରେ ଆଲୋଚନା ହୋଇ ପାରିତ ହେବ। ▶ପୃଷ୍ଠା-୭

### ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

## ସ୍କୁଲରେ ଝିଅମାନଙ୍କୁ ମାଗଣା ସାନିଟାରୀ ପ୍ୟାଡ୍ ବାଧ୍ୟତାମୂଳକ

ପୁଅ-ଝିଅଙ୍କ ପାଇଁ ଅଲଗା ଶୌଚାଳୟ

ନିୟମ ଉଲ୍ଲଂଘନ କଲେ ସ୍କୁଲର ମାନ୍ୟତା ରଦ୍ଦ ହେବ

■ ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଦେଶର ସମସ୍ତ ସରକାରୀ, ବେସରକାରୀ ସ୍କୁଲକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ପ୍ରତ୍ୟେକ ସ୍କୁଲ୍‌ରେ ଛାତ୍ରୀମାନଙ୍କୁ ମାଗଣା ସାନିଟାରୀ ପ୍ୟାଡ଼ ବାଣ୍ଟିବା ବାଧ୍ୟତାମୂଳକ ହେବ। ଏଥିସହ ପୁଅ ଓ ଝିଅଙ୍କ ପାଇଁ ପୃଥକ ଶୌଚାଳୟ ନିର୍ମାଣ କରିବାକୁ ହେବ। ଯେଉଁ ସ୍କୁଲ ଏହି ନିୟମ ପାଳନ କରିବେ ନାହିଁ ସେମାନଙ୍କ ମାନ୍ୟତା ରଦ୍ଦ ହେବ ବୋଲି ଜଷ୍ଟିସ ଜେବି ପାର୍ଦିୱାଲା ଓ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ମାସିକ ଧର୍ମ ସ୍ୱଚ୍ଛତା ଏବେ ମୌଳିକ ଅଧିକାରର ମାନ୍ୟତା ପାଇବ ବୋଲି କୁହାଯାଇପାରେ। ଏହା ବ୍ୟତୀତ କୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସ୍କୁଲଗୁଡ଼ିକରେ ଦିବ୍ୟାଙ୍ଗ ଅନୁକୂଳ ଶୌଚାଳୟ ନିର୍ମାଣ କରାଯାଉ। ଜୟା ଠାକୁରଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଜନହିତ ଆବେଦନ (ପିଆଇଏଲ୍) ଉପରେ ଶୁଣାଣି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ, ଯଦି ସ୍କୁଲ୍‌ରେ ଝିଅମାନଙ୍କ ପାଇଁ ଅଲଗା ଶୌଚାଳୟ ନାହିଁ, ତେବେ ଏହା ସମ୍ବିଧାନର ଅନୁଚ୍ଛେଦ ୧୪ (ସମାନତା ଅଧିକାର)ର ଉଲ୍ଲଂଘନ ହେବ। ସେହିପରି ମାସିକ ଧର୍ମ ସମୟରେ ସମ୍ମାନଜନକ ସୁବିଧା ପାଇବା ଅନୁଚ୍ଛେଦ ୨୧ (ଜୀବନ ଓ ଗାରିମା ଅଧିକାର)ର ଅଂଶ ବିଶେଷ। ସାନିଟାରୀ ପ୍ୟାଡ଼ ଅଭାବରୁ ଝିଅମାନେ ପୁଅଙ୍କ ଭଳି ସମାନ ଭାବରେ ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟକଳାପରେ ଭାଗ ନେଇପାରିନ୍ତି ନାହିଁ। ସୁପ୍ରିମକୋର୍ଟ ସ୍ୱଷ୍ଟ କରିଛନ୍ତି ଯେ, ଆମେ ଆମ ସମାଜର ଦୁର୍ବଳ ବର୍ଗଙ୍କୁ ▶ପୃଷ୍ଠା-୭

## ସୁନେତ୍ରା ପାୱାର ହେବେ ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ



ଆଜି ସନ୍ଧ୍ୟାରେ ଶପଥ

ମିଳିପାରେ ସ୍ୱାମୀଙ୍କ ବିଭାଗ

■ ମୁମ୍ବଇ, ୩୦।୧ (ଏଜେନ୍ସି): ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନିଧନ ପରେ ତାଙ୍କ ପଦବୀ ଖାଲି ରହିଛି। ଏହି ପଦବୀ ତାଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ଦିଆଯିବ। ସେ ରାଜ୍ୟର ପ୍ରଥମ ମହିଳା ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଶନିବାର ଦ୍ୱିପହରେ ଏନ୍‌ସିପି ବିଧାୟକ ଦଳ ବୈଠକ ବସିବ। ଏହି ବୈଠକରେ ସୁନେତ୍ରାଙ୍କ ନାମ ଘୋଷଣା କରାଯିବ। ଏହାପରେ ସୁନେତ୍ରା ସନ୍ଧ୍ୟାରେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ଆପାତତଃ ସ୍ଥିର ହୋଇଛି।

ଶପଥ ଗ୍ରହଣ ପରେ ସୁନେତ୍ରାଙ୍କୁ ସ୍ୱର୍ଗତ ସ୍ୱାମୀ ଅଜିତଙ୍କ ବିଭାଗ (ଅର୍ଥ, ଅବକାରୀ ଏବଂ ଖେଳ) ଦାୟିତ୍ୱ ତାଙ୍କୁ ମିଳିପାରେ। ମହାରାଷ୍ଟ୍ର ମନ୍ତ୍ରୀ ଛଗନ ଭୁଜବଳ ଏହି ସଙ୍କେତ ଦେଇଛନ୍ତି। ସୁନେତ୍ରା ସ୍ୱାମୀଙ୍କ ଉତ୍ତରାଧିକାରୀ ହେବା ଉଚିତ ବୋଲି ସେ କହିଛନ୍ତି। ଏବେ ସୁନେତ୍ରା ରାଜ୍ୟସଭା ସାଂସଦ ଅଛନ୍ତି। ମାତ୍ର ସେ ମହାରାଷ୍ଟ୍ର ବିଧାନସଭା କିମ୍ବା ବିଧାନ ପରିଷଦର ସଦସ୍ୟ ନାହାନ୍ତି। ଶପଥ ଗ୍ରହଣ କରିବା ପରେ ତାଙ୍କୁ ବିଧାନ ପରିଷଦକୁ ନିର୍ବାଚିତ କରାଯାଇପାରେ। ସୁନେତ୍ରାଙ୍କ ନିଯୁକ୍ତିକୁ କେହି ବିରୋଧ କରୁନାହାନ୍ତି ବୋଲି ଦଳର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପ୍ରଫୁଲ ପଟେଲ କହିଛନ୍ତି। ଅନ୍ୟପଟେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ▶ପୃଷ୍ଠା-୭

## ୧୩ ଲକ୍ଷ ଯାଏଁ ଆୟ ହେବ ଟିକସମୁକ୍ତ

ବଜେଟ ୨୦୨୬-୨୭

ଷ୍ଟାଣ୍ଡାର୍ଡ ଡିଡକ୍ସନ ୨୫ ହଜାର ବଢ଼ିପାରେ

ମଧ୍ୟବିତ୍ତ ବର୍ଗଙ୍କ ବଢ଼ୁଛି ଆଶା

■ ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲାରେ ସାଧାରଣ ବଜେଟ୍ ଉପସ୍ଥାପନ କରିବେ। ଅର୍ଥମନ୍ତ୍ରୀ ଭାବେ ସର୍ବାଧିକ ବଜେଟ ଆଗତ କରିବାର ରେକର୍ଡ ରଖିଥିବା ନିର୍ମଳା କ୍ରମାଗତ ଭାବେ ୯ମ ଥର ପାଇଁ ସଂସଦରେ ବଜେଟ ଉପସ୍ଥାପନ କରିବେ। ବଜେଟକୁ ନେଇ ଲୋକଙ୍କର ବହୁତ ଉଚ୍ଚ ଆଶା ରହିଛି। ବିଶେଷକରି ଦେଶର ମଧ୍ୟବିତ୍ତ ବର୍ଗ ଏବଂ ବେତନଭୋଗୀ ଏଥିରୁ ବଡ଼ ଆଶା ରଖିଛନ୍ତି। ଚଳିତଥର କରଦାତା ବଜେଟରେ ଆୟକରରେ ରିଆତି ପାଇପାରନ୍ତି। ଏଥିରେ ୧୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଟିକସମୁକ୍ତ ଘୋଷଣା ହେବାର ସମ୍ଭାବନା ରହିଛି। ଆହୁରିମଧ୍ୟ ଷ୍ଟାଣ୍ଡାର୍ଡ ଡିଡକ୍ସନରେ ମଧ୍ୟ କରଦାତା ଆଶ୍ୱସ୍ତି ପାଇପାରନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୫ ବଜେଟରେ ଅର୍ଥମନ୍ତ୍ରୀ ବେତନଭୋଗୀ ବର୍ଗ ପାଇଁ ଟିକସମୁକ୍ତ ଆୟ ସୀମାକୁ ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ। ୨୦୨୪ ବଜେଟରେ ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ୫୦,୦୦୦ରୁ ୭୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା, ଯାହା ଦ୍ୱାରା ୧୨.୭୫ ଲକ୍ଷ ▶ପୃଷ୍ଠା-୭




## ଆଇଟି ଚଢ଼ଉ ବେଳେ ନିଜକୁ ଗୁଳି କରିଦେଲେ ବ୍ୟବସାୟୀ



■ ବେଙ୍ଗାଲୁରୁ, ୩୦।୧ (ଏଜେନ୍ସି): ଦକ୍ଷିଣ ଭାରତର ପ୍ରତିଷ୍ଠିତ ବ୍ୟବସାୟୀ ତଥା 'କନଫିଡେଣ୍ଟ ଗ୍ରୁପ୍'ର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସିଜେ ରୟ ଆତ୍ମହତ୍ୟା କରିଛନ୍ତି। ୫୭ ବର୍ଷୀୟ ସିଜେ ରୟ କେନ୍ଦ୍ରୀୟ ବେଙ୍ଗାଲୁରୁଠାରେ ଥିବା ତାଙ୍କ କାର୍ଯ୍ୟାଳୟରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କ କାର୍ଯ୍ୟାଳୟରେ ଆୟକର ବିଭାଗର ଚଢ଼ଉ ଆରମ୍ଭ ହେବା ପରେ ସେ ଏପରି ପଦକ୍ଷେପ ଗ୍ରହଣ କରିଥିବା ଅଭିଯୋଗ ହୋଇଛି। ଏହି ଖବର ସମ୍ପ୍ରତି ଭାରତୀୟ ଶିଳ୍ପ ଜଗତକୁ ଦୋହଲାଇ ଦେଇଛି। ପୁଲିସ ଅନୁସାରେ ଶ୍ରୀ ରୟଙ୍କୁ ଆନେପାଲ୍ୟାରେ ତାଙ୍କ କାର୍ଯ୍ୟାଳୟ ପରିସରରେ ଗୁଳି ମାଡ଼ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତେବେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ▶ପୃଷ୍ଠା-୭

## ପୁରୁଷଙ୍କ ଅକାଳ ମୃତ୍ୟୁର ୩୨% ହୃଦ୍‌ରୋଗଜନିତ



■ ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): ଦେଶରେ ହୃଦରୋଗ ଏବେ ସବୁଠାରୁ ଘାତକ ରୋଗରେ ପରିଣତ ହୋଇଛି। ମଧୁମେହ ଓ ଅନ୍ୟ ଅଣ ସଂକ୍ରାମକ ରୋଗ ଅପେକ୍ଷା ହୃଦରୋଗରେ ମୃତ୍ୟୁ ସଂଖ୍ୟା ପ୍ରତିବର୍ଷ ବଢ଼ି ଚାଲିଛି, ଏପରିକି ଅକାଳରେ ମୃତ୍ୟୁବରଣ କରୁଥିବା ୩୨.୪% ମୃତ୍ୟୁ କେବଳ ହୃଦରୋଗଜନିତ। ଦିନକ ତଳେ ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏପରି ସାଂଘାତିକ ତଥ୍ୟ ପ୍ରକାଶ ପାଇଛି। ଏପରିକି ନାଗରିକମାନଙ୍କ ହୃଦରୋଗଜନିତ ମୃତ୍ୟୁ ଦେଶର ଅର୍ଥନୀତି ଓ ପ୍ରଗତି କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହୋଇପାରେ ବୋଲି ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି। ମେଦ ବହୁଳତା, ମଧୁମେହ ଓ ହୃଦରୋଗ ଭଳି ଅଣ-ସଂକ୍ରାମକ ରୋଗ ଦେଶ ଉପରେ ବଡ ଆର୍ଥିକ ବୋଝ ପାଲଟିଛି ବୋଲି ରିପୋର୍ଟରେ କୁହାଯାଇଛି।

ରିପୋର୍ଟ ଅନୁସାରେ ଦେଶରେ ଘଟୁଥିବା ରୋଗଜନିତ ମୃତ୍ୟୁର ୫୭%ରୁ ଊର୍ଦ୍ଧ୍ୱ ଅଣ ସଂକ୍ରାମକ ରୋଗ ଯୋଗୁଁ ଘଟୁଛି। ଏହା ମଧ୍ୟରୁ ସିଂହଭାଗ ମୃତ୍ୟୁ କେବଳ ହୃଦରୋଗ ଜନିତ। ଏଥିରେ ଉଭୟ ପୁରୁଷ ଓ ମହିଳାମାନେ ଶିକାର ହେଉଛନ୍ତି। ୨୦୦୪-୦୬ ପରଠାରୁ ହୃଦରୋଗରେ ମହିଳାଙ୍କ ତୁଳନାରେ ଅଧିକ ପୁରୁଷ ହୃଦରୋଗରେ ମୃତ୍ୟୁବରଣ କରିଛନ୍ତି। ଏପରିକି ଭାରତରେ ଦ୍ରୁତ ଗତିରେ ବ୍ୟାପି ଚାଲିଥିବା ମଧୁମେହ ଜନିତ ମୃତ୍ୟୁ ସଂଖ୍ୟା ହୃଦରୋଗ ତୁଳନାରେ ମଧ୍ୟ କମ୍। ଏହି ରିପୋର୍ଟ ଅନୁସାରେ ହୃଦରୋଗ ଯୋଗୁଁ ୩୨.୪% ପୁରୁଷ ଏବଂ ୨୯.୧% ମହିଳା ମୃତ୍ୟୁବରଣ କରୁଥିବାବେଳେ ମଧୁମେହ ଯୋଗୁଁ ୩.୧% ପୁରୁଷ ଏବଂ ୪.୧% ମହିଳା ମୃତ୍ୟୁବରଣ କରିଛନ୍ତି। ଶ୍ୱାସକ୍ରିୟା ସଂକ୍ରମଣ ୮.୯% ପୁରୁଷ ଏବଂ ୯.୯% ମହିଳାଙ୍କ ମୃତ୍ୟୁର କାରଣ ହୋଇଛି। କର୍କଟରେ ୬% ପୁରୁଷ ଏବଂ ୬.୯% ମହିଳାଙ୍କ ମୃତ୍ୟୁ ହୋଇଛି। ପାଚନ ସମ୍ବନ୍ଧୀୟ ରୋଗରେ ୬.୭% ପୁରୁଷଙ୍କ ମୃତ୍ୟୁ ହୋଇଥିବା ବେଳେ ୩.୨% ମହିଳାଙ୍କ ମୃତ୍ୟୁ ହୋଇଛି। ▶ପୃଷ୍ଠା-୭

## ଏଲ୍‌ଓସିରେ ଦେଖାଗଲା ୧୫ ପାକିସ୍ତାନୀ ଡ୍ରୋନ୍

ଶ୍ରୀନଗର, ୩୦।୧(ଏଜେନ୍ସି): ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲ୍ଲା ଅନ୍ତର୍ଗତ ଭାରତ- ପାକିସ୍ତାନ ସୀମା ତଥା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ପାକିସ୍ତାନୀ ଡ୍ରୋନ ଉଡୁଥିବାର ଦେଖିବାକୁ ମିଳିଥିଲା। ସୀମା ନିକଟସ୍ଥ କେରନ ସେକ୍ଟରରେ ଶୁକ୍ରବାର ପ୍ରାୟ ୧୫ଟି ପାକିସ୍ତାନୀ ଡ୍ରୋନ ଦେଖିବାକୁ ମିଳିଥିଲା। ଭାରତୀୟ ସେନା ତରଫରୁ ଗୁଳି ଚାଳନା କରାଯିବା ପରେ ସମସ୍ତ ଡ୍ରୋନ ଫେରିଯାଇଥିଲା। ଗତ ୩ ସପ୍ତାହ ମଧ୍ୟରେ ଷଷ୍ଠଥର ପାଇଁ ଏଭଳି ଘଟଣା ଘଟିଛି। ପୂର୍ବରୁ ମଧ୍ୟ ଅନେକଥର ଡ୍ରୋନ ଠାବ କରାଯାଇଥିଲା। ଅନ୍ୟପଟେ ପୁଞ୍ଚ୍ ଜିଲ୍ଲାର ଥାନା-ଡେରା କି ଗିଲି (ଡିକେଜି) ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୁପ୍ତଚର ସୂଚନା ମିଳିବା ପରେ ସୁରକ୍ଷାବଳ ପକ୍ଷରୁ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି।

## ୬ ବର୍ଷର ଶିଶୁକୁ ଦୁଷ୍କର୍ମ; ୩ ନାବାଳକ ଗିରଫ

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି): ଦିଲ୍ଲୀର ଭଜନପୁରା ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ କରାଯିବାର ଘଟଣା ସାମ୍ନାକୁ ଆସିଛି। ଏହି ମାମଲାରେ ପୁଲିସ ୩ ଜଣ ନାବାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ବୟସ ଯଥାକ୍ରମେ ୧୩, ୧୪ ଓ ୧୫ ବର୍ଷ ବୋଲି ପୁଲିସ କହିଛି। ଜାନୁଆରୀ ୧୮ ତାରିଖରେ ଏହି ଅଭାବନୀୟ ଘଟଣା ଘଟିଥିଲା। ପୀଡିତାଙ୍କ ମା ନିଜ ଝିଅକୁ ଧରି ଏକ ଦୋକାନକୁ ଯାଇଥିଲେ। ସେଠାରେ ଝିଅାକୁ ଛାଡ଼ି ସେ ପରିବା ଆଣିବାକୁ ଯାଇଥିଲେ। କିନ୍ତୁ କିଛି ସମୟ ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆସୁଥିବାର ସେ ଦେଖିବାକୁ ପାଇଥିଲେ। ମା ପଚାରିବା ପରେ ଝିଅ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଜଣାଇଥିଲା। ଏହାପରେ ମା ତାକୁ ଥାନକୁ ନେଇଯାଇଥିଲେ। ପୁଲିସ ପ୍ରଥମେ ସାହାଯ୍ୟ କରି ନଥିଲା। କିନ୍ତୁ ଚାପ ପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ବୋଲି ପୀଡିତାଙ୍କ ମା ଅଭିଯୋଗ କରିଛନ୍ତି। ଡାକ୍ତରୀ ମାଇନା ପରେ ଶିଶୁ କନ୍ୟାକୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଏହି ମାମଲାରେ ତଦନ୍ତ ଜାରି ରଖିଛି।

## ନିର୍ବାଚନ ପୂର୍ବରୁ ବାଂଲାଦେଶରେ ହୋଇପାରେ ବ୍ୟାପକ ହିଂସା

ୱାଶିଂଟନ, ୩୦।୧(ଏଜେନ୍ସି): ବାଂଲାଦେଶରେ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ହେବ। ତେବେ ଏହା ପୂର୍ବରୁ ଆମେରିକା ଦୂତାବାସ ସୁରକ୍ଷା ନେଇ ସତର୍କତା ଜାରି କରିଛି। ନିର୍ବାଚନ ପୂର୍ବରୁ ଦେଶରେ ରାଜନୈତିକ ହିଂସା କିମ୍ବା ଚରମପନ୍ଥୀ ଆକ୍ରମଣ ହେବାର ସମ୍ଭାବନା ରହିଛି। ବିଶେଷ କରି ସଭାସମିତି, ମତଦାନ କେନ୍ଦ୍ର ଏବଂ ଧାର୍ମିକ ସ୍ଥଳ ଯଥା ଚର୍ଚ୍ଚ, ମନ୍ଦିର ମସ୍‌ଜିଦ୍ ଆଦିକୁ ଟାର୍ଗେଟ କରାଯାଇପାରେ। ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ଶାନ୍ତିପୂର୍ଣ୍ଣ ମନେ ହେଉଥିବା ରାଲିରେ ମଧ୍ୟ ଯେକୌଣସି ସମୟରେ ହିଂସାତ୍ମକ ରୂପ ନେଇପାରେ। ତେଣୁ ନାଗରିକମାନେ ସତର୍କ ରହିବାର ଆବଶ୍ୟକତା ରହିଛି। ଫେବୃଆରୀ ୧୧ ଓ ୧୨ରେ ଢକାସ୍ଥିତ ଆମେରିକୀୟ ଦୂତାବାସ କାର୍ଯ୍ୟାଳୟ ବନ୍ଦ ରହିବ।

## ୪୧ ବଲୁଚ୍‌ଙ୍କୁ ହତ୍ୟାକଲା ପାକିସ୍ତାନ

ଇସଲାମାବାଦ, ୩୦।୧ (ଏଜେନ୍ସି): ବଲୁଚିସ୍ତାନରେ ପାକିସ୍ତାନ ସେନା ଅମାନବୀୟ କାଣ୍ଡ ଘଟାଇଛି। ଏକ ସାମରିକ ଅଭିଯାନନ ଆରମ୍ଭ କରି ଗୁରୁବାର ୪୧ ନାଗରିକଙ୍କୁ ହତ୍ୟା କରିଛି। ପାକିସ୍ତାନ ସେନାର ମିଛ ପ୍ରଚାରପ୍ରସାର କରୁଥିବା ଶାଖା ଇଣ୍ଟର ସର୍ଭିସେଜ ପବ୍ଲିକ ରିଲେସନ (ଆଇପିଏସଆର) ମୃତକଙ୍କୁ ଆତଙ୍କବାଦୀ କହିଛି। ଭାରତ ସହ ସେମାନେ ସମ୍ପର୍କ ରଖିଥିବା ଅଭିଯୋଗ କରିଛି, କିନ୍ତୁ ଏହାର କୌଣସି ପ୍ରମାଣ ଦେଇନାହିଁ। ମାତ୍ର ସ୍ଥାନୀୟ ନାଗରିକ ଏହାକୁ ଖଣ୍ଡନ କରିଦେଇଛନ୍ତି। ବଲୁଚିସ୍ତାନରେ ପାକିସ୍ତାନ ଚଳାଇଥିବା ଦମନ କାହାକୁ ଅଛପା ନାହିଁ। ଏହି ପ୍ରଦେଶର ହଜାର ହଜାର ଲୋକ ଆଜି ବି ନିଜ ସମ୍ପର୍କୀୟଙ୍କୁ ଖୋଜୁଛନ୍ତି। କାରଣ ବର୍ଷେ ତଳେ ଜୋର ଜବରଦସ୍ତି ପାକିସ୍ତାନ ସେନା ତାଙ୍କୁ ଉଠାଇ ନେଇଥିଲା।

## ପ୍ରକୃତ ପାଇଲଟ୍ ଉଡ଼ାଇ ନ ଥିଲେ ଅଜିତଙ୍କ ବିମାନ

ମୁମ୍ବାଇ, ୩୦।୧(ଏଜେନ୍ସି): ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଜାନୁଆରୀ ୨୮ରେ ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଏଥିରେ ପାଇଲଟ ସୁମିତ କପୁର, କୋ- ପାଇଲଟ ଶମ୍ଭାବୀ ପାଠକ, ଫ୍ଲାଇଟ୍ ଆଟେଣ୍ଡାଣ୍ଟ ପିଙ୍କି ମାଲି ଓ ଅଜିତଙ୍କ ସୁରକ୍ଷା ଗାର୍ଡ ବିଦିପ ଯାଦବ ମଧ୍ୟ ପ୍ରାଣ ହରାଇଥିଲେ। କିନ୍ତୁ ଏହି ବିମାନକୁ ପ୍ରକୃତ ପାଇଲଟ ଉଡାଇ ନଥିଲେ। ପୂର୍ବରୁ ନିର୍ଦ୍ଧାରିତ ଥିବା ପାଇଲଟ ଟ୍ରାଫିକ୍ ଫସିଯିବା କାରଣରୁ ଦୁର୍ଘଟଣା ମାତ୍ର କିଛି ଘଣ୍ଟା ପୂର୍ବରୁ ସୁମିତଙ୍କ ବିମାନ ଉଡ଼ାଇବାକୁ ନିର୍ଦ୍ଦେଶ ମିଳିଥିଲା। କ୍ୟାପଟେନ ସୁମିତ ଜଣେ ଅତି ବରିଷ୍ଠ ଓ ଅଭିଜ୍ଞ ପାଇଲଟ ଥିଲେ। ତାଙ୍କ ପାଖରେ ୨୦, ୦୦୦ ଘଣ୍ଟା ବିମାନ ଉଡ଼ାଇବାର ଅଭିଜ୍ଞତା ଥିଲା। ଗୁରୁବାର ଦିନ ୬୨ ବର୍ଷୀୟ ସୁମିତଙ୍କ ଦିଲ୍ଲୀର ପଞ୍ଜାବୀ ବାଗ୍‌ରେ ଅନ୍ତିମ ସଂସ୍କାର କରାଯାଇଥିଲା। ଦୁର୍ଘଟଣା ଦିନ ସୁମିତଙ୍କ ବିମାନ ଉଡ଼ାଇବା ଡ୍ୟୁଟି ନଥିଲା।

### ବାପାଙ୍କ ଉପରେ ପ୍ରଶ୍ନ ଉଠାଇଲେ ଭକ୍ତ

## ସନ୍ଦେହଜନକ ସ୍ଥିତିରେ ସାଧ୍ୱୀଙ୍କ ମୃତ୍ୟୁ



ବାଡମେର, ୩୦।୧ (ଏଜେନ୍ସି): ରାଜସ୍ଥାନରେ ପ୍ରବଚକ ତଥା ସାଧ୍ୱୀ ପ୍ରେମ ବାଇସାଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି। ଏହାକୁ ନେଇ ଭକ୍ତ ତାଙ୍କ ବାପାଙ୍କ ଉପରେ ପ୍ରଶ୍ନ ଉଠାଉଛନ୍ତି। ଏଭଳି ସ୍ଥିତିରେ ଶୁକ୍ରବାର ତାଙ୍କୁ ପୈତୃକ ଗ୍ରାମ ପରେଲିରେ ସମାଧି ଦିଆଯାଇଛି। ଏହି ଅନ୍ତିମ ଯାତ୍ରାରେ ଲକ୍ଷାଧିକ ଲୋକ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ଯୋଧପୁରର ଏକ ଘରୋଇ ହସ୍ପିଟାଲରେ ବୁଧବାର ତାଙ୍କୁ ଭର୍ତ୍ତି କରାଯାଇଥିଲା। ଏହାର କିଛି ମିନିଟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ୨୩ ବର୍ଷୀୟ ପ୍ରେମଙ୍କ ମୃତ୍ୟୁ ଏବେ ସନ୍ଦେହ ଘେରରେ ରହିଛି। ତାଙ୍କ ବାପା ବୀରମନାଥ ଦାବି କରିଛନ୍ତି ଯେ ଝିଅକୁ କେବଳ ସାମାନ୍ୟ ଜ୍ୱର ହୋଇଥିଲା। ଯୋଧପୁର ଆଶ୍ରମରେ ତାଙ୍କୁ ଏକ ଇଞ୍ଜେକ୍ସନ ଦିଆଯାଇଥିଲା। ଏହା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ହସ୍ପିଟାଲରେ ପ୍ରାଣ ହରାଇବା ପରେ ତାଙ୍କ ସୁଇସାଇଡ ନୋଟ୍ ମଧ୍ୟ ସାମ୍ନାକୁ ଆସିଥିଲା। ଏହାକୁ ନେଇ ସାଧ୍ୱୀଙ୍କ ସହ ଜଡ଼ିତ ବ୍ଲାକମେଲିଂ ମାମଲା ପୁଣି ଚର୍ଚ୍ଚାକୁ ଆସିଥିଲା। ସୂଚନା ଅନୁଯାୟୀ, ୨୦୨୫ ଜୁଲାଇ ୧୩ରେ ସାଧ୍ୱୀଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ସେ ଜଣେ ବ୍ୟକ୍ତିଙ୍କୁ ଆଲିଙ୍ଗନ କରୁଥିବା ଦେଖାଯାଇଥିଲା। କିଛି ଏହାକୁ ଅଶ୍ଳୀଳ କହି ପ୍ରଚାରପ୍ରସାର କରିଥିଲେ। ମାତ୍ର ପୁଲିସ ତଦନ୍ତରୁ ଭିଡିଓ ଏଡିଟିଂ କରାଯାଇଥିବା କହିଥିଲା। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ପ୍ରସଙ୍ଗରେ ସାଧ୍ୱୀ ଅଗ୍ନିପରୀକ୍ଷା ଦେବାକୁ ପ୍ରସ୍ତୁତ ଥିବା କହିଥିଲେ। ମୃତ୍ୟୁ ହେବା ପରେ ବାପା ବ୍ୟବଚ୍ଛେଦ ପାଇଁ ମନା କରିବାକୁ ଲୋକେ ତାଙ୍କ ଉପରେ ପ୍ରଶ୍ନ ଉଠାଉଛନ୍ତି।

### ରସିକିଆ ରାଷ୍ଟ୍ରପତି ଟ୍ରମ୍ପ

## ସୁନ୍ଦର ସ୍ତ୍ରୀ ପାଇଁ ସ୍ୱାମୀଙ୍କୁ କଲେ ସଚିବ



ୱାଶିଂଟନ, ୩୦।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜଣେ ରସିକିଆ ବ୍ୟକ୍ତି। ଯୌବନ ଅବସ୍ଥାରୁ ଏହି ଗୁଣ ତାଙ୍କଠାରେ ଭରପୂର ହୋଇ ରହିଛି। ସେଲିବ୍ରିଟି ହୁଅନ୍ତୁ ଅବା ପର୍ଣ୍ଣଷ୍ଟାର କିମ୍ବା ଏପଷ୍ଟିନ ଫାଇଲକୁ ନେଇ ଟ୍ରମ୍ପ ସର୍ବଦା ଚର୍ଚ୍ଚାରେ ଅଛନ୍ତି। ବୟସର ଅପରାହ୍ଣରେ ପାଦ ଦେଇ ଦେଶର ସବୁଠାରୁ ବଡ଼ ପଦରେ ବସିଥିଲେ ବି ସେ ଏହି ରସିକିଆ ସ୍ୱଭାବକୁ ଛାଡ଼ି ପାରି ନାହାନ୍ତି। ନିଜର ପ୍ରଥମ କାର୍ଯ୍ୟକାଳରେ ଅନ୍ୟ ଯୁବତୀଙ୍କ ସହ ସମ୍ପର୍କକୁ ନେଇ ପତ୍ନୀ ମେଲାନିଆଙ୍କ ସହ ତାଙ୍କର ତିକ୍ତତା ସୃଷ୍ଟି ହୋଇଥିଲା। କଥା ଛାଡ଼ପତ୍ର ଯାଏଁ ମଧ୍ୟ ପହଞ୍ଚି ଥିଲା। ହେଲେ ଦ୍ୱିତୀୟ କାର୍ଯ୍ୟକାଳରେ ଟ୍ରମ୍ପଙ୍କ ଏହି ଗୁଣ ପୁଣି ପ୍ରସ୍ଫୁଟିତ ହୋଇଛି। ଏହି ରସିକିଆ ଗୁଣ ପାଇଁ ବିବାଦ ଆରମ୍ଭ ହୋଇଯାଇଛି। ଆମେରିକା ରାଷ୍ଟ୍ରପତି ଏକ ସାକ୍ଷାତକାରରେ କହୁ କହୁ ସତ କହି ଦେଇଛନ୍ତି। ସ୍ତ୍ରୀର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସେ ସ୍ୱାମୀ ଡଗ୍ ବର୍ଗମଙ୍କୁ ନିଜ ସଚିବ ତଥା ଆଭ୍ୟନ୍ତରୀଣ ମନ୍ତ୍ରୀ ନିଯୁକ୍ତି କରିଥିବା କହିଛନ୍ତି। କାରଣ ବର୍ଗମଙ୍କ ପତ୍ନୀ କ୍ୟାଥରିନ ଟ୍ରମ୍ପଙ୍କୁ ବହୁତ ସୁନ୍ଦର ଲାଗିଥିଲେ। ତାଙ୍କ ସୁନ୍ଦରତା ଦେଖି ଆମେରିକା ରାଷ୍ଟ୍ରପତି ମୁଗ୍ଧ ହୋଇଯାଇଥିଲେ। ଟ୍ରମ୍ପ ହ୍ୱାଇଟ ହାଉସରେ ଗୁରୁବାର କହିଥିଲେ ଯେ ପ୍ରଥମ ଥର ପାଇଁ ଏକ ଭିଡିଓରେ ସେ କ୍ୟାଥରିନଙ୍କୁ ଦେଖିଥିଲେ। ଏଥିର୍ କ୍ୟାଥରିନ ଅଶ୍ୱ ଚାଳନା କରୁଥିଲେ। ଏହା ପରେ ସେ କ୍ୟାଥରିନଙ୍କ ବିଷୟରେ ସୂଚନା ସଂଗ୍ରହ କରିଥିଲେ। ପରେ ତାଙ୍କୁ ନିଯୁକ୍ତି କରିବାକୁ କହିଥିଲେ। ଯେଉଁ ବ୍ୟକ୍ତିଙ୍କ ପାଖରେ କ୍ୟାଥରିନଙ୍କ ଭଳି ପାର୍ଟନର ଥିବ ସେ ନିଶ୍ଚିତ ପକ୍ଷେ ପ୍ରଶଂସାର ପାତ୍ର ବୋଲି କହିଥିଲେ।

## ଭାରତଠାରୁ ଏସଇଜେଡ ଛଡ଼ାଇ ନେଲା ବାଂଲାଦେଶ



- ଡ୍ରୋନ୍ କାରଖାନା ପାଇଁ ଚୀନ୍‌କୁ ପ୍ରଦାନ କଲା ଜମି
- ବାଂଲାଦେଶକୁ ମିଳିବ ୨୦ଟି ଚୀନ ଲଢୁଆ ବିମାନ

ଢାକା, ୩୦।୧ (ଏଜେନ୍ସି): ଭାରତକୁ ପୁଣି ବଡ଼ ଝଟ୍‌କା ଦେଇଛି ବାଂଲାଦେଶ। ଭାରତ ପାଇଁ ସ୍ୱାଧୀନତା ପାଇଥିବା ବାଂଲାଦେଶ ଆଜି ନିଜର ମୂଳକୁ ଭୁଲି ନିଜ ଜମିକୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ଲଗାଇଛି। ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ କରି ଦୋଷ ଭାରତ ଉପରେ ଲଦିବା ପରେ ଏବେ ନୂଆଦିଲ୍ଲୀ ସହ ସମ୍ପର୍କକୁ ଅଧିକ ତିକ୍ତ କରିଦେଇଛି।

ବାଂଲାଦେଶ ଚିଟାଗଙ୍ଗ ବା ଚଟ୍ଟୋଗ୍ରାମରେ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଏସ୍‌ଇଜେଡ୍) ପାଇଁ ଭାରତକୁ ଦେଇଥିବା ଜମି ଆବଣ୍ଟନକୁ ପ୍ରତ୍ୟାହାର କରିନେଇଛି। ଆଉ ଏହି ଜମିକୁ କାମଚଳା ମହମ୍ମଦ ୟୁନୁସ ସରକାର ଭାରତ ବିରୋଧୀ ଚୀନକୁ ପ୍ରଦାନ କରିଛି। ଚୀନ ଏହି ଜମିରେ ଡ୍ରୋନ ତିଆରି କାରଖାନା ନିର୍ମାଣ କରିବ। ୮୫୦ ଏକର ପରିମିତ ଏହି ଜମିରେ ଚୀନ୍ ଚଳିତ ବର୍ଷଶେଷ ସୁଦ୍ଧା ଉତ୍ପାଦନ ଆରମ୍ଭ କରିବ। କେବଳ ସେତିକି ନୁହେଁ, ଚୀନ୍ ବାଂଲାଦେଶକୁ ଡ୍ରୋନ ଟେକ୍ନୋଲୋଜି ମଧ୍ୟ ହସ୍ତାନ୍ତର କରିବ। ଏଠାରେ ମିଡ଼ିୟମ ରେଞ୍ଜ୍ ଓ ଭର୍ଟିକାଲ ଲିଫ୍ଟ ଡ୍ରୋନ ତିଆରି ହେବ। ଏହି ଜମି ଭାରତର ସୀମାଠାରୁ ମାତ୍ର ୧୦୦ କମି ଦୂରରେ ଅବସ୍ଥିତ। ଫଳରେ ଏହି ପରିବର୍ତ୍ତିତ ସ୍ଥିତି ଭାରତ ପାଇଁ ଚିନ୍ତା ସୃଷ୍ଟି କରିଛି।

ବାଂଲାଦେଶର ଏହି ନିଷ୍ପତ୍ତି ଭାରତ ପାଇଁ ଉଭୟ ରଣନୈତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ବଡ଼ ଧକ୍କା ବୋଲି ବିବେଚନା କରାଯାଉଛି। ଏହି ପଦକ୍ଷେପ ପରେ ବାଂଲାଦେଶ ଦକ୍ଷିଣ ଏସିଆରେ ଭାରତ ଓ ପାକିସ୍ତାନ ପରେ ଡ୍ରୋନ ନିର୍ମାଣ ଦୃଷ୍ଟିକୋଣରୁ ତୃତୀୟ ଦେଶ ହେବ। ଚୀନ ମଧ୍ୟ ଗତବର୍ଷ ବାଂଲାଦେଶକୁ ୨୦ଟି ଜେ-୧୦ସିଇ ଫାଇଟର ଜେଟ୍ ତଥା ଲଢୁଆ ବିମାନ ଦେବା ପାଇଁ ଚୁକ୍ତି କରିଥିଲା। ଏହାର ଯୋଗାଣ ଚଳିତ ବର୍ଷ ଶେଷରୁ ଆରମ୍ଭ ହେବ। ସୂଚନାଯୋଗ୍ୟ ଯେ, ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାଂଲାଦେଶ ଗସ୍ତ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସହ ଏକ ଚୁକ୍ତି ହୋଇଥିଲା। ଚିଟାଗଙ୍ଗ ମୀରସରାଇଠାରେ ଭାରତୀୟ ନିବେଶକଙ୍କ ପାଇଁ ୮୫୦ ଏକର ଜମି ପ୍ରଦାନ କରାଯାଇଥିଲା। ଏହି ପ୍ରକଳ୍ପ ପାଇଁ ଭାରତ ୧୧୫ ମିଲିୟନ ଡଲାର ସହାୟତା ରାଶି ଦେଇଥିଲା। ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଓ ଭାରତୀୟ କମ୍ପାନୀଗୁଡ଼ିକୁ ବିଶେଷ ସୁବିଧା ପ୍ରଦାନ କରିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା। ଏଥିପାଇଁ ୨୦୧୯ରେ ବେଜା (ବିଇଜେଡ଼ଏ) ଓ ଆଦାନୀ ପୋର୍ଟସ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।

## ବାଂଲାଦେଶ-ପାକିସ୍ତାନ ମଧ୍ୟରେ ବିମାନ ସେବା ଆରମ୍ଭ

ଢାକା, ୩୦।୧(ଏଜେନ୍ସି): ବାଂଲାଦେଶ ଭାରତ ସହିତ ଶତ୍ରୁତା ବୃଦ୍ଧି କରୁଥିବା ବେଳେ ପାକିସ୍ତାନର ନିକଟତର ହେବାର ଲାଗିଛି। ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ବନ୍ଧୁତ୍ୱ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଏହିକ୍ରମରେ ଦୀର୍ଘ ୧୪ ବର୍ଷ ପରେ ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ସେବା ପୁଣି ଥରେ ଆରମ୍ଭ ହୋଇଛି। ଗୁରୁବାର ଢାକାରୁ 'ବିମାନ ବାଂଲାଦେଶ ଏୟାରଲାଇନ୍ସ'ର ପ୍ରଥମ ବିମାନ କରାଚୀର ଜିନ୍ନା ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛି। ଏହି ବିମାନକୁ ପାରମ୍ପରିକ ଢଙ୍ଗର 'ୱାଟର ସାଲ୍ୟୁଟ' ଦେଇ ସ୍ୱାଗତ କରାଯାଇଥିଲା। ପାକିସ୍ତାନ ବିମାନବନ୍ଦର କର୍ତ୍ତୃପକ୍ଷ କହିଛି ଯେ, ଦୁଇ ଦେଶ ମଧ୍ୟରେ ଏବେ ବନ୍ଧୁତ୍ୱର ଏକ ନୂଆ ଆଧ୍ୟାୟ ଆରମ୍ଭ ହୋଇଛି। ଏହିକ୍ରମରେ କରାଚୀ ବିମାନବନ୍ଦରରେ ଏକ ଉଚ୍ଚସ୍ତରୀୟ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ଢାକା-କରାଚୀ ରୁଟ୍‌ରେ ସପ୍ତାହରେ ଦୁଇଥର ଗୁରୁବାର ଓ ଶନିବାର ଉଡ଼ାଣ ହେବ। ପ୍ରାରମ୍ଭିକ ଭାବେ ବିମାନ କମ୍ପାନୀକୁ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ ଏକ ପରୀକ୍ଷାମୂଳକ ଅନୁମତି ପ୍ରଦାନ କରାଯାଇଛି। ଏହାପରେ ଦୀର୍ଘ ସମୟ ପାଇଁ ସ୍ଥାୟୀ ଅନୁମତି ଦିଆଯାଇପାରେ ବୋଲି କୁହାଯାଇଛି।

### ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଶଙ୍କରାଚାର୍ଯ୍ୟଙ୍କ ଆହ୍ୱାନ

## ୪୦ ଦିନରେ ହିନ୍ଦୁ ହେବାର ପ୍ରମାଣ ଦିଅ

ବାରାଣସୀ, ୩୦।୧ (ଏଜେନ୍ସି): ପ୍ରୟାଗରାଜ ମାଘମେଳା ଛାଡ଼ିବା ସତ୍ତ୍ୱେ ଜ୍ୟୋତିଷ ମଠ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ଥମିବାର ନା ଧରୁନି। ଏବେ ଶଙ୍କରାଚାର୍ଯ୍ୟ ବାରାଣସୀରୁ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଆହ୍ୱାନ ଦେଇଛନ୍ତି। ଯଦି ପ୍ରକୃତ ହିନ୍ଦୁ ତେବେ ପ୍ରମାଣ ଦିଅ। ଗାଈକୁ ରାଜ୍ୟମାତା ଘୋଷଣା କର, ନଚେତ କାଳନେମି, ଠକ ଏବଂ ନକଲି ହିନ୍ଦୁ ଧରାଯିବ ବୋଲି କହିଛନ୍ତି। ସେ ଏଥିପାଇଁ ଯୋଗୀଙ୍କୁ ୪୦ ଦିନିଆ କଣ୍ଟ ଦେଇଛନ୍ତି। ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ ମୋତ ମଗା ଯାଇଥିବା ପ୍ରମାଣପତ୍ର ମୁଁ ପ୍ରଦାନ କରିଛି। ପ୍ରମାଣ ସତ୍ୟ ହୋଇଥିବାରୁ ସରକାର ତାହାକୁ ମାନିନେଲେ । ଏବେ ମୁଖ୍ୟମନ୍ତ୍ରୀ ନିଜେ ହିନ୍ଦୁ ହେବାର ପ୍ରମାଣ ଦେବା ଉଚିତ। ସେ ୪୦ ଦିନ ଭିତରେ ଗୋଭକ୍ତ ହେବାର ପ୍ରମାଣ ଦିଅନ୍ତୁ। ଯଦି ପ୍ରମାଣ ଦେଇ ନ ପାରିବେ ତେବେ ତାଙ୍କୁ ନକଲି ଧରାଯିବ। ଖାଲି ଦେଖେଇ ହେବାକୁ ସେ ଗେରୁଆ ବସ୍ତ୍ର ପିନ୍ଧୁଥିବା ଧରାଯିବ।

ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏବଂ ଜଗତଗୁରୁ ରାମଭଦ୍ରାଚାର୍ଯ୍ୟ ଘେରାବନ୍ଦୀ କରି ଗୋହତ୍ୟା ବନ୍ଦ ପାଇଁ କହୁଥିବା ଲୋକଙ୍କ ଉପରେ ଆକ୍ରମଣ କରାଉଛନ୍ତି। ପ୍ରକୃତ ହିନ୍ଦୁ ହୋଇଥିଲେ ଗୋମାଂସ ରପ୍ତାନୀ ବନ୍ଦ କରି, ନଚେତ ଅଣ-ହିନ୍ଦୁ ଘୋଷଣା କରିଦିଆଯିବ। ମାର୍ଚ୍ଚ ୧୦-୧୧ରେ ଲକ୍ଷ୍ନୌରେ ସବୁ ସନ୍ଥ-ମହନ୍ତ ଏବଂ ଆଚାର୍ଯ୍ୟ ଏକାଠି ହେବେ। ଏଠାରେ କିଏ ହିନ୍ଦୁ ଆଉ କିଏ ହିନ୍ଦୁ ହୃଦୟ ସମ୍ରାଟ କିମ୍ବା ନକଲି ହିନ୍ଦୁ ଘୋଷଣା କରାଯିବା ଉଚିତ। ନକଲି ହିନ୍ଦୁଙ୍କ ପର୍ଦ୍ଦାଫାସ କରିବାର ସମୟ ଆସିଯାଇଛି। ହିନ୍ଦୁଙ୍କ ସହ ବହୁତ ବଡ଼ ଛଳ ହୋଇଛି। ନିଜକୁ ସାଧୁ, ଯୋଗୀ, ସନ୍ଥ ଏବଂ ଗେରୁଆଧାରୀ କହୁଥିବା ବ୍ୟକ୍ତି ଓ ତାଙ୍କ ପାର୍ଟି ଦ୍ୱାରା କରାଯାଉଛି। ପ୍ରଶାସନ କ୍ଷମା ମାଗିବାକୁ ନେଇ ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ ଇତିହାସରେ ପ୍ରଥମ ଥର ପାଇଁ ଜଣେ ଶଙ୍କରାଚାର୍ଯ୍ୟଙ୍କୁ ପ୍ରମାଣ ମଗା ଯାଇଥିଲା। ଏଠାରେ ଗୋମାଂସ ବିକ୍ରି ହେଉଛି। ଏହାକୁ ୪୦ ଦିନରେ ବନ୍ଦ କରି ଦେଖାନ୍ତୁ। ଏହା ପରେ ଯାଇ ଆମେ ମାନିବୁ ଆପଣ ହିନ୍ଦୁ। ଏହି ଅବଧି ଭିତରେ ବନ୍ଦ ନ ହେଲେ ଲକ୍ଷ୍ନୌ ଆସି ସନ୍ଥ-ମହାତ୍ମା ସହ ବୈଠକ କରି ନିନ୍ଦା କରିବୁ।

## ଥରୁର୍‌ଙ୍କ ପ୍ରଶଂସା; ରାହୁଲ ଜଣେ ସଚ୍ଚୋଟ ନେତା

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି): କଂଗ୍ରେସ ବିରଷ୍ଠ ନେତା ତଥା ସାଂସଦ ଶଶି ଥରୁର ରାହୁଲ ଗାନ୍ଧୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ରାହୁଲ ଜଣେ ସଚ୍ଚୋଟ ନେତା ବୋଲି ଅଭିହିତ କରିଛନ୍ତି। ମୁଁ କେବେ ରାହୁଲଙ୍କ ବିରୋଧରେ କୌଣସି ଅନୁଚିତ ମନ୍ତବ୍ୟକୁ ସମର୍ଥନ କରିନାହିଁ। ରାହୁଲ ସାମ୍ପ୍ରଦାୟିକତା, ଘୃଣା ଓ ବିଭାଜନର ରାଜନୀତି ବିରୋଧରେ କ୍ରମାଗତ ଭାବେ ସ୍ୱର ଉତ୍ତୋଳନ କରି ଆସୁଛନ୍ତି। ଏଥିପାଇଁ ଲୋକେ ତାଙ୍କୁ ପସନ୍ଦ କରୁଛନ୍ତି। ସେ ଜଣେ ସଚ୍ଚୋଟ ନେତା। ଏ ନେଇ ମୋର କୌଣସି ଭିନ୍ନ୍ ମତ ନାହିଁ। ରାହୁଲ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଭେଟିବାର ଗୋଟିଏ ଦିନ ପରେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ଏଥିସହ ସେ କଂଗ୍ରେସ ଛାଡ଼ିବା ନେଇ ହେଉଥିବା ଚର୍ଚ୍ଚା ଓ ଅନୁମାନକୁ ଖଣ୍ଡନ କରିଛନ୍ତି। କଂଗ୍ରେସ ପ୍ରତି ଥିବା ତାଙ୍କ ଅନୁଗତ୍ୟକୁ ସେ ଦୋହରାଇଛନ୍ତି। ଆଗକୁ କେରଳରେ ଆୟୋଜନ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନରେ ସେ ୟୁଡିଏଫ୍ ଅଭିଯାନରେ ନେତୃତ୍ୱ ନେବେ ବୋଲି କହିଛନ୍ତି। ଦଳର ଆଭିମୁଖ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବେଳେବେଳେ ମୁଁ ନିଜର ବ୍ୟକ୍ତିଗତ ରଖିଥାଏ। ସେ କହିଛନ୍ତି ଯେ, ଯେଉଁ ବିଷୟଗୁଡ଼ିକରେ ଦଳର କୌଣସି ନିର୍ଦ୍ଦିଷ୍ଟ ଅଭିମୁଖ୍ୟ ନଥାଏ, ସେଠାରେ ବ୍ୟକ୍ତିଗତ ମତ ଦେବାରେ କୌଣସି ସମସ୍ୟା ନାହିଁ।

## କଶ୍ମୀରର ସୋନମାର୍ଗରେ ପାରା ବିୟୁକ୍ତ ୧୧.୨ ଡିଗ୍ରୀ

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ତୁଷାରପାତ ଯୋଗୁଁ ଶୀତ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ରାତିରେ ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ତଳକୁ ଖସିଛି। ସୋନମାର୍ଗ ସବୁଠାରୁ ଥଣ୍ଡା ଅନୁଭୂତ ହୋଇଥିଲା। ଏଠାରେ ତାପମାତ୍ରା ବିୟୁକ୍ତ ୧୧.୨ ଡିଗ୍ରୀରେ ରେକର୍ଡ କରାଯାଇଛି। ସେହିପରି ଗୁଲମାର୍ଗରେ ବିୟୁକ୍ତ ୯ ଓ କୁପୱାଡ଼ାରେ ବିୟୁକ୍ତ ୩.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅନ୍ୟପଟେ ଶୁକ୍ରବାର ସକାଳେ ମଧ୍ୟପ୍ରଦେଶ ଓ ରାଜସ୍ଥାନର ଅନେକ ଜିଲ୍ଲା ଘନ କୁହୁଡ଼ିରେ ଆଚ୍ଛାଦିତ ହୋଇଥିଲା। କୁହୁଡ଼ି ଯୋଗୁଁ ମଧ୍ୟପ୍ରଦେଶ ଗ୍ୱାଲିୟରରେ ଭିଣ୍ଡ ରୋଡ଼ ହାଇୱେରେ ଏକ ଟ୍ରକ୍ ଓ କାର୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ କାର୍‌ରେ ଥିବା ସବୁ ୪ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୨ଜଣ ମହିଳା ଓ ୨ ଜଣ ପୁରୁଷ ଅଛନ୍ତି। ସେହିପରି ରାଜସ୍ଥାନର ଭିଲୱାଡ଼ା ଜିଲ୍ଲାର ଜାତୀୟ ରାଜପଥ-୫୮ରେ କୁହୁଡ଼ି କାରଣରୁ ୫ରୁ ଅଧିକ ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଏଥିରେ ୩ଜଣ ମୃତ୍ୟୁବରଣ କରିଥିବା ବେଳେ ୬ରୁ ଅଧିକ ଆହତ ହୋଇଛନ୍ତି।

## କୁକୁର ଆକ୍ରମଣରେ ମହିଳା ଗୁରୁତର; ଲାଗିଲା ୫୦ ଷ୍ଟିଚ

ବେଙ୍ଗାଲୁରୁ, ୩୦।୧ (ଏଜେନ୍ସି): କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁର ଏଚଏସଆର ଲେଆଉଟ ସ୍ଥିତ ଟିଚର୍ସ କଲୋନୀରେ ପ୍ରାତଃ ଭ୍ରମଣ ଜଣେ ମହିଳାଙ୍କ ପାଇଁ ଦୁଃସ୍ୱପ୍ନ ପାଲଟି ଯାଇଛି। ତାଙ୍କ ଉପରେ ଏକ ପୋଷା କୁକୁର ପ୍ରାଣାନ୍ତକ ଆକ୍ରମଣ କରିଛି। ମହିଳାଙ୍କ ମୁଣ୍ଡ, ମୁହଁ, ହାତ ଏବଂ ପାଦକୁ କାମୁଡ଼ି କାମୁଡ଼ି ଛିଡ଼ାଇ ଦେଇଛି। ନିକଟରେ ଯାଉଥିବା ଜଣେ ଯୁବକଙ୍କୁ କୁକୁରକୁ ରୋକିବାରୁ ମହିଳାଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମହିଳାଙ୍କ ମୁଣ୍ଡ ଏବଂ ମୁହଁରେ ୫୦ରୁ ଅଧିକ ଷ୍ଟିଚ ଲାଗିଛି। ଗତ ୨୬ ତାରିଖ ସକାଳେ ଏହି ଦୁର୍ଘଟଣା ଘଟିଥିଲା। ଏହାର ଭିଡିଓ ଶୁକ୍ରବାର ସାମ୍ନାକୁ ଆସିଛି।

## ଭେନେଜୁଏଲା ରାଷ୍ଟ୍ରପତିଙ୍କ ସହ କଥାହେଲେ ମୋଦୀ

ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଭେନେଜୁଏଲାର କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ଡେଲ୍ସି ରୋଡ୍ରିଗଜଙ୍କ ସହ ଫୋନ ବାର୍ତ୍ତାଳାପ କରିଛନ୍ତି। ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜବୁତ କରିବାକୁ ସହମତି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ଏହାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଉଭୟ ଦେଶ ସବୁ କ୍ଷେତ୍ରରେ ସହଯୋଗକୁ ଅଧିକ ନିବିଡ଼, ସମ୍ପ୍ରସାରଣ ଏବଂ ନୂଆ ଶିଖରରେ ପହଞ୍ଚାଇବା ପାଇଁ ମିଳିତ ଭିଜନ ସହ ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଇଛୁ। ଭେନେଜୁଏଲାରେ ବଡ଼ ରାଜନୈତିକ ପରିବର୍ତ୍ତନ ଦେଖିବାକୁ ମିଳିଥିବାବେଳେ ଉଭୟ ନେତା ବାର୍ତ୍ତାଳାପ କରିଛନ୍ତି। ଆମେରିକା ଆକ୍ରମଣ କରି ପୂର୍ବତନ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଅପହରଣ କରିବା ପରେ ଡେଲ୍ସି ରାଷ୍ଟ୍ରପତି ହୋଇଥିଲେ।

## ପୁଣ୍ୟତିଥିରେ ମହାତ୍ମା ଗାନ୍ଧୀଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି): ସାରା ଦେଶରେ ଶୁକ୍ରବାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ୭୮ତମ ଜନ୍ମତିଥି ବା ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବଡ଼ ବଡ଼ ନେତା ରାଜଘାଟ ଯାଇ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୋଦୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିରେ ମୋର ଶତଶତ ପ୍ରଣାମ। ପୂଜ୍ୟ ବାପୁ ସବୁବେଳେ ସ୍ୱଦେଶୀ ଉପରେ ଗୁରୁତ୍ୱ ଦେଉଥିଲେ, ଯାହା ବିକଶିତ ଭାରତ ଓ ଆତ୍ମନିର୍ଭର ଭାରତ ପାଇଁ ଆମ ସଂକଳ୍ପର ଆଧାରସ୍ତମ୍ଭ। ତାଙ୍କର ବ୍ୟକ୍ତିତ୍ୱ ଓ କାର୍ଯ୍ୟ ଦେଶବାସୀଙ୍କୁ କର୍ତ୍ତବ୍ୟ ପଥରେ ଚାଲିବା ପାଇଁ ସଦାସର୍ବଦା ପ୍ରେରଣା ଦେବ। ସେହିପରି କଂଗ୍ରେସ ବିରଷ୍ଠ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ, ମହାତ୍ମା ଗାନ୍ଧୀ କେବଳ ଜଣେ ବ୍ୟକ୍ତି ନୁହନ୍ତି, ସେ ଏକ ବିଚାରଧାରା।

## ଭାରତର ସର୍ବବୃହତ ପାଠାଗାର ନିର୍ମାଣ କଲେ ଏନ୍‌କେ ଗୌଡ଼ା

ବେଙ୍ଗାଲୁରୁ, ୩୦।୧(ଏଜେନ୍ସି): ସାରା ବିଶ୍ୱରେ ହିଂସା ଓ ଯୁଦ୍ଧର ବିଭୀଷିକା ଚାଲିଥିବା ବେଳେ କର୍ଣ୍ଣାଟକରୁ ଏକ ସକାରାତ୍ମକ ଖବର ସାମ୍ନାକୁ ଆସିଛି। କର୍ଣ୍ଣାଟକର ଜଣେ ବ୍ୟକ୍ତି ଭାରତର ସର୍ବବୃହତ ପାଠାଗାର ନିର୍ମାଣ କରିବାର ଆସାଧାରଣ କାର୍ଯ୍ୟ କରିଛନ୍ତି। ସେ ହେଉଛନ୍ତି ମାଣ୍ଡ୍ୟା ଜିଲ୍ଲା ହରଳହଲ୍ଲୀ ଗ୍ରାମର ୭୭ ବର୍ଷୀୟ ଏନ୍‌କେ ଗୌଡ଼ା। ସେ ନିର୍ମାଣ କରିଥିବା ଏହି ପାଠାଗାରରେ ୨୦ ଲକ୍ଷ ପୁସ୍ତକ ରଖିଛନ୍ତି। ସେ ବର୍ଷ ବର୍ଷ ଧରି ନିଜ ଦରମାର ୮୦ ପ୍ରତିଶତ ଅଂଶ କେବଳ ବହି କିଣିବାରେ ଖର୍ଚ୍ଚ କରି ଆସିଛନ୍ତି। ଏହି ପାଠାଗାରର ନାମ 'ପୁସ୍ତକ ମାନେ' ରଖାଯାଇଛି। ଏଠାରେ ବିଶ୍ୱର ପ୍ରାୟ ସମସ୍ତ ପ୍ରକାଶନର ପୁସ୍ତକଗୁଡ଼ିକ ସ୍ଥାନ ପାଇଛି। ସାହିତ୍ୟ ପାଇଁ ତାଙ୍କର ଅତୁଳନୀୟ ଅବଦାନ ପାଇଁ କେନ୍ଦ୍ର ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରିବାକୁ ଘୋଷଣା କରିଛନ୍ତି। ଏଠାରେ ବିଭିନ୍ନ ଭାଷାରେ ୫ ହଜାର ଅଭିଧାନ ରହିଛି। ଏହା ବ୍ୟତୀତ ପୁରାଣ, ଉପନିଷଦ, କୋରାନ ଓ ୨୦୦-



୩୦୦ ବର୍ଷ ପୁରୁଣା ଅନେକ ଐତିହାସକ ପୁସ୍ତକ ରହିଛି। ରାମାୟଣ- ମହାଭାରତର ପ୍ରାୟ ୩-୩ ହଜାର ସଂସ୍କରଣ ରହିଛି। ମହାତ୍ମା ଗାନ୍ଧୀଙ୍କ ଉପରେ ୨, ୫୦୦ରୁ ଅଧିକ ବହି ସହିତ ନୋବେଲ ବିଜେତା, ସାହିତ୍ୟ ଏକାଡେମୀ ଏବଂ ଜ୍ଞାନପୀଠ ପୁରସ୍କାର ବିଜେତାଙ୍କ ଅନେକ କୃତି ଏହି ପାଠାଗାରରେ ରହିଛି। 'ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସ' ସମେତ ଅନେକ ସଂସ୍ଥା ଏହି ବିରଳ ପାଠାଗାରକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏନ୍‌କେ ଗୌଡ଼ା ଜଣେ ବସ୍ କଣ୍ଡକ୍ଟର ଭାବେ ଜୀବନ ଆରମ୍ଭ କରିବା ପରେ ଚିନି କାରଖାନାରେ ୩୦ ବର୍ଷ କାମ କରିଥିଲେ। ବହି ପ୍ରତି ତାଙ୍କର ଥିବା ଅହେତୁକ ନିଶା ପାଇଁ ସେ ନିଜ ଆୟର ଅଧିକାଂଶ ଅଂଶ ଖର୍ଚ୍ଚ କରିବା ସହ ମହୀଶୂରରେ ଥିବା ନିଜର ସମ୍ପତ୍ତି ମଧ୍ୟ ବିକ୍ରି କରିଦେଇଥିଲେ। ଆର୍ଥିକ ଅଭାବ କାରଣରୁ ସେ ନିଜ ପରିବାର ସହ ପାଠାଗାର ଭିତରେ ରୁହନ୍ତି ଓ ଏକ କୋଣରେ ରୋଷେଇ କରିବା ସହ ଚଟାଣରେ ଶୁଅନ୍ତି। ଗୌଡ଼ାଙ୍କ ସଂଘର୍ଷମୟ ଜୀବନ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

### ଯୋଗାଣ ମନ୍ତ୍ରୀଙ୍କ ଘରୁ ଘରୋଇ ସହାୟକଙ୍କ ଶବ ଉଦ୍ଧାର

# ମୁହଁ ନ ଖୋଲିବାକୁ ମୃତକଙ୍କ ପରିବାର ଉପରେ ଚାପ !

**ଗୁମର ଚାପି ଦେବାକୁ ପୁଲିସର 'ଅପରେସନ ସାଇଲେନ୍ସ'**

**୪ଘଣ୍ଟା ଭିତରେ ଭୁବନେଶ୍ୱରରୁ ଶବ ଗାଏବ୍ କରିଦେଲେ**

ଭୁବନେଶ୍ୱର/ ପାଟଣାଗଡ଼, ୩୦।୧ (ସମିସ): ଯୋଗାଣ ମନ୍ତ୍ରୀଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରୁ ତାଙ୍କ ଘରୋଇ ସହାୟକ ଶଙ୍କର୍ଷଣ ନାଗଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ ଦେହ ମିଳିବା ଘଟଣାର ରହସ୍ୟ ଘନେଇବାରେ ଲାଗିଛି। ବିଦ୍ୟୁତ୍ ଆଘାତରେ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିଲା ବେଳେ ପ୍ରକୃତରେ ଶଙ୍କର୍ଷଣଙ୍କ ମୃତ୍ୟୁ କିଭଳି ଏବଂ କେଉଁ ପରିସ୍ଥିତିରେ ଘଟିଛି ତାହା ଏବେ ବି ଅସ୍ପଷ୍ଟ। ପୁଲିସ ନିରବତା ଏହି ଘଟଣାକୁ ଅଧିକ ସନ୍ଦେହଘେରକୁ ଟାଣି ନେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଉଲ୍ଲେଖ କରି ପୁଲିସ ସମୟ ଗଡ଼ାଇ ଚାଲିବା ସାଧାରଣରେ ଅଧିକ ସନ୍ଦେହ ସୃଷ୍ଟି କରିଛି। ଗୁରୁବାର କ୍ୟାପିଟାଲ ଥାନା ଅନ୍ତର୍ଗତ ଯୋଗାଣ ମନ୍ତ୍ରୀଙ୍କ ସରକାରୀ କ୍ୱାର୍ଟର୍ସରୁ ଅଚେତ ଅବସ୍ଥାରେ ଶଙ୍କର୍ଷଣଙ୍କ ମୃତ ଦେହ ମିଳିଲା। କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲେ। ମୃତ୍ୟୁ ଖବର ମିଳିବା ମାତ୍ରେ ତତ୍‌କ୍ଷଣାତ୍ କମିଶନରେଟ୍ ପୁଲିସର ନିରବ ଅପରେସନ ଆରମ୍ଭ ହୋଇଥିଲା। ମନ୍ତ୍ରୀଙ୍କ ଘରର ଘଟଣା କାହା କାନକୁ ଯେପରି ଖବର ଯିବ ନାହିଁ; କେହି ବି ଯେପରି କିଛି ଜାଣି ପାରିବେ ନାହିଁ। ଗଣମାଧ୍ୟମକୁ ଏହି ମାମଲାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରଖିବା ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା। ୪ଘଣ୍ଟା ମଧ୍ୟରେ ଯେପରି ଭୁବନେଶ୍ୱରରୁ ମୃତ ଦେହ ଗାଏବ୍ କରି ପୁଲିସ ଏହି ଅପରେସନରେ ସଫଳ ହୋଇଥିଲେ ହେଁ ପୁଲିସ ଓ ସରକାରଙ୍କ ଗଳାରେ ଏବେ ଏହି ଘଟଣା କଣ୍ଟା ହୋଇଛି।

ମନ୍ତ୍ରୀଙ୍କ ଘରୁ ମୃତ ହେବ ମିଳିବା ଏକ ସମ୍ବେଦନଶୀଳ ଘଟଣା। ଏହି ଘଟଣାରେ ଭୁବନେଶ୍ୱର ପୁଲିସ ଜିଲ୍ଲାର ମୁଖିଆ ଡିସିପି ଜଗମୋହନ ମୀନା ସାମ୍ନାକୁ ଆସି ଏହି ମାମଲା ସମ୍ପର୍କରେ ଲୋକଙ୍କ ସନ୍ଦେହ ଦୂର କରିବା କଥା। ମାତ୍ର ପୁଲିସ ନିଜର 'ଅପରେସନ୍ ସାଇଲେନ୍ସ' ସଫଳତାକୁ ନେଇ ଖୁସି ବନାଇବାରେ ବ୍ୟସ୍ତ। ମାତ୍ର କେଉଁ କାରଣ ପାଇଁ ଏହି ଘଟଣାକୁ ସମସ୍ତେ ମିଳିମିଶି ଚାପି ଦେବାକୁ ଉଦ୍ୟମ କଲେ ଓ ଏହା ପଛରେ କି ରହସ୍ୟ ରହିଛି ତାହା ସାଧାରଣରେ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ଶଙ୍କର୍ଷଣ ତାଙ୍କ ପରିବାର ସହିତ ୩୦ବର୍ଷ ଧରି କୃଷ୍ଣଚନ୍ଦ୍ର ପାତ୍ରଙ୍କ ପାଖରେ ରହୁଥିଲେ। ଗାଈ ଗୁହାଳରେ କାମ କରି ଆସୁଥିଲେ। ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ବଲାଙ୍ଗୀର ଜିଲ୍ଲା ଭରୁଆମୁଣ୍ଡା ପଞ୍ଚାୟତର ଫୁଲକାନୀ ଗାଁକୁ ଚାଲି ଯାଇଛନ୍ତି। ସେଠାରେ ସେହିଦିନ ହିଁ ଶବ ସତ୍କାର ହୋଇଛି। ପରିବାର ଲୋକଙ୍କ ବ୍ୟବହାର ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଛନ୍ତି। ପରିବାର ଲୋକେ ଗାଁକୁ ଆସିବା ବେଳ ଠାରୁ ମୁହଁ ଖୋଲୁ ନାହାନ୍ତି। ମୃତ୍ୟୁର କାରଣ ପଚାରିଲେ କାହାକୁ କିଛି ବି କହୁ ନାହାନ୍ତି। ଏପରିକି ଘରୁ ବାହାରକୁ ବାହାରିବା ବନ୍ଦ କରିଦେଇଛନ୍ତି। ପରିବାର ଲୋକଙ୍କୁ ମୁହଁ ନ ଖୋଲିବାକୁ କେହି ଭୟଙ୍କର ଚାପ ପକାଇଛି। ସେମାନଙ୍କ ମନରେ ଭୟ ସ୍ପଷ୍ଟ ଭାବେ ବାରି ହୋଇଯାଉଛି ବୋଲି ସ୍ଥାନୀୟ ଲୋକେ ସେମାନଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

### ଯୋଗାଣ ମନ୍ତ୍ରୀଙ୍କ ବାସଭବନରେ ସହଯୋଗୀଙ୍କ ମୃତ୍ୟୁ ଘଟଣା

# ବିଧିବଦ୍ଧ ତଦନ୍ତ ସହ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଲା ବିଜେଡି



**ଯୁଡି କେସ୍ କରି ପରିବାରଲୋକଙ୍କୁ ତରବରିଆ ଶବ ହସ୍ତାନ୍ତର**

**ମୃତକଙ୍କ ପରିବାର ସହିତ ବାର୍ତ୍ତାଳାପ କରାଇ ଦିଆଯାଉ ନାହିଁ**

ଭୁବନେଶ୍ୱର,୩୦।୧(ସମିସ): ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସରକାରୀ ବାସଭବନରେତାଙ୍କରଜଣେସହଯୋଗୀଙ୍କ ମୃତ୍ୟୁ ଘଟଣାରେ ପ୍ରଶ୍ନ ଉଠାଇଛି ବିଜେଡି। ମୃତକଙ୍କ ଶବକୁ ତରବରିଆ ଭାବେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବା ଉପରେ ଦଳ ପ୍ରଶ୍ନ ଉଠାଇବା ସହ ଏହାକୁ ନେଇ ରାଜ୍ୟ ବିଜେପି ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇଛି।

ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଥିଲେ, ରାଜ୍ୟର ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ତାଙ୍କର ଜଣେ ସହଯୋଗୀଙ୍କ ଅକସ୍ମାତ୍ ମୃତ୍ୟୁ ଘଟୁଛି। ସରକାର କେବଳ ଏକ ଅପମୃତ୍ୟୁ ମାମଲା (ୟୁଡି କେସ୍) ରୁଜୁ କରି ମୃତକଙ୍କ ଶବ ତାଙ୍କ ପରିବାରକୁ ହସ୍ତାନ୍ତର କରି ଦେଇଛନ୍ତି। ସରକାରଙ୍କ ଏହି ତରବରିଆ ଉଦ୍ୟମ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ରାଜ୍ୟର ଗୃହ ମନ୍ତ୍ରାଳୟର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖରେ ଥିବାରୁ ଏହି ଘଟଣାର ସତ୍ୟାସତ୍ୟ ସେ ଓଡିଶାବାସୀଙ୍କ ସମ୍ମୁଖରେ ରଖିବା ଉଚିତ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।

ସେ ଆହୁରି କହିଛନ୍ତି, ବ୍ୟକ୍ତି ଜଣଙ୍କର ମୃତ୍ୟୁ ବିଦ୍ୟୁତ୍ ଆଘାତରେ ହେଲା ବୋଲି କୁହାଯାଉଥିବା ବେଳେ, ସରକାରୀ ବାସଭବନରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିବା ଏକ ସାଙ୍ଘାତିକ ଘଟଣା। ଏହା ନିଶ୍ଚିତ ଭାବେ ଏକ ସୁରକ୍ଷା ତ୍ରୁଟି। ବ୍ୟକ୍ତି ଜଣଙ୍କର ମୃତ୍ୟୁ କିପରି ହେଲା ଓ ତାଙ୍କ ମୃତ୍ୟୁ ପାଇଁ କିଏ ଦାୟୀ, ଏନେଇ ବିଧିବଦ୍ଧ ତଦନ୍ତ ହେବାର ଆବଶ୍ୟକ ଅଛି ବୋଲି ଦଳ ଦାବି କରିଛି। ଏହାସହିତ ମୃତକଙ୍କ ଶବ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିବା ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ପରିବାର ସଦସ୍ୟଙ୍କ ସହିତ ବାର୍ତ୍ତାଳାପ କରିବାକୁ ବାରଣ କରାଯାଇଥିଲା। ଏହାଦ୍ୱାରା ସରକାର କିଛି ଲୁଚାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଜଣାପଡୁଛି। ତେଣୁ ରାଜ୍ୟ ସରକାର ଏହି ମାମଲାର ଉପଯୁକ୍ତ ତଦନ୍ତ କରି ମୃତ୍ୟୁର କାରଣ ସମ୍ବନ୍ଧରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

# ପୁଣି ଡିଜେ ନେଲା ଜୀବନ

### ବିକଟାଳ ସାଉଣ୍ଡରେ ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ

ନାଉଗାଁ, ୩୦।୧ (ସମିସ): ପୁଣି ଡିଜେ ନେଲା ଜୀବନ। ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ତିହୁଡ଼ା ଗ୍ରାମରେ ଗତ ରାତିରେ ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ଉଲ୍ଲାସ ନାୟକ ଓରଫ୍ ବଗୁଲି। ଗତ ରାତିରେ ବଗୁଲି ଘରେ ଥିବା ବେଳେ ଏକ ବରଯାତ୍ରୀ ଶୋଭାଯାତ୍ରା ତାଙ୍କ ଗାଁ ଦାଣ୍ଡ ଦେଇ ଯାଇଥିଲା। ବିକଟାଳ ଡିଜେ ସାଉଣ୍ଡରେ ପୂରା ଗାଁ କମ୍ପୁଥିବା ବେଳେ ବଗୁଲିଙ୍କ ଛାତିରେ ଭୟଙ୍କର ଯନ୍ତ୍ରଣା ହୋଇଥିଲା। ପରିବାରଲୋକ ତାଙ୍କୁ ତୁରନ୍ତ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ କହିବା କଥା, ଅତ୍ୟଧିକ ଉଚ୍ଚ ଶବ୍ଦ ଯୋଗୁଁ ବଗୁଲିଙ୍କ ହୃଦ୍‌ଘାତ ହୋଇଥିବା ଅନୁମାନ କରାଯାଉଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ରାତି ୧୨ଟା ପରେ କେଉଁ ପ୍ରଶାସନିକ ଅନୁମତି ଆଧାରରେ ଏଭଳି ଉଚ୍ଚ ଶବ୍ଦରେ ଡିଜେ ବଜାଯାଉଥିଲା, ସେନେଇ ସ୍ଥାନୀୟ ଲୋକେ ପ୍ରଶ୍ନ କରିବା ସହ ଏ ସଂପର୍କରେ ଅଭିଯୋଗ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଗ୍ରାମାଞ୍ଚଳରେ ଡିଜେ ସାଉଣ୍ଡ ନିଷିଦ୍ଧ ଥିବା ସତ୍ତ୍ୱେ ନାଉଗାଁ ଅଞ୍ଚଳରେ କାହା ନିର୍ଦ୍ଦେଶରେ ଖୁଲମଖୁଲା ଏହାର ଉଲ୍ଲଂଘନ ହେଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତ ବଗୁଲି ନାଉଗାଁ ବଜାର ପରିବା ହାଟରେ ତୋଳା କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ପତ୍ନୀ ଅନସୂୟା ନାଉଗାଁ ଗ୍ରାମ ପଞ୍ଚାୟତ ୧୮ ନମ୍ବର ୱାର୍ଡର ୱାର୍ଡମେମ୍ବର୍। ତାଙ୍କର ଦୁଇ କନ୍ୟା ସନ୍ତାନ ଅଛନ୍ତି। ଉଲ୍ଲାସଙ୍କ ଡିଜେ ସାଉଣ୍ଡ ଜନିତ ହୃଦ୍‌ଘାତ ବିୟୋଗରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଥିବା ବେଳେ ଦୁଇ ଝିଅଙ୍କ ଭବିଷ୍ୟତ ନେଇ ଚିନ୍ତା ବଢ଼ିଛି। ଘଟଣାର ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ପୀଡ଼ିତ ପରିବାରକୁ ଯଥୋଚିତ ସହାୟତା ଦେବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

# କେନ୍ଦ୍ରାପଡ଼ାରୁ ୩ ବାଂଲା ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର

କେନ୍ଦ୍ରାପଡ଼ା, ୩୦।୧(ସମିସ): କେନ୍ଦ୍ରାପଡ଼ାରେ ରହୁଥିବା ୩ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର କରାଯାଇଛି। ସେମାନେ ହେଲେ, ମୁନତାଜ ଖାନ(୬୫), ଇନସାନ୍ ଖାନ(୫୯) ଓ ଅମିନା ବିବି(୭୦)। ଏମାନେ ସମସ୍ତେ ଗୋଟିଏ ପରିବାରର ଓ ସଂପର୍କରେ ଭାଇ-ଭଉଣୀ ବୋଲି ଜଣାଯାଇଛି। ପ୍ରଶାସନ ପକ୍ଷରୁ ଅନୁପ୍ରବେଶକାରୀ ଯାଞ୍ଚ ଅଭିଯାନ ବେଳେ ଏମାନଙ୍କୁ ଚିହ୍ନଟ କରାଯାଇଥିଲା।

ସୂଚନାନୁଯାୟୀ, ଏହି ପରିବାରର ସମୁଦାୟ ୫ଜଣ ସଦସ୍ୟ ୧୯୮୭ ମସିହା ପୂର୍ବରୁ ଭାରତରେ ଅନୁପ୍ରବେଶ କରିଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ଦୀର୍ଘ ସମୟ ଧରି କେନ୍ଦ୍ରାପଡ଼ାରେ ସ୍ଥାୟୀ ଭାବେ ବସବାସ କରୁଥିଲେ। ମୁନତାଜ ଓ ଇନସାନ ସଦର ବ୍ଲକ୍ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଗରାପୁର ବସ୍ତିରେ ରହୁଥିବା ବେଳେ ସେମାନଙ୍କ ଭଉଣୀ ଅମିନା ବିବି ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଅରୁଣନଗର ଅଞ୍ଚଳରେ ବସବାସ କରୁଥିଲେ। ପରିବାରର ଅନ୍ୟ ୨ଜଣ ସଦସ୍ୟ ମୃତ ବୋଲି ସୂଚନା ମିଳିଛି। ଏହି ଦେଶାନ୍ତର ପ୍ରକ୍ରିୟା ସମ୍ପର୍କରେ ପୁଲିସ ପକ୍ଷରୁ କୌଣସି ଆଧିକାରିକ ସୂଚନା ଜାରି କରାଯାଇନାହିଁ।

# ଏମ୍‌ସିଏଲ୍ କନିକା ସାଇଡିଂରେ ସିବିଆଇ ଚଢ଼ଉ

ରାଉରକେଲା, ୩୦।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ଗର୍ଜନବାହାଲର କୋଇଲା ଖଣି ଓ କନିକା ସାଇଡିଂରେ ଆଜି ସିବିଆଇ ପକ୍ଷରୁ ଚଢ଼ଉ କରାଯାଇଛି। ସିବିଆଇର ତିନୋଟି ଟିମ୍ ଏମସିଏଲ ଗର୍ଜନବାହାଲ, କୁଲଡ଼ା କୋଇଲା ଖଣି ଓ କନିକା ରେଲୱେ ସାଇଡିଂରେ ଚଢ଼ଉ ଜାରି ରଖିଥିବା ଜଣାପଡ଼ିଛି। ଯାଞ୍ଚ ବେଳେ ଖଣିରୁ ସାଇଡିଂକୁ ଯାଉଥିବା ୭୫ହଜାର ଟନ୍ କୋଇଲାର ହିସାବ ମିଳୁନଥିବା ସୂଚନା ମିଳିଛି। କୋଇଲା ଚୋରାଚାଲାଣ ନେଇ ହୋଇଥିବା ଅଭିଯୋଗକୁ ନେଇ ଦିଲ୍ଲୀରୁ ଆସିଥିବା ଏହି ସିବିଆଇର ତିନିଟି ଦଳ ଏକକାଳୀନ ଯାଞ୍ଚ ଚଳାଇଛନ୍ତି। କନିକା ରେଲୱେ ସାଇଡିଂ ଇନଚାର୍ଜ ସି.ପି ସେଠୀଙ୍କୁ ତାଙ୍କ କମ୍ପାନି ନିବାସରୁ ଓ ଗର୍ଜନବାହାଲ ଖଣି କର୍ମଚାରୀଙ୍କୁ ଉଠାଇ ନେଇ କନିକା ସାଇଡିଂରେ ଜେରା କରାଯାଉଥିବା ସୂଚନା ମିଳିଛି। କୋଇଲା କିଭଳି ସାଇଡିଂ ମାଧ୍ୟମରେ ପାର ହେଉଥିଲା, କିଏ ନେଉଥିଲା, କେଉଁଠିକୁ ଯାଉଥିଲା ସିବିଆଇ ଟିମ୍ ତାର ତନାଘନା କରୁଥିବା ସୂଚନା ମିଳିଛି।

### ପୂରଣ ହେଉନାହିଁ ଦାବି

# ସାମୂହିକ ଛୁଟିରେ ଯିବାକୁ ପ୍ରାଥମିକ ଶିକ୍ଷକଙ୍କ ପ୍ରସ୍ତୁତି

ଭୁବନେଶ୍ୱର, ୩୦।୧(ସମିସ): ବାରମ୍ବାର ପ୍ରତିଶ୍ରୁତି ପରେ ମଧ୍ୟ ସରକାର ପୂରଣ କରୁନାହାନ୍ତି ପ୍ରାଥମିକ ଶିକ୍ଷକଙ୍କ ଦାବି। ଏଥିନିମନ୍ତେ ପ୍ରାଥମିକ ଶିକ୍ଷକ ସଂଘ ସାମୂହିକ ଛୁଟିରେ ଯିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଫେବୃଆରୀ ପ୍ରଥମ ବା ଦ୍ୱିତୀୟ ସପ୍ତାହରୁ ଶିକ୍ଷକମାନେ ସାମୂହିକ ଛୁଟିରେ ଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏପରିକି ସରକାର ଯେପରି ଆନ୍ଦୋଳନ ସମୟରେ ସଂଘରେ ଫାଟ ସୃଷ୍ଟି କରିବାରେ ସକ୍ଷମ ନ ହେବେ ସେଥିପାଇଁ ଶିକ୍ଷକ ସଂଘ ପୁରା ପ୍ରସ୍ତୁତି ଚଳାଇଛି। ଫଳରେ ପରୀକ୍ଷା ପୂର୍ବରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ଠପ୍ ହେଇ ଯିବାର ଆଶଙ୍କା ସୃଷ୍ଟି ହୋଇଛି।

ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ରାଜ୍ୟ ଷ୍ଟିଅରିଂ କମିଟି ସଦସ୍ୟ ଓ ଜିଲ୍ଲା ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ବ୍ୟାପକ ଆଲୋଚନା ହୋଇଥିଲା। ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ସହିତ ଜାନୁଆରୀ ଶେଷ ସୁଦ୍ଧା ଦାବି ପୂରଣ ନ ହଲେ ସାମୂହିକ ଭାବେ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଥିଲେ। ଜାନୁଆରୀ ଶେଷ ହେଉଥିବାବେଳେ ଶିକ୍ଷକଙ୍କ ଦାବି ପୂରଣ ସମ୍ପର୍କରେ ସରକାର କୌଣସି ଉତ୍ତର ନେଇ ନ ଥିବାରୁ ଆସନ୍ତା ସପ୍ତାହ ଠାରୁ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଆଲୋଚନା ଆରମ୍ଭ ହୋଇଛି। ପ୍ରାଥମିକ ଭାବେ କିଛି ବ୍ଲକ୍ ଓ ଜିଲ୍ଲାରେ ବୈଠକ କରିବା ସହ ଛୁଟି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସମର୍ଥନ ଦେଉଛନ୍ତି। ସରକାର ଦାବି ପୂରଣ କରିବା ବଦଳରେ ଏକ କମିଟି ଗଢ଼ି କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି ବୋଲି ସଂଘ ଅଭିଯୋଗ କରିଛି। ପୁନଶ୍ଚ କମିଟି ସହିତ ବୈଠକ ପାଇଁ ଡାକୁଥିଲେ ମଧ୍ୟ ମୂଳପ୍ରସଙ୍ଗ ଉପରେ ଆଲୋଚନା ପରିବର୍ତ୍ତେ କେବଳ ଦାବିପତ୍ର ସମ୍ପର୍କିତ ଆଲୋଚନାରେ ସୀମିତ ରହୁଛନ୍ତି। ବିଭିନ୍ନ ଶିକ୍ଷକ ସଂଗଠନର ଭିନ୍ନ ଭିନ୍ନ ଦାବି ରହୁଥିବାରୁ ଅଧିକ ଗୋଳିଆ ସ୍ଥିତି ସୃଷ୍ଟି ହେଉଛି। ଏଣୁ କମିଟି ରିପୋର୍ଟ ଉପରେ ଏନେକ ଭରସା କରିପାରୁ ନାହାନ୍ତି।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ କାର୍ଯ୍ୟରତ ପ୍ରାୟ ୧୫ଲକ୍ଷ ଶିକ୍ଷକ ଆସନ୍ତା ସପ୍ତାହରେ ବିଇଓ ଏବଂ ସଚିବଙ୍କୁ ପ୍ରଦାନ କରି ସାମୂହିକ ଛୁଟି ସମ୍ପର୍କରେ ସେହିଦିନ ଘୋଷଣା କରିବେ। ଏପରି ହେଲେ ପରୀକ୍ଷା ପୂର୍ବରୁ ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ଭୁଷୁଡ଼ି ପଡ଼ିବାର ଆଶଙ୍କା ରହିଛି। ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ପ୍ରଭାବିତ ହେବାର ଆଶଙ୍କା କରି ଅଭିଭାବକମାନେ ମଧ୍ୟ ଚିନ୍ତିତ ରହିଛନ୍ତି। ମାତ୍ର ଶିକ୍ଷକ ଆନ୍ଦୋଳନକୁ ପ୍ରଶମିତ କରିବାକୁ ବ୍ୟାପକ ଉଦ୍ୟମ ହେଉଥିବାରୁ ଶିକ୍ଷକ ନେତୃତ୍ୱମାନେ ହାତେ ମାପି ଚାଖଣ୍ଡେ ଚାଲିବାକୁ ପସନ୍ଦ କରୁଛନ୍ତି।

# ବାଲି ମାଫିଆଙ୍କୁ ଇଡିର ଡକରା

ଭୁବନେଶ୍ୱର, ୩୦।୧(ସମିସ): ବେଆଇନ୍ ବାଲି ଚୋରା ଚାଲାଣ ମାମଲାରେ କିଛିଦିନ ତଳେ ଇଡି ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ନଗଦ ଟଙ୍କା ଜବତ କରିଥିଲା। ଏହି ମାମଲାକୁ ଅତ୍ୟନ୍ତ ଗମ୍ଭୀର ଭାବରେ ନେବା ସହ ଇଡ଼ି ବାଲି ମାଫିଆ ଓ ସେମାନଙ୍କ ସମ୍ପର୍କରେ ଥିବା ଅନେକ ଲୋକଙ୍କୁ ହାଜର ପାଇଁ ନୋଟିସ ଦେଇଛି। ଏଥିରେ ବ୍ରହ୍ମପୁରର ବାହୁବଳୀଙ୍କ ଠାରୁ ଆରମ୍ଭ କରି ଏକାଧିକ ରାଜନେତାଙ୍କ ନାମ ଥିବା କୁହାଯାଉଛି। ଏହି କ୍ରମରେ ବ୍ରହ୍ମପୁରର ହୃଷିକେଶ ପାଢ଼ୀଙ୍କ ପୁଅ ସଚିନ ପାଢ଼ୀ ଓ ଯୁବ କଂଗ୍ରେସ ନେତା ବିଶ୍ୱଜିତ୍ ପାତ୍ର ଆଜି ଇଡ଼ିରେ ହାଜର ହୋଇଛନ୍ତି। ସେମାନଙ୍କୁ ଇଡି ଅଧିକାରୀମାନେ ବହୁ ସମୟ ଧରି ଜେରା କରିଛନ୍ତି। ବାଲି ଚାଲାଣ କେବେ ଠାରୁ ଚାଲିଲାଣି? ଏଥିରେ କିଏ କିଏ ସାମିଲ ରହିଛନ୍ତି? ବାଲି ଚାଲାଣ ସିଣ୍ଡିକେଟ୍‌ର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି? ବେଆଇନ ଭାବେ ଆସୁଥିବା ଟଙ୍କା କେଉଁଠି ନିବେଶ ହୋଇଛି। ଏଥିରେ କୌଣସି ସରକାରୀ ଅଧିକାରୀଙ୍କ ରହିଛି କି ବୋଲି ଅନେକ ପ୍ରଶ୍ନ ସେମାନଙ୍କୁ କରାଯାଇଛି। ସେହିପରି ବାଲି ମାଫିଆଙ୍କ ଲିଙ୍କରେ ଏକାଧିକ ଲୋକ ଆଗାମୀ ଦିନରେ ହାଜର ହେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

### ବର୍ଷାଙ୍କୁ ନିର୍ଯାତନା ଘଟଣାରେ ଅନୁଭବଙ୍କ ବିରୋଧରେ ଚାଲିବ ମାମଲା

# ଅନୁଭବଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ, ୩୦।୧(ସମିସ): ପୂର୍ବତନ ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ଅଡୁଆ ବଢ଼ିଲା। ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ପୁରୀଘାଟ ଥାନାରେ ଆଇପିସିର ଧାରା ୪୯୮(କ) ଆଧାରରେ ରୁଜୁ ନିର୍ଯାତନା ମାମଲାରୁ ମୁକ୍ତ ପାଇଁ ଅନୁଭବଙ୍କ ପକ୍ଷରୁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ପୁରୀଘାଟ ଥାନା ଏତଲା ଆଧାରରେ ନିମ୍ନ ଅଦାଲତରେ ଅନୁଭବ ଓ ସହଯୋଗୀଙ୍କ ବିରୋଧରେ ମାମଲା ଚାଲିବ ବୋଲି ସ୍ପଷ୍ଟ ହୋଇଛି। ଅନୁଭବ ମହାନ୍ତି, ସୁଜିତ ଦଳେଇ ଓ ଖଗେନ୍ଦ୍ର ପ୍ରସାଦ ସାହୁଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ ଏହି ମାମଲାର ଶୁଣାଣି ଶେଷ କରି ଅଦାଲତ ରାୟକୁ ସଂରକ୍ଷିତ ରଖିଥିବା ବେଳେ ଆଜି ରାୟ ପ୍ରକାଶ ପାଇଛି। ବିବାହ ବିଚ୍ଛେଦ ମାମଲାରେ ଛାଡ଼ପତ୍ର ହୋଇସାରିଥିବା ତଥା ଘରୋଇ ହିଂସା ମାମଲାରୁ ଛାଡ଼ ପାଇ ସାରିଥିବାରୁ ଏହି ଅପରାଧିକ ମାମଲା ଗ୍ରହଣଯୋଗ୍ୟ ନୁହେଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। ଏହାକୁ କିନ୍ତୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି।

ପ୍ରକାଶଥାଉକି, ୨୦୨୦ ନଭେମ୍ବରରେ ପୁରୀଘାଟ ଥାନାରେ ବର୍ଷା ପ୍ରିୟଦର୍ଶିନୀଙ୍କ ଅଭିଯୋଗକ୍ରମେ ଏହି ମାମଲା ରୁଜୁ ହୋଇଥିଲା। ସେହି ସମୟରେ ଅନୁଭବଙ୍କ ଘରେ ରହୁଥିବା ବେଳେ ବର୍ଷାଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏପରିକି, ବର୍ଷାଙ୍କୁ ଅନୁଭବଙ୍କ ଇଙ୍ଗିତରେ ନନ୍ଦିସାହିସ୍ଥିତ ଘରେ ତାଙ୍କର ସହଯୋଗୀ ସୁଜିତ ଓ ଖଗେନ୍ଦ୍ର ହଇରାଣ ହରକତ କରିବା ସହ ତାଲା ପକାଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୁଲିସ ଚାର୍ଜସିଟ୍ ଦାଖଲ କଲା ପରେ କଟକ ଏସଡିଜେଏମ୍ ଅଦାଲତଙ୍କ ଗତ ୨୦୨୪ ମେ' ୮ର ଚାର୍ଜଫ୍ରେମ୍ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଅନୁଭବ ହାଇକୋର୍ଟରେ ପିଟିସନ୍ ଦାୟର କରିଥିଲେ। ଏହାକୁ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। ବର୍ଷାଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧାର୍ଥ ଦାସ ମାମଲା ପରିଚାଳନା କରୁଥିଲେ।

# ନୟାଗଡ଼ ଜଙ୍ଗଲରେ ୬ରୁ ଉର୍ଦ୍ଧ୍ୱ କଳାବାଘ



ନୟାଗଡ଼, ୩୦।୧ (ସମିସ): ନୟାଗଡ଼ ବନଖଣ୍ଡ ଅଧୀନ ଜଙ୍ଗଲରେ ୬ରୁ ଉର୍ଦ୍ଧ୍ୱ କଳା କଲରାପରତିଆ ବାଘ ରହିଥିବା ବନ ବିଭାଗ ସୂଚନା ଦେଇଛି। ଏହି ତଥ୍ୟ ପଦାକୁ ଆସିବା ପରେ ବନ୍ୟପ୍ରାଣୀପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

ଜିଲ୍ଲାର ଜଙ୍ଗଲରେ କଳାବାଘ ସଂଖ୍ୟା ବୃଦ୍ଧି ପାଇଥିବା ଅନୁମାନ କରିଛି ବନବିଭାଗ। ବାଘଗଣନା ଶେଷ ହୋଇ ନ ଥିଲେ ମଧ୍ୟ ଟ୍ରାପ୍ କ୍ୟାମେରା ଭିଜୁଆଲକୁ ଭିତ୍ତି କରି ଏବେ ପାଖାପାଖି ୭ଟି କଳାବାଘ ଥିବା ଅନୁମାନ କରାଯାଇଛି। ଏଥିରେ କିଛି ଛୁଆ କଳାବାଘ ମଧ୍ୟ ରହିଛନ୍ତି। ଦଶପଲ୍ଲା ଏବଂ ଗଣିଆ ଅଞ୍ଚଳରେ ଥିବା ସାତକୋଶିଆ ଜଙ୍ଗଲରେ ଏହି କଳାବାଘ ଥିବା ଜଣାପଡ଼ିଛି। ଗତବର୍ଷ ଜିଲ୍ଲାର ଜଙ୍ଗଲରେ କଳାବାଘ ବୁଲୁଥିବା ଭିଡିଓ ଭାଇରାଲ ହୋଇଥିଲେ ମଧ୍ୟ ବନବିଭାଗ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇନଥିଲା। ଜିଲ୍ଲାରେ ବନ୍ୟଜନ୍ତୁଙ୍କ ସୁରକ୍ଷା ବିଶେଷ କରି କଳାବାଘଙ୍କ ଚଳପ୍ରଚଳ ଉପରେ ନଜର ରଖିବା ପାଇଁ ଟ୍ରାପ୍ କ୍ୟାମେରା ଲଗାଯିବା ସହ ସ୍କ୍ୱାଡ୍ ଗଠନ କରାଯାଇ ସବୁ ସମୟରେ ପ୍ରହରା ଦିଆଯାଉଛି। ଜେନେଟିକ୍ କାରଣରୁ କଳାବାଘଙ୍କ ସୃଷ୍ଟି ଏବଂ ଜଙ୍ଗଲରେ ବାଘ ସଂଖ୍ୟା ହ୍ରାସ ଯୋଗୁ ଜେନେଟିକ୍ ସମସ୍ୟା ହେଉଥିବା ପରିବେଶବିତ୍ କହିଛନ୍ତି। ବାଘ ସଂଖ୍ୟା ବୃଦ୍ଧି ହେଲେ ପରିବେଶ ସନ୍ତୁଳନ ସହ ଜଙ୍ଗଲକୁ ସୁରକ୍ଷା ଦିଆଯାଇପାରିବ ବୋଲି ପୂର୍ବତନ ବନକର୍ମଚାରୀ କହିଛନ୍ତି।




● ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞ

# ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦେବେ ପୂର୍ଣ୍ଣାହୁତି

ରାୟଗଡ଼ା, ୩୦।୧(ସମିସ): ଶନିବାର ୩୧ ଜାନୁଆରୀରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପି ରାୟଗଡ଼ା ସହରର ଜେଏସକୋ ପଡିଆ ଠାରେ ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱ ଶାନ୍ତି ଦେବ ମହାଯଜ୍ଞ ଆୟୋଜନ କରାଯାଇଛି । ତିନି ଦିନରେ ୩ ହଜାରରୁ ଅଧିକ ଦମ୍ପତି ଯଜ୍ଞରେ ବସିବାର କାର୍ଯ୍ୟକ୍ରମ ରହିଛି । ଅବିଭକ୍ତ କୋରାପୁଟ ସମେତ ଦକ୍ଷିଣ ପଶ୍ଚିମ ଓଡ଼ିଶାର ୮ଟି ଜିଲ୍ଲା ଓ ଆନ୍ଧ୍ର ପ୍ରଦେଶର ୩ଟି ଜିଲ୍ଲାର ଭକ୍ତ ମାନେ ସାମିଲ ହେବେ ବୋଲି ମହାଯଜ୍ଞ ସମନ୍ୱୟ ସମିତିର ଆବାହକ ମିଟସ ଗ୍ରୁପର ଅଧକ୍ଷ ବାଳକୃଷ୍ଣ ପଣ୍ଡା, ଯୋଗୀ ଶ୍ରୀ ଚୈତନ୍ୟ ରାମଜୀ, ବିଜେପି ନେତା ୟାଲା ଭେଙ୍କେଟେଶ୍ୱର ରାଓ ସୂଚନା ଦେଇଛନ୍ତି । ଆସନ୍ତା ଫେବୃଆରୀ ୨ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଯୋଗ ଦେଇ ପୂର୍ଣ୍ଣାହୁତି ଦେବାର କାର୍ଯ୍ୟକ୍ରମ ରହିଥିବାରୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଯଜ୍ଞ ସ୍ଥଳ ସମେତ ରାୟଗଡା ସହରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶୁକ୍ରବାର ଦିନ ୧୦୦୮ ଜଣ ମହିଳାଙ୍କ ଦ୍ୱାରା ହନୁମାନ ଚାଳିଶା, ଗୀତା ପାଠ, ଲଳିତା ସାହସ୍ରନାମ ପାରାୟଣ ସହ କଳସ ଯାତ୍ରା କାର୍ଯ୍ୟକ୍ରମ ରହିଛି । ହରିପୁର ଗୁରୁକୁଳ ଓ ମିଟସ ଗ୍ରୁପ ଦ୍ୱାରା ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ସଫଳ ଆୟୋଜନ ପାଇଁ ବିଜେପି ନେତା ତଥା ରାୟଗଡ଼ା ଟ୍ରକ ମାଲିକ ସଂଘ ସଭାପତି ୟାଲା ଭେଙ୍କେଟେଶ୍ୱର ରାଓ, ବିଶ୍ୱ ସାଧନା କେନ୍ଦ୍ରର ପ୍ରମୁଖ ବାବା ଯୋଗୀ ଶ୍ରୀଚୈତନ୍ୟ ରାମଜୀ, ଯଜ୍ଞ କମିଟି ସଂଯୋଜକ କୀର୍ତ୍ତିଚନ୍ଦ୍ର ସାହୁ, ଶ୍ରୀମତୀ ବିଦ୍ୟୁଲତା ହୁଇକା, ପ୍ରଭାକର ଦୋରା, ବିଶ୍ୱଜିତ ପଣ୍ଡା, ଶ୍ରୀରାମ ପଣ୍ଡା ଓ ରାଜୁ ସାହୁ ପ୍ରମୁଖ ସହଯୋଗ କରିଆସୁଛନ୍ତି । ପ୍ରତିଦିନ ଅପରାହ୍ନରେ ଡ଼ଃ ଆଚାର୍ଯ୍ୟ ସୁଦର୍ଶନ ଦେବ ମହାରାଜ ଯୋଗଦେଇ ବେଦ, ବେଦାନ୍ତ, ଉପନିଷଦ ସମ୍ପର୍କରେ ପ୍ରବଚନ ଦେବେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆର୍ଯ୍ୟ ସମାଜ ଯଜ୍ଞ ପରିଚାଳନା ପ୍ରମୁଖ ଇଂ ସୁବ୍ରତ ସାମଲ, ଗୁରୁକୁଳ ହରିପୁର ନୂଆପଡା ଆଶ୍ରମ ସଂଚାଳକ ଡ. ସୁଦର୍ଶନ ଦେବ ଆଚାର୍ଯ୍ୟ, କଳାହାଣ୍ଡି ସ୍ଥିତ ଆର୍ଯ୍ୟ ସମାଜ ସଂଚାଳକ ବାନପ୍ରସ୍ଥ ପୁରୁଷୋତ୍ତମ ମୁନି ପ୍ରମୁଖ ଯୋଗଦେଇ ପ୍ରବଚନ ଦେବେ । ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞ ଡ଼ଃ ସୁଦର୍ଶନ ଦେବ ଆଚାର୍ଯ୍ୟଙ୍କ ବ୍ରହ୍ମତ୍ୱରେ ସମ୍ପନ୍ନ ହେବ ବୋଲି କୁହାଯାଇଛି ।

# ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ନନ୍ଦପୁର, ୩୦।୧ (ସମିସ): ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ନନ୍ଦପୁର ସିଦ୍ଧେଦେବୀ ମାଧମିକ ବିଦ୍ୟାଳୟର ଅଧ୍ୟାପକ ରବିନାରାୟଣ ଶତପଥୀ, ସମ୍ମାନିତ ଅତିଥି ଭାବେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂର୍ଗା ପ୍ରସାଦ ଦୋରା, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମମତାଜ ଗୋମାଙ୍ଗ, ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସନ୍ଦୀପ ପଣ୍ଡା, ସରପଞ୍ଚ ସାଜେନ୍ତି କ୍ରିସାନି, ସମିତି ସଭ୍ୟା ବିନୋଦିନୀ ସମାର୍ଡି ପ୍ରମୁଖ ଯୋଗ ଦେଥିଲେ । ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟ ଉନ୍ନତି ସହ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ହୋଇଥିବା ବିଭିନ୍ନ କୃତିତ୍ୱ ପ୍ରତିଯୋଗିତା ମୂଳକ ପରୀକ୍ଷା ରେ କୃତିତ୍ୱ ଲାଭ ସହ ବିଦ୍ୟାଳୟ ଇତିହାସ ଓ ବର୍ତ୍ତମାନ ସ୍ଥିତି ଉପରେ ଆଲୋକପାତ କରିଥିଲେ । ଏହି ଅବସର ରେ ଅବସର ପ୍ରାପ୍ତ ଦୁଇ ଶିକ୍ଷକ ବେଣୁ ଗୋପାଳ ବେହେରା ଓ ହିନ୍ଦୀ ଫକୀର କୁମାର ବାରିକଙ୍କୁ ମୁଖ୍ୟ ଅତିଥି ଶ୍ରୀ କାଡ଼ାମ ସମ୍ବର୍ଦ୍ଧିତ କରିଥିଲେ । ପରେ ବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥଲା । ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ ରେ ଆଦିବାସୀ ନେତା ଭଗବାନ ପେଟିଆ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ନନ୍ଦ ଖରା, ସାମାଜିକ କର୍ମୀ ମୁନା ଦଳପତି, କଂଗ୍ରେସ ବ୍ଲକ୍ ସଭାପତି ମଦନ ହାଡପୁଟିଆ, ବାବୁ ରାଓ ଖରା ଧନନାପତି ସୀସା, କଂଗ୍ରେସ ଜିଲ୍ଲା ଉପ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ବିଧାୟକ ପ୍ରତିନିଧି କାମେଶ କାମୁଡି, ରାମକୃଷ୍ଣ ପଡାଲ, ସଞ୍ଜୀବ ଖରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଦୀପ ତ୍ରିପାଠୀ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଭେଜାଗୁଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୟପୁର, ୩୦।୧(ସମିସ): ଜୟପୁର ବ୍ଲକ କାଳିଆ ଗାଁ କ୍ଲଷ୍ଟର ଭେଜାଗୁଡା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ ଯୋଗ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ କାଳିଆଗାଁ ଗ୍ରାମ ପଞ୍ଚାୟତର ସରପଞ୍ଚ ତ୍ରିନାଥ ପୂଜାରୀ, ସମିତି ସଭ୍ୟ ମନ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତୁଳାବତୀ ଖାତି, ସଦସ୍ୟ ଟି ପ୍ରକାଶ ଦୋରା, ଆଞ୍ଚଳିକ ସାଧନ କେନ୍ଦ୍ର କର୍ମୀ ରାମେଶ୍ୱର ପଣ୍ଡା, ଅଭିମନ୍ୟୁ ପ୍ରଧାନ ଏବଂ ଜୟପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାଶ, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ଉପ ସଭାନେତ୍ରୀ ମମତା ମହାପାତ୍ର, କୋଷାଧକ୍ଷ ପୁରନ୍ଦର ନାୟକ, ସହ ସମ୍ପାଦକ ମନୋରଞ୍ଜନ ପଲାଇଙ୍କ ସମେତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ପାରିହି, ରଞ୍ଜିତ ମହାନ୍ତି, ମନୋଜ ପଟ୍ଟନାୟକ ଯୋଗ ଦେଇଥିଲେ । ବାର୍ଷିକ କ୍ରୀଡ଼ାରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବିଦ୍ୟାଳୟର ଶିକ୍ଷକ ମିଥୁନ ନାହାକ, ଦେବସ୍ମିତା ପଣ୍ଡା, ଅର୍ଚ୍ଚନା ମହାନ୍ତି, ଅମ୍ରିତା ପାଢ଼ୀ, ସତ୍ୟବାନ ପ୍ରଧାନ ସହଯୋଗ କରିଥିଲେ ।

# ଖାତିଗୁଡ଼ା ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତେନ୍ତୁଲିଖୁଣ୍ଟି,୩୦।୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ବକ୍ତାଭାବରେ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ କୁଳ ରଞ୍ଜନ ସୁନା, ଏବିଇଓ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପରଜା ବାରଙ୍ଗପଦର ପଞ୍ଚାୟତ ସରପଞ୍ଚ ବନ୍ଦିତା ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ପ୍ରମୋଦା ସାମଲ, ପୂର୍ବତନ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରମେଶ ଟାକ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ବିରିଗୁଡା ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସଂଜୀବ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷକ ନବୀନ କୁମାର ନାୟକ ବିଦ୍ୟାଳୟ ବାର୍ଷିକ ବିବରଣୀ ପଠନ ସହ ବିଦ୍ୟାଳୟ ଛାତ୍ରଛାତ୍ରୀକୁ ମିଳିଥିବା କୃତିତ୍ୱ ଉପସ୍ଥାପନ କରିଥିଲେ । ଅତିଥିଙ୍କ ହସ୍ତରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ମମତା ପାଣିଗ୍ରାହୀ, ରୀତା ବେହେରା, ଶିକ୍ଷକ ହରେକୃଷ୍ଣ ଭତ୍ରାଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଶେଷରେ କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଗରିବଙ୍କୁ କମ୍ବଳ ବଣ୍ଟନ

ପଟାଙ୍ଗି, ୩୦।୧(ସମିସ): କୋରାପୁଟରେ ପ୍ରବଳ ଶୀତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ରହିଛି । ତେଣୁ ସେମିଳିଗୁଡା ଅଞ୍ଚଳର ସମାଜସେବୀ ଏସ ଚିନ୍ନା ରାଓ ଡେକାପାର ଗ୍ରାମକୁ ଗସ୍ତ କରି ସେଠାକାର ବୃଦ୍ଧବୃଦ୍ଧାଙ୍କ ନିକଟରେ ପହଞ୍ଚି ଥଣ୍ଡା ଦାଉରୁ ରକ୍ଷା ପାଇବା ନିମନ୍ତେ କମ୍ବଳ ବଣ୍ଟନ କରିଥିଲେ । ଗ୍ରାମର ମୋଟ ୧୧ ଜଣ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ପ୍ରଦାନ କରିଥିବା ଜଣାପଡିଛି । ତାଙ୍କ ସାଥିରେ ଏସ୍‌ଟିଟି ବାବୁ, ସହଦେବ ଏବଂ ଏମ୍ ଭବାନୀ ଶଙ୍କର ଉପସ୍ଥିତ ରହିଥିଲେ ।

# ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପ ପରିଦର୍ଶନ କଲେ ବିଧାନସଭା ଷ୍ଟାଣ୍ଡିଂ କମିଟି



ପୋଡ଼ାଗଡ଼,୩୦।୧(ସମିସ): ପାଞ୍ଚ ଜଣିଆ ବିଧାନ ସଭା ଷ୍ଟାଣ୍ଡିଂ କମିଟି କୋରାପୁଟ ଜିଲ୍ଲାର ତିନି ମେଗା ପାନୀୟଜଳ ପ୍ରକଳ୍ପ ପରିଦର୍ଶନ ନିମନ୍ତେ ଗସ୍ତ କରିଥିବା ଜଣାଯାଇଛି । ଆଜି ଏହି ପାଞ୍ଚ ଜଣିଆ ବିଧାନସଭା ଷ୍ଟାଣ୍ଡିଂ କମିଟି ଦଶମନ୍ତପୁର ବ୍ଲକର ଦୁଆରଶୁଣି ପଞ୍ଚାୟତ ଅଧିନସ୍ଥ ଜଟିଆ ଗୁଡ଼ା ଗ୍ରାମରେ ତଥା ମୁରାନ ନଦୀରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ ପରିଦର୍ଶନରେ ଯାଇ ଅନୁଧ୍ୟାନ କରିଥିଲେ । ଏହି ପାଞ୍ଚ ଜଣିଆ କମିଟିର ଅଧ୍ୟକ୍ଷ ହେଲେ ସନାତନ ବିଜୁଳି । କମିଟିର ଅନ୍ୟ ସଦସ୍ୟ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ବିଧାୟକ ପଦ୍ମ ଚରଣ ,ବିଧାୟକ ଅରବିନ୍ଦ ମହାପାତ୍ର, ବିଧାୟକ ନୀଳମଣି ବିଶଇ,ବିଧାୟକ ଦେବୀରଞ୍ଜନ ତ୍ରିପାଠି ଉକ୍ତ କମିଟିରେ ଥିଲେ । ଏହି ମେଗା ପାନୀୟଜଳ ପ୍ରକଳ୍ପ ପରିଦର୍ଶନରେ ଥିଲେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ବିଭାଗୀୟ ଅଧିକାରୀ ସହ ସ୍ଥାନୀୟ ଦଳୀୟ କର୍ମକର୍ତ୍ତା ଓ ପଞ୍ଚାୟତର ସମସ୍ତ କର୍ମଚାରୀ ରହିଥିଲେ ।

## ବିଧାନସଭା ଷ୍ଟାଣ୍ଡିଂ କମିଟିର ବୈପାରୀଗୁଡ଼ା ଗସ୍ତ

ବୈପାରୀଗୁଡ଼ା, ୩୦।୧(ସମିସ): ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ବୈପାରୀଗୁଡା ଗସ୍ତ । ଆଜି ସନ୍ଧ୍ୟା ୬ ଟା ସମୟରେ ବୈପାରୀଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ପଞ୍ଚାୟତରାଜ, ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା କରାଯାଇଛି । ଏଥିରେ ଷ୍ଟାଣ୍ଡିଙ୍ଗ କମିଟି ଅଦକ୍ଷ ସୋନାତନ ବିଜୁଳିଙ୍କ ନେତୃତ୍ୱରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବାଙ୍କୀ ବିଧାୟକ ଦେବି ରଞ୍ଜନ ତ୍ରିପାଠୀ, ସୋରଡ଼ା ବିଧାୟକ ନୀଳମଣି ବିଶୋଇ,କରଞ୍ଜିଆ ବିଧାୟକ ପଦ୍ମ ଚରଣ ହରିବୁରୁ, କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ଥିଲେ । ଏହି ସମୀକ୍ଷା ବୈଠକରେ କୋରାପୁଟ ଜିଲ୍ଲାପାଳ ମୋଜାନ ସତ୍ୟବାନ ମହାଜନ, ସିଡିଓ ବେଣୁଧର ଶବର, ପ୍ରାୟ ଜିଲ୍ଲାର ବିଭିନ୍ନ ବ୍ଲକ ବିଡ଼ିଓ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବିଶେଷ କାରି ମେଗା ପାନୀୟ ଜଳ ପ୍ରକଳ୍ପ କିପରି ଅତି ଶୀଘ୍ର କାମ ସାରିବ, ଲୋକେ ପାଣି ପାଇବେ ସେ ନେଇ ଅଧିକ ଗୁରୁତ୍ୱ ଦିଆଯାଇଛି ସେହିପରି ପଞ୍ଚାୟତିରାଜ ବିଭାଗର ବିଭିନ୍ନ ଯୋଜନା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସୁଚାରୁ ରୂପେ କିପରି କରାଯିବ ସେ ନେଇ ଆଜି କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଷ୍ଟାଣ୍ଡିଙ୍ଗ କମିଟି ଅଦକ୍ଷ ସୋନାତନ ବିଜୁଳି ପ୍ରତିକ୍ରିୟା ଦେଇଛନ୍ତି ।



## ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ

ଜୟପୁର,୩୦।୧(ସମିସ): ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଆଜି ଜୟପୁର ସହରର ବିଭିନ୍ନ ହୋଟେଲ ଓ ଓମଫେଡ ପ୍ଲାଣ୍ଟ ଉପରେ ଚଢଉ କରାଯାଇ ଖାଦ୍ୟ ସାମଗ୍ରୀର ଯାଞ୍ଚ କରିଥିଲେ । ଖାଦ୍ୟ ସୁରକ୍ଷା ଅଧିକାରୀ ପଙ୍କଜିନୀ ଡେଙ୍ଗଁରିଆଙ୍କ ନେତୃତ୍ୱରେ ଏକ ଦଳ ରେଳଷ୍ଟେସନ ନିକଟସ୍ଥ ଓମଫେଡ ପ୍ଲାଣ୍ଟରେ ଯାଞ୍ଚ କରିଥିଲେ । ସେହିପରି ତେଲିଗୁଡା ଚାଉମିନ ପ୍ରସ୍ତୁତ କେନ୍ଦ୍ରରେ ବଜାରରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀ ଯାଞ୍ଚ କରିଥିଲ ଏବଂ ଲାଇସେନ୍ସ ନଥିବା ଯୋଗୁଁ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ମାଲକାନଗିରିରୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ବାଇପାସ ରୋଡରେ ରହିଥିବା ଟ୍ରେନ ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ରେଷ୍ଟୁରାଣ୍ଟ ଗୁଡିକ ଚଢଉ କରାଯାଇ ଖାଦ୍ୟ ସାମଗ୍ରୀର ଯାଞ୍ଚ କରାଯାଇଥିଲା । ଏହି ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ ବିନୋଦ ସୁନା, ତ୍ରିଲୋଚନ ବେନିଆଙ୍କ ସମେତ ସଦର ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ଗାନ୍ଧୀଜୀଙ୍କ ତିରୋଧାନ ଦିବସ ପାଳିତ

ଜୟପୁର,୩୦।୧(ସମିସ): ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ଗାନ୍ଧୀ ଶିଶୁ ଉଦ୍ୟାନ ଠାରେ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳନ ହୋଇ ଥିଲା । ସଂସଦର ଉପସଭାପତି ତପନ କିରଣ ତ୍ରିପାଠୀ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଧୂପ ଦୀପ ପ୍ରଦାନ କରିଥିଲେ । ସଂସଦର ସମ୍ପାଦକ ବୈରାଗୀ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୀତବାସ ବିଶ୍ୱାଳ, ବିଭୁଦତ୍ତ ପାଢ଼ୀ, ଡ଼ି ଗୋବିନ୍ଦ ପାତ୍ର, ବାସୁଦେବ, ବିଶେଶ୍ୱର ରାଓ, ଯଜ୍ଞ୍ୟ ଜେନା, ମୃତ୍ୟୁଞ୍ଜୟ ବେହେରା, ଜି ଶ୍ରୀନିବାସ, ପ୍ରମୋଦ କୁମାର ରାଉଳ ପ୍ରମୁଖ ଯୋଗ ଦେଇ ମହାତ୍ମା ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଆର୍ଥିକ ସର୍ବେକ୍ଷଣ ଅଭିବୃଦ୍ଧିକୁ ସାଂସଦଙ୍କ ସମାଲୋଚନା



ରାୟଗଡ଼ା,୩୦।୧(ସମିସ): ଆର୍ଥିକ ସର୍ବେକ୍ଷଣ ୨୦୨୫-୨୬ ଅନୁଯାୟୀ, ଭାରତର ଅର୍ଥନୈତିକ ଅଭିବୃଦ୍ଧି ପ୍ରାୟ ୭ଧ ରହିବାର ପୂର୍ବାନୁମାନ କରାଯାଇଛି,ଯାହା ବିଶ୍ୱସ୍ତରୀୟ ଅନିଶ୍ଚିତତା ସତ୍ତ୍ୱେ ଦେଶର ସାମଗ୍ରୀକ ଅର୍ଥନୈତିକ ସ୍ଥିରତାକୁ ପ୍ରଦର୍ଶିତ କରେ । କିନ୍ତୁ ଏହି ମୁଖ୍ୟ ସଂଖ୍ୟା ପଛରେ ଏକ ଚିନ୍ତାଜନକ ବାସ୍ତବତା ରହିଛି, ଏହି ଅଭିବୃଦ୍ଧି ଚାକିରି ସୃଷ୍ଟି, ଆୟ ସୁରକ୍ଷା କିମ୍ବା ଗ୍ରରମୀଣ ଅର୍ଥନୈତିକ ସ୍ଥିରତାରେ ପର୍ଯ୍ୟାପ୍ତ ଭାବରେ ପରିଣତ ହୋଇନାହିଁ ବୋଲି କୋରାପୁଟ ଲୋକସଭା ସାଂସଦ ତଥା ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତରାଜ ଷ୍ଟାଣ୍ଡିଂ କମିଟି ଅଧକ୍ଷ ସପ୍ତଗିରି ଶଙ୍କର ଉଲାକା ପ୍ରେସ ବିବୃତି ମାଧମରେ ଗଣମାଧମକୁ ଜଣାଇଛନ୍ତି । ସେ କହିଛନ୍ତି ଯେ, ସର୍ବେକ୍ଷଣ ସ୍ପଷ୍ଟ କରୁଛି ଯେ, ନିଯୁକ୍ତି ସୃଷ୍ଟିରେ ଏ ପର୍ଯ୍ୟନ୍ତ ଏକ ସଂରଚନିକ ଦୁର୍ବଳତା ରହିଛି ଏବଂ ଉତ୍ପାଦନ କ୍ଷେତ୍ର ବର୍ଦ୍ଧିତ କର୍ମଶକ୍ତିକୁ ପର୍ଯ୍ୟାପ୍ତ ଭାବେ ଗ୍ରହଣ କରିବାରେ ବିଫଳ ହୋଇଛି । ଆର୍ଥିକ ଶୃଙ୍ଖଳା ନାମରେ ମନେରଗାକୁ ଦୁର୍ବଳ କରିବା,ମଜୁରୀକୁ ବିଳମ୍ବ କରିବା,ପେନସନକୁ ସଙ୍କୁଚିତ କରିବା ଏବଂ ଗ୍ରାମୀଣ ବିକାଶକୁ ଦୁର୍ବଳ କରିବା ପାଇଁ ଏହାକୁ ଏକ ଯଥାର୍ଥତା ଭାବରେ ବ୍ୟବହାର କରାଯାଉଛି । ଚାଷୀ ,ଶ୍ରମିକ ,ଯୁବକ ଏବଂ ଆଦିବାସୀ ସଂପ୍ରଦାୟକୁ ଅଣଦେଖା କରୁଥିବା ଅଭିବୃଦ୍ଧି ସ୍ଥାୟୀ କିମ୍ବା ନ୍ୟାୟସଙ୍ଗତ ନୁହେଁ । ଚଳିତ ଅର୍ଥନୀତି ଶୀର୍ଷକରୁ ଲୋକ-କେନ୍ଦ୍ରୀକ ବିକାଶ ପର୍ଯ୍ୟନ୍ତ ଭାରତକୁ ଏକ ପାଠ୍ୟକ୍ରମ ସଂଶୋଧନ ପରି ମୂଳଗତ ପରିବର୍ତ୍ତନର ଆବଶ୍ୟକ ବୋଲି ସାଂସଦ ଶ୍ରୀ ଉଲାକା ଉଲ୍ଲେଖ କରିଛନ୍ତି ।

## ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

କାକିରିଗୁମ୍ମା,୩୦।୧(ସମିସ): ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ କାକିରିଗୁମ୍ମା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ତୁନୂପାର ଗ୍ରାମର ରତନ ଜାନି (୩୫) ବୋଲି ଜଣା ପଡ଼ିଛି । ପୀଡ଼ିତାଙ୍କୁ ପୁଲିସ ସେମିଳିଗୁଡା ଠାରୁ ଉଦ୍ଧାର କରିଥିଲା । ଅଭିଯୁକ୍ତ ବିରୁଦ୍ଧରେ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା ।

## ମେଟାଗୁଡ଼ାରେ ପୁଲିସ ଜନସମ୍ପର୍କ ଶିବିର



ଏମିଭି ୭୯, (ସମିସ) ୩୦।୧ : ମାଲକାନଗିରି ଜିଲ୍ଲା ପୁଲିସ ପକ୍ଷରୁ ଏମ୍‌ଭି ୭୯ ଥାନା ଅନ୍ତର୍ଗତ ମେଟାଗୁଡା ଗ୍ରାମରେ ପୁଲିସ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏମ୍‌ଭି୭୯ ଥାନାର ସବ୍‌ଇନ୍ସପେକ୍ଟର ଚନ୍ଦନ ବେହେରା, ଜଗନ୍ନାଥ ସରକା, ତାଣ୍ଡାବାଇ ସରପଞ୍ଚ ସତ୍ୟ ମାଡକାମୀ, ବିଶ୍ୱନାଥ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିର ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା, ଆଦିବାସୀ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମର ବିଜେତା ମାନଙ୍କୁ ପୁରସ୍କାର ସହିତ ସଙ୍ଗୀତ ଉପକରଣ ପ୍ରଦାନ କରାଯାଇଥିଲା । ଏହା ସହ ଏକ ମାଗଣା ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା ।

## ସରକାରୀ ଶିଳ୍ପ ତାଲିମ କେନ୍ଦ୍ର କ୍ରୀଡ଼ା ମହୋତ୍ସବ

ଜୟପୁର,୩୦।୧(ସମିସ): ଜୟପୁର ବ୍ଲକ ଆମ୍ବାଗୁଡା ସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଆଞ୍ଚଳିକ ସ୍ତରୀୟ ଖେଳକୁଦ ମହୋତ୍ସବ ଆଜି ଉଦଘାଟନ ହୋଇଛି । ଏଥିରେ ଅବିଭକ୍ତ କୋରାପୁଟ ଜିଲ୍ଲାର ୧୨ଟି ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ୧ହଜାରରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଖେଳାଳି ଭାବେ ଅଂଶ ଗ୍ରହଣ କରିଛନ୍ତି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓମ ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ଲକ୍ଷ୍ମୀପୁର ଲକ୍ଷ୍ମୀପୁର ସରକାରୀ ଶିଳ୍ପକେନ୍ଦ୍ର ର ଅଧକ୍ଷ ମନଗୋବିନ୍ଦ ବାଘ, କୋଟପାଡ ଶିଳ୍ପ ତାଲିମ କେନ୍ଦ୍ର ଅଧିକାରୀ ପ୍ରଦୀପ ବର୍ମନ ଯୋଗ ଦେଇଥିଲେ । ମୁଖ୍ୟତଃ ଏହି ଆଞ୍ଚଳିକ ସ୍ତରୀୟ ଖେଳ ମହୋତ୍ସବକୁ ଆମ୍ବାଗୁଡା ତାଲିମ କେନ୍ଦ୍ରର ଅଧକ୍ଷା ସୌଦାମିନି ସିଓ ପରିଚାଳନା କରିଥିଲେ ।

## ଶତାୟୁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୁଣପୁର,୩୦।୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଯୋହନ ବଡ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନୁଷ୍ଠାନର ପୁରାତନ ଛାତ୍ର ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟ ନାରାୟଣ ରଥ ମୁଖ୍ୟ ବକ୍ତା, ଜିଲ୍ଲା ଲୋକପାଳ ଅକ୍ଷୟ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସସ୍ମିତା ବେହେରା, ପୌର ପରିଷଦର ଅଧକ୍ଷା ମମତା ଗୌଡ, ଭୀମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶାଙ୍କ ପ୍ରସାଦ ଦାଶ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଜିଲ୍ଲାର ସର୍ବ ପୁରାତନ ଏହି ଅନୁଷ୍ଠାନରୁ ବହୁ ଛାତ୍ର ଦେଶ ବିଦେଶ ରେ ଉଚ୍ଚ ସ୍ଥାନ ରେ ରହି କାର୍ଯ୍ୟ କରି ଅନୁଷ୍ଠାନର ମାନ ବଢାଇଛନ୍ତି କ୍ଷ ଏଣୁ ପୂର୍ବ ଗୌରବ କୁ ବଜାୟ ରଖି ଅନୁଷ୍ଠାନର ସୁନାମ ବଜାୟ ରଖିବା ନିମନ୍ତେ ପିଲାଙ୍କୁ ଆହ୍ୱାନ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ଶେଷରେ ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ରଙ୍କ ନିର୍ଦ୍ଦେଶନାରେ 'ଶିକ୍ଷା ସମସ୍ତଙ୍କ ଅଧିକାର' ଶୀର୍ଷକ ନାଟକ ଛାତ୍ର ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ରାବଣା ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକର୍ତ୍ତାଙ୍କ ସମେତ ଅନ୍ୟ ସ୍କୁଲ ଶିକ୍ଷକ ମାନେ ଯୋଗଦେଇଥିଲେ ।

# ଲମତାପୁଟ ପଞ୍ଚାୟତ ସମିତି ବୈଠକ

ଲମତାପୁଟ, ୩୦।୧ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକରେ ନୂତନ ବର୍ଷର ପ୍ରଥମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ବୈଠକରେ ୧୫ ପଞ୍ଚାୟତରୁ ୧୨ ଜଣ ସମିତି ସଭ୍ୟ ସଭ୍ୟା ଓ ସାତ ଜଣ ସରପଞ୍ଚ ଓ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ପ୍ରଥମେ ବ୍ଲକର ଜିପିଡ଼ିଓ ଅରୁଣ କୁମାର ସାହୁ ପୂର୍ବ ବୈଠକ ପାଠର ଆଲୋଚନା ଉପରେ ସମ୍ପୂର୍ଣ୍ଣ ବିବରଣୀର ପଠନ କରିଥିଲେ । ଏହାକୁ ନେଇ ପୂର୍ବ ପାଠର କୌଣସି କାର୍ଯ୍ୟ ଉପରେ ବିଶେଷ ଧ୍ୟାନ ନଦେଇ ବିଭାଗୀୟ ଅଧିକାରୀ ମାନେ କୌଣସି କାର୍ଯ୍ୟ କରୁ ନଥିବାରୁ ଦୁଇ ଚାରି ଜଣ ସମିତି ଉକ୍ତ ବିଷୟ ଉପରେ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ କ୍ଷ ସମିତି ସଭାପତି ଜଗନ୍ନାଥ ହନ୍ତାଳ ଓ ଟିକରପଡା ସମିତି ଉର୍ଦ୍ଧବ ଅଙ୍ଗେଲଙ୍କ ପ୍ରଶ୍ନ ବାଣରେ ଅନେକ ଅଧିକାରୀ ଘାଇଲା ହୋଇଥିଲେ । ଏହି ସମିତି ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସାଂସଦ ପ୍ରତିନିଧି ରାମ ଚନ୍ଦ୍ର ପାଙ୍ଗି, ବ୍ଲକ ଅଧକ୍ଷ ତାପସ କୁମାର ଚାଲାଣ, ଉପାଧକ୍ଷ ତୁଳା ଖରା, ବିଡ଼ିଓ ଜୟନ୍ତ କୁମାର ମେହେର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୁତି ସୁହାଶିନୀ ମଲ୍ଲିକ, ମାଛକୁଣ୍ଡ ଅତିରିକ୍ତ ତହସିଲଦାର ଶ୍ୟାମ ମାଢ଼ି, ଦୁଇ ଜିଲ୍ଲା ପରିଷଦ ପୂର୍ଣ୍ଣ ଚନ୍ଦ୍ର ପାଙ୍ଗି ଓ ଗୀତାରାଣୀ ମୋହଲା ଉପସ୍ଥିତ ରହିଥିଲେ । ବିଶେଷ କରି ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ଯୋଗୁଁ ପାନୀୟ ଜଳ ଓ ଅଧ ପାନ୍ତରାୟ ରହିଥିବା ଅଙ୍ଗନବାଡି କେନ୍ଦ୍ରର ସ୍ଥିତି ଉପରେ ସମୀକ୍ଷା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ତାସହିତ ସାଂସଦ ପ୍ରତିନିଧି ବ୍ଲକର ଯେତେ ସବୁ ସ୍ମାର୍ଟ ମିଟର ଲାଗିଛି ସେସବୁକୁ ବାହାର କରି ନର୍ମାଲ ମିଟର ଲଗେଇବାକୁ ପରାମର୍ଶ ଦେଇଥିଲେ । ସେହିପରି ଏହି ବୈଠକରେ ବନମାଳିପୁଟ ସମିତି ଓ ସରପଞ୍ଚ କୃଷି ବିଭାଗ ଅଧିକାରୀଙ୍କୁ ତୁରନ୍ତ ନିଜ ପଞ୍ଚାୟତର ଦାୟିତ୍ୱରେ ରହିଥିବା କୃଷି ଅଧିକାରୀଙ୍କୁ ହଟେଇ ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦେବାକୁ ପରାମର୍ଶ ଦେବା ସହ ବ୍ଲକ ଶିକ୍ଷାଧିକାରୀ କୌଣସି ସ୍କୁଲର ସଠିକ ତଦାରଖ ନକରିବା ନେଇ ତାଙ୍କ ଉପରେ ବର୍ଷିଥିଲେ କ୍ଷ ସେହିପରି ଖାଉଟି ବିଭାଗ, ଜଙ୍ଗଲ ବିଭାଗ, ପଶୁ ସମ୍ପଦ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଉପରେ ବି ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ବିଧାୟକ । ପଶୁ ବିଭାଗ କାର୍ଯ୍ୟାଳୟ ତ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିବା ସହ ବର୍ଷା ଦିନରେ ପାଣି ଗଳିବା ବେଳେ କାର୍ଯ୍ୟାଳୟ ଚାରି ପାଶ୍ୱର୍ରେ ପାଚେରି ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରୁ ନଥିବା ନେଇ ବିଧାୟକ ଆଗରେ ଅଭିଯୋଗ କରିଥିଲେ ପଶୁ ସମ୍ପଦ ଅଧିକାରୀ ମିହିର କୁମାର । ଏ ନେଇ ତୁରନ୍ତ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେବା ସହ ସମୀକ୍ଷା କରି ତାର ଉପରେ ଗୁରୁତ୍ୱ ଦେବାକୁ କହିଥିଲେ ବିଧାୟକ । ପିସି ଖାଇବାରେ ବ୍ୟସ୍ତ ମାସ ମାସ ଧରି ବିଲ କରୁ ନ ଥିବା ଓ ପାଞ୍ଚ ଲକ୍ଷ ଯାଗାରେ ୩ ଲକ୍ଷ ବିଲ କରୁଥିବା ଓ ବଳକା ଦୁଇ ଲକ୍ଷ ଯାଉଛି କୁଆଡେ ସେ ନେଇ ସହକାରୀ ଯନ୍ତ୍ରୀ ଙ୍କୁ ପ୍ରଶ୍ନ କରିଥିଲେ ସମିତି ସଭାପତି ହନ୍ତାଳ । ଏ ନେଇ ଯେତିକି ପରିମାଣରେ କାମ ହେଇଚି ତା ଉପରେ ହିଁ ଯନ୍ତ୍ରୀ ମାନେ ବିଲ କରିବେ ନେଇ ଉତ୍ତର ଦେଇଥିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ ମଲ୍ଲିକ । ସେହିପରି ଆଶା କିରଣ ମେଡିକାଲର ମୁଖ୍ୟ ଡ଼. ମାଥ୍ୟୁ ହସ୍ପିଟାଲ ଆରମ୍ଭ ହୋଇ ୩୫ ବର୍ଷ ହେଲାଣି ଆମେ ଲୋକଙ୍କୁ ଉଚିତ ସେବା ଯୋଗାଇ ଆସୁଛୁ ତା ସହିତ ଯେଉଁ ହୃଦ ରୋଗୀ ମାନେ ଆଶା ଛାଡ଼ି ଦେଇ ଘରେ ରହିଛନ୍ତି ସେମାନଙ୍କ ପାଖରେ ଯାଇ ଆମେ ଉଚିତ ସେବା ଯୋଗାଇବା ନେଇ ନୂଆ ପଦକ୍ଷେପ ନେଇଛୁ ଓ ଖୁବ ଶୀଘ୍ର ବିଏସକେୱାଇ କାର୍ଡ ମଧ ଆମ ମେଡିକାଲ ସହିତ ଅନ୍ତର୍ଭୁକ୍ତ ହେବାକୁ ଯାଉଛି ଯାହା ଫଳ ରେ ଏହି ଯୋଜନା ରେ ଅନେକ ରୋଗୀ ସହ ବାହାରୁ ଆସୁଥିବା ରୋଗୀ ମଧ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି । ଏହି ଦଶମ ଓ ବର୍ଷ ର ପ୍ରଥମ ସମିତି ବୈଠକ ରେ ଶିକ୍ଷା ବିଭାଗ, କୃଷି ବିଭାଗ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଖାଉଟି ବିଭାଗ, ସାମାଜିକ ମଙ୍ଗଳ ବିଭାଗ, ଜଙ୍ଗଲ ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ, ସହ ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ

# ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ



କୋରାପୁଟ,୩୦।୧(ସମିସ) ମହା) । ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । କୋରାପୁଟ ଗାନ୍ଧୀ ପାର୍କରେ ସ୍ଥାପିତ ମହା । । ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ,ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ,ପୂର୍ବତନ ବିଧାୟକ ନିମାଇଁ ସରକାର,କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରାଧାରାଣୀ ସରକାର, କୋରାପୁଟ ଟାଉନ କଂଗ୍ରେସ ସଭାପତି ଜୟନ୍ତ କୋଚିମ୍,ପୂର୍ବତନ ବିଜେପି ସଭାପତି ବିଜୟ କୁମାର ମିଶ୍ର,ବିଜେପି ନେତା ନରସିଂହ ପଟନାୟକ, ଡି ରାମା ରାଓ, ଶ୍ରୀଧର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ । କୋରାପୁଟ ଗାନ୍ଧୀ ପାର୍କର ଉନ୍ନତିକରଣ କରିବାକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଉପସ୍ଥିତ ଥିବା ଅତିରିକ୍ତ ଜିଲ୍ଲାପାଳ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଆଜି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କ କାର୍ଯ୍ୟାଳୟରେ କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପହଞ୍ଚି ଆଲୋଚନା କରିଥିଲେ । ଅତି ଶୀଘ୍ର ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମହାପୁରୁଷ ମାନଙ୍କ ଜୟନ୍ତୀ ଓ ତିରୋଧାନ ଦିବସ ପାଳନ ଉପଲକ୍ଷେ ଜିଲ୍ଲା ସ୍ମାରକୀ କମିଟି ଗଠନ କରାଯାଇଛି । କିନ୍ତୁ ଏହି କମିଟି ଏବେ ସୁପ୍ତ ଭାବରେ ରହିଛି । ନୂତନ ଜିଲ୍ଲା ସ୍ମାରକୀ କମିଟି ଗଠନ କରିବାକୁ ଦାବି ହେଉଛି ।

## ବିଦ୍ୟୁତ୍ ସ୍ପର୍ଶରେ ମହିଳା ମୃତ

ଲକ୍ଷ୍ମୀପୁର,୩୦।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ବୁର୍ଜା ପଞ୍ଚାୟତର ବଡ଼ ଶଙ୍ଖା ଗ୍ରାମର ସରସ୍ୱତୀ ଟ୍ରେପେକା(୩୫) ବୁଧବାର ଦିନ ନିଜ ମଇଁଷୀ ଖୋଜିବାକୁ ବାହାରି ଥିଲେ । ଲକ୍ଷ୍ମୀପୁର ନୂଆଁ ସାହି ନିକଟରେ ଥିବା ଏକ ବଣ ଠାରେ ବିଦ୍ୟୁତ ତାର ଓହଳି ଥିବାରୁ ସେ ଜାଣି ନ ପାରି ବିଦ୍ୟୁତ୍ ସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ । ୪ ଦିନ ଧରି ଘର ଲୋକେ ଖୋଜା ଖୋଜି କରି ତାଙ୍କୁ ପାଇ ନଥିଲେ । ପରେ ତାଙ୍କ ମୃତ ଶରୀରକୁ ଦେଖି ସ୍ୱାମୀ ତଇଲ ପ୍ରେପେକା ଲିଖିତ ଅଭିଯୋଗ ଥାନାରେ ଦେଲା ପରେ ପୋଲିସ୍ ଓ ସ୍ଥାନୀୟ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ସବୁ ବିଷୟ ଉପରେ ଅନୁଧ୍ୟାନ କରିଥିଲେ । ସ୍ଥାନୀୟ ଲୋକେ କ୍ଷତି ପୂରଣ ଦାବି କରି ଶବକୁ ଘଟଣା ସ୍ଥଳ ରୁ ଉଠାଇ ନାହାଁନ୍ତି । ୩୩ କେଭି ବିଦ୍ୟୁତ ତାର ଲାଗି ମରିଥିବା ହେତୁ ବିଦ୍ୟୁତ ବିଭାଗ କ୍ଷତି ପୂରଣ ଦିଅନ୍ତୁ ବୋଲି ଲୋକେ ଜିଦ୍‌ରେ ଅଟଳ ରହିଛନ୍ତି ।

## ରାୟଗଡ଼ାରେ ଜଣ୍ଡିସ ବ୍ୟାପିବା ଅଭିଯୋଗ

# ମାଇକ୍ରୋବାୟଲୋଜି ବିଭାଗର ଜଳନମୁନା ସଂଗ୍ରହ

ରାୟଗଡ଼ା,୩୦ା୧(ସମିସ): ରାୟଗଡ଼ା ସହରର ଇନ୍ଦିରା ନଗର ଶେଷ ସାହି, କସ୍ତୁରୀ ନଗର ପ୍ରଥମ ସାହି ଏବଂ କତୁରୁ ଗ୍ରାମାଞ୍ଚଳରେ ଜଣ୍ଡିସ ରୋଗ ବ୍ୟାପିଥିବା ଘଟଣାରେ କୋରାପୁଟ ସ୍ଥିତ ପିଏଚ ଲ୍ୟାବର ସିନିୟର ମାଇକ୍ରୋବାୟୋଲୋଜିଷ୍ଟ ତଥା ଲ୍ୟାବ୍ ଇନଚାର୍ଜ ଅଲେଖ ନାୟକ ପାଣିର ନମୁନା ସଂଗ୍ରହ କରିଥିବା ଜଣାପଡିଛି। କିନ୍ତୁ ପ୍ରାରମ୍ଭିକ ସୂଚନାରୁ ପାନୀୟ ଜଳରୁ ଜଣ୍ଡିସ ହୋଇଥିବା ଘଟଣାକୁ ଖଣ୍ଡନ କରିଛନ୍ତି। ସଂଗୃହିତ ପାଣିରେ ପିଏଚ, କ୍ଲୋରିନ ଠିକ୍ ରହିଥିବା ଯୋଗୁଁ ଏହି ଜଳରେ ଜଣ୍ଡିସ ବ୍ୟାକ୍ଟେରିଆ ରହିବାର ସମ୍ଭାବନା ନାହିଁ ବୋଲି ସ୍ପଷ୍ଟ କରିଥିଲେ। କିନ୍ତୁ ଆଜି ସଂଗୃହିତ ପିଇବା ପାଣିକୁ ଆଡଭାନ୍ସ ଯନ୍ତ୍ରପାତି ଦ୍ୱାରା ଲେବ୍ରୋଟାରୀରେ ଟ୍ରେଷ୍ଟ କରାଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ସଂଗୃହିତ ଜଳରୁ ୨୮ ରୁ ୩୦ ପ୍ରକାର ପରୀକ୍ଷା କରାଯିବ ଏବଂ ଜଳରେ ଅନ୍ୟ କୌଣସି ଅସୁବିଧା ରହିଥିଲେ ଜଣାପଡିବ ବୋ୍ଲି କହିଛନ୍ତି। ଆସନ୍ତା ୨ ଦିନ ମଧ୍ୟରେ ପାଣିର ଅନ୍ୟ କୌଣସି ପ୍ରକାର ଅସୁବିଧା ଥିଲେ ରିପୋର୍ଟରୁ ଖୁବଶୀଘ୍ର ଜଣାପଡିବ ବୋଲି ସିନିୟର ମାଇକ୍ରୋବାୟଲୋଜିଷ୍ଟ ତଥା ଲ୍ୟାବ ଇନଚାର୍ଜ ଅଲେଖ ନାୟକ ପ୍ରକାଶ କରିଛନ୍ତି। ଜଣ୍ଡିସ ଅଭିଯୋଗ ଆସିଲା ପରେ ସିଡିଏମଓଙ୍କ ନିର୍ଦ୍ଦେଶ କ୍ରମେ ଏକ ଡାକ୍ତରୀ ଟିମ୍ ଉକ୍ତ ଅଞ୍ଚଳ ଗସ୍ତ କରି ପାଣି ନମୁନା ସଂଗ୍ରହ କରି ଘର ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ। ଏହି ଅଞ୍ଚଳରେ ଚଳିତ ମାସରେ ୧୦ରୁ ୧୨ଜଣ ଲୋକେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଥିଲା। ଗତକାଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଅଂଚଳର ୫ଟି ସ୍ଥାନରୁ ଜଳ ନମୂନା ସଂଗ୍ରହ କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଲ୍ୟାବକୁ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ଲ୍ୟାବ ରିପୋର୍ଟ ପାଇଁ ଜଳର ମାନ ପରୀକ୍ଷା ହୋଇଥିଲା। ପାଣିରେ କ୍ଲୋରିନର ମାତ୍ରା ଅଧିକାର ରହୁଥିବାରୁ ପାନୀୟ ଜଳରେ ଜଣ୍ଡିସ ହେବାର ସମ୍ଭାବନା ନଥିବା ସୂଚନା ଦେଇଛନ୍ତି ସିନିୟର ମାଇକ୍ରୋବାୟଲୋଜିଷ୍ଟ। ଅନ୍ୟପଟେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ଗତକାଲି ଜିଲ୍ଲା ଖାଦ୍ୟ ସୁରକ୍ଷା ନିରୀକ୍ଷକ ପ୍ରକାଶ ସୋରେନ ବିଭାଗୀୟ ଦଳ ସହିତ ଇନ୍ଦିରା ନଗର,ନେହୁରୁ ନଗର ଏବଂ ଅଶୋକ ନଗର ଅଂଚଳରେ ରାସ୍ତା ଉପରେ ଖାଦ୍ୟ ବିକ୍ରେତା କରୁଥିବା ଦୋକାନୀ,ରେଷ୍ଟୁରାଂଟ ଏବଂ ଜନସାଧାରଣଙ୍କୁ ପରିଷ୍କାର ପରିଚ୍ଛନ୍ନତା ପାଇଁ ଯାଞ୍ଚ କରିଥିବା ସହ ସ୍ୱଛ ପାଣି ବ୍ୟବହାର କରିବା ପାଇଁ ସଚେତନ କରିଥିଲେ। କିଭଳି ପରିସ୍ଥିତିରେ ୧୦/୧୨ ଜଣଙ୍କୁ ଜଣ୍ଡିସ ହୋଇଥିଲା ଏବଂ ସେମାନେ ବେସରକାରୀ ଡାକ୍ତର ଚିକିତ୍ସା କରିବା ସହ ଜଣ୍ଡିସର ଘରୋଇ ଉପଚାର କରିଥିବା ପ୍ରକାଶ କରିଥିଲେ । ଘଟଣାର ତଦନ୍ତ ଜାରି ରହିଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନାରୁ ଜଣାପଡିଛି।

## ■ ଜିଲ୍ଲା ପାଠାଗାରକୁ ସଠିକ୍ ପରିଚାଳନା ପାଇଁ ଦାବି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଯୁବଗୋଷ୍ଠୀ



ମାଲକାନଗିରି, ୩୦ ା୧(ସମିସ): ମାଲକାନଗିରି ଜିଲ୍ଲାରେ ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ପାଠାଗାର ବର୍ତ୍ତମାନ ବନ୍ଦ ହେବାକୁ ବସିଛି। ଏହାକୁ ବିରୋଧ କରି ସ୍ଥାନୀୟ ଯୁବଗୋଷ୍ଠୀ ତଥା ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲା ସଦରରେ ଥିବା ସଂସ୍କୃତି ଭବନ ନିକଟରେ ବିଗତ କିଛି ବର୍ଷ ଧରି ଏକ ପାଠାଗାର ଖୋଲା ଯାଇଥିବା ବେଳେ ଏହା ଉପାନ୍ତ ଅଞ୍ଚଳର ପିଲାଙ୍କୁ ଜ୍ଞାନ ପ୍ରଦାନ କରିବାରେ ଅନେକ ସହାୟକ ହେଉଥିଲା। ତେବେ ଏହି ପାଠାଗାରରେ ବିଭିନ୍ନ ପୁସ୍ତକ ରହିଥିବା ବେଳେ ଏଠାରେ ନିତିଦିନ ଅନେକ ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀ ଆସି ବିଭିନ୍ନ ପୁସ୍ତକ ଅଧ୍ୟୟନ କରନ୍ତି। ବିଶେଷ କରି ବିଭିନ୍ନ ଚାକିରି ପାଇଁ ପ୍ରସ୍ତୁତ ହେଉଥିବା ଯୁବଗୋଷ୍ଠୀଙ୍କ ପାଇଁ ଏହା ଜ୍ଞାନର ଗନ୍ତା ଘର ପାଲଟିବା ସହ ସେମାନଙ୍କୁ ଏହା ବିଶେଷ ସହାୟକ ହେଉଛି। ତେବେ ଗତ କିଛି ମାସ ମଧ୍ୟରେ ଏହି ପାଠାଗାରର ସଠିକ ପରିଚାଳନା ହେଉ ନଥିବା ସହ ଏଠାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ପ୍ରାୟ ୪ମାସ ଧରି ଦରମା ଦିଆଯାଉ ନଥିବାରୁ ସେ ଆଉ କାର୍ଯ୍ୟକୁ ଯିବେ ନାହି ବୋଲି ପ୍ରକାଶ କରିବା ପରେ ପାଠାଗାର ଖୋଲିବା ନେଇ ସନ୍ଦେହ ସୃଷ୍ଟି ହୋଇଥିବାରୁ ଛାତ୍ର ଛାତ୍ରୀ ଓ ଯୁବଗୋଷ୍ଠୀ ଜିଲ୍ଲାପାଳଙ୍କୁ ଭେଟି ଏନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ତେବେ ଏଦିଗରେ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଯୁବ ଗୋଷ୍ଠୀଙ୍କୁ ଆଶ୍ୱସନା ଦେଇଥିବା ବେଳେ ପାଠାଗାରକୁ ଚାଲୁ ରଖିବା ପାଇଁ ସେମାନେ ଅନୁରୋଧ କରିଛନ୍ତି।

# ଉତ୍କଳ ସାଂସ୍କୃତିକ ପରିଷଦର ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ସୁନାବେଡା, ୩୦ା୧(ସମିସ): ସୁନାବେଡା ମିଗ୍ ନଗରୀ ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ପରିଷଦର ନଅ ଜଣ ବରିଷ୍ଠ ସଦସ୍ୟ ସୁରେନ୍ଦ୍ର କୁମାର ନାୟକ, ଜୀଲା ମାଝି, ନିରଞ୍ଜନ ଓଝା, ସୁବାସ ଚନ୍ଦ୍ର ବେହେରା, ନିରଞ୍ଜନ ଦାଶ, ବିଜୟ କୁମାର ରାଉତରାୟ, ରାମଚନ୍ଦ୍ର ମାଝୀ, ଜଗତ ବିହାରୀ ମହାପାତ୍ର ଏବଂ ରବୀନ୍ଦ୍ର ନାଥ ସାହୁଙ୍କୁ 'ହାଲ' କମ୍ପାନ ଚାକିରିରୁ ଅବସର ଗ୍ରହଣ କରିବା ପରିପ୍ରେକ୍ଷିରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପରିଷଦର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ପାତ୍ର, ରାଧା ଶ୍ୟାମ ଦାସ ଓ ଶେଖ ଇବ୍ରାହିମ ପ୍ରମୁଖ ଯୋଗ ଦେଇ ବରିଷ୍ଠ ସଦସ୍ୟ ମାନେ କିଭଳି ନିଜେ ସୁସ୍ଥ ଓ ଆନନ୍ଦିତ ରହିବା ସହ ବିଭିନ୍ନ ଆଧାତ୍ମିକ ତଥା ସାମାଜିକ କାର୍ଯ୍ୟକଳାପରେ ନିର୍ଲିପ୍ତ ରହି ସମୟର ସଦୁପଯୋଗ କରିବେ, ସେ ସମ୍ପର୍କରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ବରିଷ୍ଠ ସଦସ୍ୟ ମାନେ ସୁନାବେଡା ହାଲ କମ୍ପାନୀ ଏବଂ ଉତ୍କଳ ସାଂସ୍କୃତିକ ପରିଷଦ ସହିତ ସେମାନଙ୍କ ଦୀର୍ଘ ଦିନର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର କର୍ମକର୍ତ୍ତା ନାରାୟଣ ମାର୍ଥା,ପ୍ରଶାନ୍ତ କୁମାର ସ୍ୱାଇଁ, ଇ. ପ୍ରକାଶ ଦୋରା, ଶ୍ରୀକୁମାର ବେହେରା , ବନ ବିହାରୀ ସେଠୀ, ସୁଧନ୍ୱା ବାଗ , ପ୍ରଭାକର ବେହେରା ଉପସ୍ଥିତ ରହି ବରିଷ୍ଠ ସଦସ୍ୟ ମାନଙ୍କୁ ଶୁଭ କାମନା ଜଣାଇଥିଲେ। ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ରମାକାନ୍ତ କଲିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ପାଠ୍ୟ ପୁସ୍ତକର ସଞ୍ଚାଳନ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ



ବନ୍ଧୁଗାଁ,୩୦ା୧(ସମିସ): ବନ୍ଧୁଗାଁ ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଅଭିଯାନ କୋରାପୁଟ ଜିଲ୍ଲା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଓଡ଼ିଶା ପାଠ୍ୟକ୍ରମର ରୂପରେଖ ୨୦୨୫ ଓ ନୂତନ ପାଠ୍ୟ ପୁସ୍ତକର ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇଛି। ପ୍ରଶିକ୍ଷଣ ଶିବିର ଚଳିତ ମାସ ୨୭ ତାରିଖରୁ ଫେବୃଆରୀ ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୩୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବାକୁ ଥିବା ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ଦିଆଯାଇଛି। ପ୍ରଶିକ୍ଷକ ଭାବରେ ସେମିଳିଗୁଡା ବ୍ଲକର ସ୍ନେହଲତା ଦାସ, ମାନଭଞ୍ଜନ ବେହେରା ଓ ଅଜିତ କୁମାର କୁଲଦୀପ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ ଶିବିରକୁ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମଦନ ପାଣି , ବ୍ଲକ ଶିକ୍ଷକ ସଂଘ ସମ୍ପାଦକ କେ ପ୍ରତାପ କୁମାର , ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ଚୌଧୁରୀ ଓ ସିଆରସିସିଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତୀଙ୍କ ମାର୍ଗଦର୍ଶନରେ ଉକ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ପ୍ରଶିକ୍ଷଣ ଶିବିରକୁ ସ୍ଥାନୀୟ ସିଆରସିସି ସଞ୍ଜୟ କୁମାର ସିଂ, ପ୍ରତାପ ପଣ୍ଡା, ରମାକାନ୍ତ ମଲ୍ଲିକଙ୍କୁ ପରିଚାଳନା ନିମନ୍ତେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଦାୟିତ୍ୱ ଦିଆଯାଇଥିଲା।

# ଶୁଣିଲାନି ପ୍ରଶାସନ, ଗାଁ ଲୋକେ କଲେ ରାସ୍ତା ନିର୍ମାଣ

ବୈପାରୀଗୁଡ଼ା,୩୦ା୧ (ସମିସ): କୋରାପୁଟ ଜିଲ୍ଲର ବିଭିନ୍ନ ବ୍ଲକରେ ଆଜି ପର୍ଯ୍ୟନ୍ତ ଉପାନ୍ତ ଅଞ୍ଚଳବାସୀ ଅନେକ ସମସ୍ୟା ଦେଇ ଜୀବନ ଅତିବାହିତ କରୁଛନ୍ତି। କେଉଁଠି ରାସ୍ତା ଘାଟ ନାହିଁ ତ କେଉଁଠି ପାନୀୟ ଜଳ, ଆଉ କେଉଁଠି ଶିକ୍ଷା ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ସରକାରଙ୍କ ସୁବିଧା ଲୋକଙ୍କ ପାଖରେ ଅପହଞ୍ଚ ରହିଛି। ଏଥିମଧ୍ୟରେ କୋରାପୁଟ ଜିଲ୍ଲାର



ଗାନ୍ଧୀ ଭାବେ ପରିଚିତ ବୈପାରୀଗୁଡା ବ୍ଲକର ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ମାଟି ତେନ୍ତୁଳିଗୁମ୍ମା ପଞ୍ଚାୟତର ମଧୁପୁର ଗାଁରେ ଆଜି ପର୍ଯ୍ୟନ୍ତ ରାସ୍ତା ଖଣ୍ଡିଏ ନାହ। ଯାହାଦ୍ୱାରା ଗ୍ରାମବାସୀ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ରାସ୍ତା ନଥିବାରୁ ଯାତାୟତ ସମସ୍ୟାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏମିତିକି ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଲିଖିତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ଫଳ ମିଳିଲା ନାହିଁ। ଗୋଟାଏ ପଟେ ସମସ୍ତେ କେବଳ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଯାହାକୁ ନେଇ ଗାଁର ୧୨ ଘରରୁ ଅଧିକ ପରିବାରର ସମସ୍ତେ ଗ୍ରାମର ମହିଳା, ପୁରୁଷ ମିଶି କୋଡ଼ି କୋଦାଳ ଧରି ନିଜ ଖର୍ଚ୍ଚରେ ୨ କିଲୋମିଟର ରାସ୍ତା ନିର୍ମାଣ କରିଛନ୍ତି। ଅପରପକ୍ଷେ ବାରମ୍ବାର ଲିଖିତ ଅଭିଯୋଗ ପରେ ମଧ ବର୍ଷ ବର୍ଷ ଧରି କାର୍ଯ୍ୟ ହେଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ନେଇ ବୈପାରୀଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ସାହୁଙ୍କୁ ପଚାରିବାରୁ ଅବଗତ ନଥିବା ଏବଂ ସମସ୍ୟାର ଅନୁଧ୍ୟାନ କରି ତୁରନ୍ତ ତାର ସମାଧାନ କରାଯିବ ବୋଲି କହିଛନ୍ତି। ରାସ୍ତା ନିର୍ମାରେ ଗାଁର ଗୁପ୍ତ ଦଳପତି, କମୁଲୁ ଭୂମିଆ, ସନୁ ଦଳପତି, ମାଧବ ଭୁମିଆ, ବିମ ସାଗରିଆ, ସନଧର ଭିମିଆ, ରାମ ଦଳପତି, ଗୁରୁ ଦଳପତି, ରବି ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

## ● ସିପିଆଇର ସାଧାରଣ ବୈଠକ

# ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା




ମାଥିଲି,୩୦ ା୧(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସମ୍ପାଦକ ହଳଧର ପୂଜାରୀଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତି ଗୁଡା ପଞ୍ଚାୟତ ଅନ୍ତର୍ଗତ ବାମନଗୁଡା ଠାରେ ଥିବା ଭୂମିଆ ସମାଜ ସଭାଗୃହରେ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ଡକ୍ଟର ପ୍ରଶାନ୍ତ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ଦାମୋଦର ବେହେରା ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଗର୍ଜିଥିଲେ। ରାଜ୍ୟ ସରକାର ଚାଷୀ ମାନଙ୍କ ମାରଣା ନୀତିକୁ ଜୋରଦାର ବିରୋଧ କରିଥିଲେ। ଚଳିତ ବର୍ଷ ରାଜ୍ୟରେ ଚାଷୀମାନଙ୍କ ଖରିଫ ଧାନ ବିକ୍ରୟ ପାଇଁ କାହାର ଟୋକନ ଆସିଥିଲେ ମଧ ଚାଷୀ ମାନଙ୍କର ଧାନ ମଣ୍ଡିରେ ପଡି ରହିଛି ବିଭାଗ ପକ୍ଷରୁ ଧାନ ଉଠି ପାରୁନି। ଆଦିବାସୀ ମାନଙ୍କର ଜଙ୍ଗଲ ଜମି ଅଧିକାର ଓ ପେଷା ଆଇନ ଲାଗୁ କରିବା ପାଇଁ ମୁଖ୍ୟ ଅତିଥି ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିଥିଲେ। ଆଶା କର୍ମୀ, ଅଙ୍ଗନବାଡି କର୍ମୀ ମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବେଳେ ସର୍ବନିମ୍ନ ମଜୁରି ହିସାବରେ ସେମାନଙ୍କୁ ଦରମା ଦେବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଜିଲ୍ଲା ସମ୍ପାଦକ ହଳଧର ପୂଜାରୀ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ ଏହାକୁ ଲାଗୁ କରା ନଯାଏ, ତାହେଲେ ମାଲକାନଗିରି ଠାରୁ ଆରମ୍ଭ କରି ମୟୁରଭଞ୍ଜ ପର୍ଯ୍ୟନ୍ତ ସମସ୍ତ ୩୦ ଜିଲ୍ଲାରେ ଆନ୍ଦୋଳନ କରିବ ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଚେତାବନୀ ଦିଆଯାଇଛି। ଆଜିର ଏହି ବୈଠକରେ ଜିଲ୍ଲାର ବହୁ ସକ୍ରିୟ କର୍ମୀ ଓ ଜନସାଧାରଣ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

# ଖାଦ୍ୟ ସୁରକ୍ଷା ଓ ପୌର ପରିଷଦର ଚଢ଼ଉ; ଗୁଟ୍‌ଖା ଓ ତମାଖୁ ଜବତ



ମାଲକାନଗିରି, ୩୦ା୧ (ସମିସ): ମାଲକାନଗିରି ଜିଲ୍ଲାକୁ ତମାଖୁ ମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନର ଜୋରଦାର ପ୍ରୟାସ ଆରମ୍ଭ କରିଛି। ଅବକାରୀ ବିଭାଗ, ପୌରପାଳିକା , ଖାଦ୍ୟ ସୁରକ୍ଷା ଏବଂ ପୁଲିସ ବିଭାଗର ପକ୍ଷରୁ ମାଲକାନଗିରି ସହରରେ ବିଭିନ୍ନ ଦୋକାନ ଓ ହୋଲସେଲ, ରିଟେଲର ଷ୍ଟୋର ମାନଙ୍କ ଉପରେ ମିଳିତ ଚଢ଼ଉ ହୋଇଛି। କ୍ରମାଗତ ଭାବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ବିଭାଗ, ପୌର ପରିଷଦ ଓ ପୋଲିସ ସହାୟତାରେ ଏହି ଚଢ଼ଉ ହେଉଥିବା ବେଳେ ବସ୍ତା ବସ୍ତା ଗୁଟ୍‌କା ଏବଂ ତମାଖୁ ଦ୍ରବ୍ୟ ଜବତ ହୋଇ ଜରିମାନା ଆଦାୟ କରାଯାଇଛି। ଚଢ଼ଉ ବେଳେ କିଛି ଦୋକାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ସରକାର ତମାଖୁ ଉପରେ ରୋକ ଲଗାଇଥିବା ବେଳେ ଆଗକୁ ଏକ ମାସ ଧରି ମାଲକାନଗିରି ସହରର ବିଭିନ୍ନ ଦୋକାନରେ ଏପରି ଚଢ଼ଉ ଜାରି ରହିବ ବୋଲି ପୌର ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

# ପୋଡ଼ାଗଡ଼ ପିଏମଶ୍ରୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ପୋଡ଼ାଗଡ଼,୩୦ା୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବା ଅଧ୍ୟକ୍ଷ ସୁରେଶ କୁମାର ନାଗ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବ୍ୟଜୟ ଟାକ୍ରିଙ୍କ ଉପସ୍ଥିତିରେ ଉଦ†ାଟନ କରାଯାଇଥିଲା। ଏହି କ୍ରୀଡ଼ାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅନେକ ପ୍ରକାରର ଖେଳରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା କାଲି ତଥା ଶୁକ୍ରବାର ଦିନ ଏହି କ୍ରୀଡାର ଉଦ୍‌ଯାପିତ ହେବ। ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଉପସ୍ଥିତ ଥିଲେ ଉପଦ୍ଦେଷ୍ଟା ସୁରେଶ କୁଲଦୀପ, ଜୁଲି ଏସ ବିହାରୀ ଖରା, ନାୟକ ସରପଞ୍ଚ ଆସେର ବେନିଆ ଉପସ୍ଥିତ ରହି ମଶାଲ ସ୍ଥାପନା କରିଥିଲେ। କ୍ରୀଡା ଶିକ୍ଷକ ଲଲାଟେନ୍ଦୁ ପୂଜାରୀ ଖେଳ ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକଙ୍କୁ ସହଯୋଗ କରିଥିଲେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ସୋରଜା ପଟ୍ଟନାୟକ।

# ରାୟଗଡ଼ରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ




ରାୟଗଡ଼ା, ୩୦ା୧(ସମିସ): ରାୟଗଡ଼ା ଜିଲ୍ଲାର ଉଦ୍ୟମୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲା ମୁଖ୍ୟ ବିକାଶ ତଥା ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତର ବିଶ୍ୱ ଅର୍ଥନୀତିରେ ସ୍ଥାନ ଓ ରାୟଗଡ଼ାର ସମ୍ଭାବନାଶୀଳ ଷ୍ଟାର୍ଟଆପ୍ ବିଷୟରେ ବିସ୍ତୃତ ଚର୍ଚ୍ଚା ହୋଇଛି। ଏହି ବୈଠକରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିତ୍ତ ରଞ୍ଜନ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସଫଳ ଉଦ୍ୟାଗୀ ଏ ଗୋବିନ୍ଦ ରାଓ, ଉଦ୍ୟାଗୀ ନରିନ କୁମୁଦନ ଓ ଉଦ୍ୟାଗୀ ସୁରଜିତ ହୋତା, ୟୁଜିଏମଆଇଟି ଅଧ୍ୟକ୍ଷ, ଆଇଟିଆଇ ଅଧ୍ୟକ୍ଷ, ଭିଆଇଏମଏସ ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ରହି ଉଦ୍ୟମୀଙ୍କୁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ଖେମୁଣ୍ଡୁ ଭାରତର ବିଶ୍ୱ ଅର୍ଥନୀତିରେ ସ୍ଥାନ ଓ ଅର୍ଥନୀତିର ବ୍ୟାପକ -ଆଧୁନିକୀକରଣ-ବିବିଧୀକରଣ (ଇଏମ୍‌ଡି) ମଡେଲ୍ ବିଷୟରେ ବିଶ୍ଳେଷଣ କରିଥିଲେ। ଚାକିରି ଖୋଜୁଥିବା ବ୍ୟକ୍ତି ନ ହୋଇ, ଚାକିରି ସୃଷ୍ଟିକାରୀ ହୁଅନ୍ତୁ ବୋଲି ସେ ଉଦ୍ୟମୀଙ୍କୁ ଉତ୍ସାହିତ କରିଥିଲେ। ସେ ରାୟଗଡ଼ାରେ କୃଷି-ବୈଷୟିକ, ଆର୍ଗାନିକ୍ ଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ, ଇ-କମର୍ସ୍, ଏଆଇ ଉପଯୋଗ, ସ୍ୱାସ୍ଥ୍ୟସେବା, ଆଇଟି, ଗ୍ରାମ୍ୟ ପର୍ଯ୍ୟଟନ ଏବଂ ଆଦିବାସୀ ପର୍ଯ୍ୟଟନ୍ କ୍ଷେତ୍ରରେ ଷ୍ଟାର୍ଟଆପ୍ ସ୍ଥାପନର କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶେଷ ଭାବେ କୋଲନାରା ଓ ରାୟଗଡ଼ାରେ ଗେଣ୍ଡୁଫୁଲ ଉତ୍ପାଦନ ଏକକ ଏବଂ କାଶୀପୁରରେ ଆମ୍ବ ପ୍ରକ୍ରିୟାକରଣ ଇ ୟୁନିଟ୍ ସ୍ଥାପନ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ସୁନୀଲ ପଟ୍ଟନାୟକ, ଶୁଭ୍ରତ ପଟ୍ଟନାୟକ, ଅଂଶୁମାନ ବେହେରା ମିଳିତ ଭାବେ ପିଏମ୍‌ଇଜିପି , ପିଏମ୍‌ଏଫ୍‌ଏମ୍‌ଇ ଏବଂ ସିଏମ୍‌ଏସ୍‌ଆର୍‌ଆଇଏମ୍ ସମେତ ଅନ୍ୟାନ୍ୟ ସରକାରୀ ଯୋଜନା ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। ଏବଂ ସୁନୀଲ ପ୍ରଧାନ ଶେଷ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମର ଶେଷ ହୋଇଥିଲା।

# ଆର୍ଥିକ ଓ ଡିଜିଟାଲ ସାକ୍ଷରତା ସଚେତନତା ଶିବିର




କୋଷାଗୁମୁଡା,୩୦ା୧(ସମିସ): ଗୁରୁବାର ଦିନ ଅଗ୍ରଣୀ ବ୍ୟାଙ୍କ ଓ ଏଫଏଲସିସି ନବରଙ୍ଗପୁର ପକ୍ଷରୁ କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଠାରେ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆରବିଆଇ ନିର୍ଦ୍ଦେଶ ମୁତାବକ ଅଗ୍ରଣୀ ବ୍ୟାଙ୍କ, ନାବାର୍ଡ ଏବଂ ଏସ୍‌ବିଆଇ କୋଷାଗୁମୁଡା ଓ ଧାନଫାଉଣ୍ଡେସନ ସହଯୋଗରେ ଏଫଏଲସିସି ନବରଙ୍ଗପୁର ପକ୍ଷରୁ ସୁନ୍ଦର ଭାବରେ ଅନୁଷ୍ଠିତ ହୋଇଥିଲା କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଏଫଏଲସି ନିର୍ଦ୍ଦେଶକ ବିମଳ କିଶୋର ମହାନ୍ତି, ମୁଖ୍ୟ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଗୋପାଳ କୃଷ୍ଣ ପଣ୍ଡା, ଏଫଏଲସି ତନ୍ମୟ ଦାସ, କୋଷାଗୁମୁଡା ଏସ୍‌ବିଆଇ ଶାଖା ପରିଚାଳକ ନୂତନ ପାଢ଼ୀ, ସ୍ଥାନୀୟ ସରପଞ୍ଚ ରାଧା ମାଝୀ, ଧାନ ଫାଉଣ୍ଡେସନ ସିଏଫଏଲ କୋଡିନେଟର, ଆସୋସିଏଟ ଶାନ୍ତନୁ ଚାନ୍ଦ, ସ୍ଥାନୀୟ ସିଏସପି କର୍ମକର୍ତ୍ତା, ଏମବିକେ, ସିଆରପିଙ୍କ ସମେତ ବହୁ ଜନ ସାଧାରଣ ଉପସ୍ଥିତ ରହିଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ମେଗା ରକ୍ତଦାନ ଶିବିର



## ୪୫୫ ୟୁନିଟ ରକ୍ତ ସଂଗ୍ରହ

ଗୁଣପୁର, ୩୦ା୧(ସମିସ): ଆଜି ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ବିଶ୍ୱବିଦ୍ୟାଳୟ ପରିସର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୪୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରକୁ ଭୁବନେଶ୍ୱର ସ୍ଥିତ ଆଇଏମଏମଟିର ବରିଷ୍ଠ ମୁଖ୍ୟ ବୈଜ୍ଞାନିକ ଡ.ନବୀନ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଶ୍ୱବିଦ୍ୟାଳୟର କୁଳପତି ଡ ଏଭିଏନଏଲ ଶର୍ମା, ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତଙ୍କୁ ଉତ୍ସାହିତ କରିଥିଲେ। ରେଜିଷ୍ଟ୍ରାର ଡ. ଏନ୍ ଭି ଜଗନ୍ନାଧା ରାଓ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରି ରାୟଗଡ଼ା ଜିଲ୍ଲାର ରାୟଗଡ଼ା ରକ୍ତ ଭଣ୍ଡାର, ଗୁଣୁପୁର ରକ୍ତ ଭଣ୍ଡାର ସହ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ରକ୍ତ ଭଣ୍ଡାର ଏବଂ ଗଞ୍ଜାମ ଜିଲ୍ଲାର ଏମ୍‌କେସିଜି ମେଡିକାଲ କଲେଜ ରକ୍ତ ଭଣ୍ଡାରକୁ ରକ୍ତ ପ୍ରେରିତ କରି ରକ୍ତ ହୀନତା ରୋଗୀ ମାନଙ୍କୁ ଜୀବନ ଦାନ କରୁଥିବାରୁ ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଶିବିରକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ୟୁନିଟ- ୧ ବାଣୀ ପ୍ରସାଦ ନାୟକ, ଡ. ପ୍ରେମାନଶୁ ଶେଖର ରଥ ,ପ୍ରମୋଦ ରଞ୍ଜନ ପଣ୍ଡା ,ଗୋପାଳକୃଷ୍ଣ ମହନ୍ତ, କୃଷ୍ଣପ୍ରସାଦ ଦାସ, ଜସିଲ ପଟ୍ଟନାୟକ ପ୍ରମୁଖ ଶିବରକୁ ପରିଚାଳନା କରିଥିଲେ। ଗୁଣୁପୁର ରକ୍ତ ଭଣ୍ଡାରରର ଡାକ୍ତର ଅଭିଷେକ ବେଉରା, ଟେକ୍ନିସିଆନ ରାକେଶ କୁମାର ପଣ୍ଡା, ଜେ. ବିନୟ, ରୋଜୀ ନାୟକ, ନର୍ସିଂ ଅଫିସର ସୁମିତ୍ରା ଶବର ପ୍ରମୁଖ ଯୋଗ ଦେଇ ୯୫ ୟୁନିଟ , ଏମ୍‌କେସିଜି ମେଡ଼ିକାଲ କଲେଜ ରକ୍ତ ଭଣ୍ଡାରର ଡାକ୍ତର ମନୋଜ କୁମାର ଟୁଡୁ , ସିନିୟର୍ ଟେକ୍ନିସିଆନ୍ ଗୋପାଳ କୃଷ୍ଣ ପଣ୍ଡା, ପିଆରଓ ସୁଶାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ୨୫୧ ୟୁନିଟ , ପାରଳାଖେମୁଣ୍ଡି ରକ୍ତ ଭଣ୍ଡାରର ଡାକ୍ତର ପଲଭି ପ୍ରିୟଦର୍ଶିନୀ, ଟେକ୍ନିସିଆନ୍ ପ୍ରଦୀପ କୁମାର ମୁଦୁଲି, ଏ କୁସୁମା ଯୋଗ ଦେଇ ୫୩ ୟୁନିଟ ଏବଂ ରାୟଗଡ଼ା ରକ୍ତ ଭଣ୍ଡାରରର ଡାକ୍ତର ଗୌତମ ପଟ୍ଟନାୟକ, ଟେକ୍ନିସୀୟାନ ବି କିଶୋର କୁମାର, ଉମାକାନ୍ତ ମିଶ୍ର, ଯୋଗ ଦେଇ ୫୬ ୟୁନିଟ ରକ୍ତ ସଂଗ୍ରହ କରିଥିଲେ।ଏହି ଶିବିରରେ ବିଶ୍?ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଯୋଗ ଦେଇ ଉତ୍ସାହର ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ପରେ ଏମ କେ ସି ଜି ମେଡିକାଲ କଲେଜ ରକ୍ତ ଭଣ୍ଡାର ପକ୍ଷରୁ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ ଏନ୍ ଭି ଜଗନାଧା ରାଓଙ୍କୁ ମାନପତ୍ର, ଉପଢୌକନ ସହ ସିଲ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା, ଉପ-ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡ.ଜଗଦୀଶ ପଣ୍ଡା ସମସ୍ତ ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇଥଲେ।

ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟର ସେବାରେ ନିଜକୁ ହଜାଇ ଦେବା ହିଁ ତୁମେ ନିଜେ ନିଜକୁ ଆବିଷ୍କାର କରିବାର ସର୍ବୋତ୍ତମ ପଥ।

- ମହାତ୍ମା ଗାନ୍ଧୀ

## ଅସ୍ପଷ୍ଟ ଦୃଶ୍ୟପଟ୍ଟ

ବଜେଟ ଆଗତ ପୂର୍ବରୁ ଦେଶର ଆର୍ଥିକ ଦୃଶ୍ୟପଟ୍ଟ ସଂପର୍କରେ ଏକ ସାରାଂଶ ପ୍ରଦାନ କରିଥାଏ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ। ଗୁରୁବାର ସଂସଦରେ ଉପସ୍ଥାପିତ ଏହି ରିପୋର୍ଟ କେବଳ ସରକାରଙ୍କ ପ୍ରୟାସ ଓ ସମ୍ଭାବ୍ୟ ପ୍ରତିଫଳନର ଝଲକ କହିଲେ ଭୁଲ ହେବ ନାହିଁ। ବିଶ୍ୱ ଭୂରାଜନୀତିରେ ଯେଉଁ ଅନିଶ୍ଚିତତା ଜାରି ରହିଛି ତାହା ସାମଗ୍ରିକ ଭାବେ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିରଖିଛି। ତେଣୁ ଆମ ଆଭ୍ୟନ୍ତରୀଣ ଅର୍ଥନୈତିକ ବ୍ୟବସ୍ଥା ଯେଉଁ ଚାପର ସମ୍ମୁଖୀନ ହୋଇଛି ସେଥିରେ ଯେ ତୁରନ୍ତ ପରିବର୍ତ୍ତନ ଘଟିବ ତାହା ସମ୍ଭବ ନୁହେଁ। ଆମର ଏକାଧିକ ସହଯୋଗୀ ରାଷ୍ଟ୍ର ଟାରିଫ ଜନିତ ଅସ୍ଥିରତାର ସମ୍ମୁଖୀନ ହୋଇଥିବାରୁ ସେମାନଙ୍କ ପକ୍ଷରୁ ସମ୍ଭାବ୍ୟ ନିବେଶ ହ୍ରାସ ପାଇଛି। ତେଣୁ ଆମ ଅର୍ଥନୀତି ଯେଭଳି ଗତିଶୀଳ ହେବ ବୋଲି ଆଶା କରାଯାଇଥିଲା ସେଥିରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଆମେରିକା ସହ ସମ୍ଭାବ୍ୟ ବାଣିଜ୍ୟ ଚୁକ୍ତିନାମା ଭାରତର ଆର୍ଥିକ ଅସ୍ଥିରତା ହ୍ରାସ କରିବାରେ ସହାୟକ ହେବ ବୋଲି ୨୦୨୫-୨୬ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି।

ପରିବର୍ତ୍ତିତ ବିଶ୍ୱ ଦୃଶ୍ୟପଟ୍ଟରେ ଭାରତ ବିପୁଳ ସମ୍ଭାବନାର କ୍ଷେତ୍ରରୂପେ ବିବେଚିତ। ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଶୁଳ୍କ ନୀତିରେ ବ୍ୟତିବ୍ୟସ୍ତ ବିତ୍ତଶାଳୀ ରାଷ୍ଟ୍ରଙ୍କ ଅପେକ୍ଷା ଭାରତୀୟ ବଜାର ଓ ସ୍ଥିର ଅର୍ଥନୀତି ସକାରାତ୍ମକ ସ୍ଥିତିରେ ରହିଛି। ତେଣୁ ୨୦୨୭ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ହାର ୬.୮ ରୁ ୭.୨ ପ୍ରତିଶତ ମଧ୍ୟରେ ରହିବ ବୋଲି ଦର୍ଶାଯାଇଛି। ଗତବର୍ଷ ଅଗଷ୍ଟମାସରୁ ଆମେରିକା ସହ ବାଣିଜ୍ୟିକ ସଂପର୍କ ପ୍ରତିକୂଳ ପାଣିପାଗ ମଧ୍ୟରେ ଗତି କରୁଥିଲେ ମଧ୍ୟ ନୂଆ ଅଂଶୀଦାର ଓ ସହଯୋଗୀ ମାଧ୍ୟମରେ ପରିସ୍ଥିତିକୁ ଅନେକାଂଶରେ ନିୟନ୍ତ୍ରଣକୁ ଅଣାଯାଇପାରିଛି। ରିପୋର୍ଟରେ ଏଭଳି ବାର୍ତ୍ତା ଦେଇ ସରକାର ନିଜ ପିଠି ନିଜେ ଥାପୁଡ଼ାଇବାର ପ୍ରୟାସ କରିଛନ୍ତି ଏବଂ କେବଳ ଏକ ସମ୍ଭାବନାର ଅଙ୍କ କଷିଛନ୍ତି। ତେବେ କିଛି ବିଶେଷଜ୍ଞଙ୍କ ମତରେ ବିଶ୍ୱ ବାଣିଜ୍ୟ କାରବାର କ୍ଷେତ୍ରରେ ପରିଲକ୍ଷିତ ପରିସ୍ଥିତି ଯଦି ଲମ୍ବା ସମୟ ପାଇଁ ଅପରିବର୍ତ୍ତିତ ରହେ ତେବେ ୨୦୦୮ ସମୟର ମାନ୍ଦାବସ୍ଥାର ସମ୍ମୁଖୀନ ହେବା କିଛି ବିଚିତ୍ର ନୁହେଁ।

ବିଶ୍ୱବାଣିଜ୍ୟ କ୍ଷେତ୍ରରେ ଅସ୍ଥିରତା ଜାରି ରହିଥିଲେ ମଧ୍ୟ ୨୦୨୫ ଆର୍ଥିକ ବର୍ଷରେ ଭାରତ ୮୨୫.୩ ବିଲିୟନ ଡଲାର ମୂଲ୍ୟର ରପ୍ତାନୀ କରିପାରିଛି ଏବଂ ୨୦୨୬ ଆର୍ଥିକ ବର୍ଷରେ ସେହି ଧାରା ଅବ୍ୟାହତ ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ସକାରାତ୍ମକ ଆର୍ଥିକ ନୀତିର ପ୍ରତିଫଳନ ଘଟିଛି ମୁଦ୍ରାସ୍ଫୀତିରେ । ଏହି ହାର ୫.୪ ପ୍ରତିଶତରୁ ୪.୯ ପ୍ରତିଶତକୁ ହ୍ରାସପାଇଛି। ୨୦୨୫ରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ପୂର୍ବବର୍ଷରେ ୪୭.୨ ବିଲିୟନ ଡଲାର ଥିବା ବେଳେ ତାହା ୫୫.୬ ବିଲିୟନ ଡଲାର କୁ ବୃଦ୍ଧି ପାଇଛି। ଆଗାମୀ ଦଶନ୍ଧିର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିପୁଳ ଅର୍ଥ ବିନିଯୋଗ କରିବାକୁ ପଡ଼ିବ। ତେବେ ଏକଥା ସ୍ୱୀକାର କରିବାକୁ ହେବ ଯେ ମୁଦ୍ରାସ୍ଫୀତି ହାରର ନିମ୍ନ ଗତି ଯୋଗୁଁ ସୁଧହାର କ୍ରମାଗତ ଭାବେ ହ୍ରାସ ପାଉଛି। ତେଣୁ ବିନିର୍ମାଣ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ସହଜ ଓ ସୁଲଭ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହାକୁ ଏକ ବଡ଼ ସଫଳତା ରୂପେ ଦର୍ଶାଯାଇଛି।

ଅର୍ଥନୀତିର ବ୍ୟାପକ ଦିଗରେ ସକାରାତ୍ମକ ଗତି ଓ ପ୍ରଗତି ନେଇ ସର୍ଭେ ରିପୋର୍ଟରେ ଦର୍ଶାଯାଉଥିବା ତଥ୍ୟ ଯେ ସଂପୂର୍ଣ୍ଣ ଅମୂଳକ ଏକଥା ନୁହେଁ। ତେବେ ସରକାରଙ୍କ ବର୍ଦ୍ଧିତ ଋଣହାରର କାରଣ ଓ ନିରାକରଣ ଦିଗ ପ୍ରତି ବିତ୍ତ ମନ୍ତ୍ରୀ ଓ ମୁଖ୍ୟ ଅର୍ଥନୀତି ପରାମର୍ଶଦାତାଙ୍କ ନିରବତା ଏଭଳି ଏକାଧିକ ପ୍ରସଙ୍ଗ ଅବୁଝା ରହିଯାଇଛି। ●

## ଉପେକ୍ଷିତ ଓଡ଼ିଶା

ଭାରତ ଓ ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହୋଇଛି। ଗତବର୍ଷ ଜୁଲାଇରେ ଭାରତ ଓ ବ୍ରିଟେନ ମଧ୍ୟରେ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହୋଇଛି। ଖୁବ୍‌ଶୀଘ୍ର କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସଂପର୍କ ସୁଦୃଢ଼ କରିବା ସକାଶେ କ୍ଷେତ୍ର ପ୍ରସ୍ତୁତ ହୋଇଛି। ଏହିକ୍ରମରେ ରପ୍ତାନି ଯୋଗ୍ୟ ସାମଗ୍ରୀ ବିଦେଶକୁ ପ୍ରେରଣର ଯେଉଁ ସୁଯୋଗ ସୃଷ୍ଟି ହେଉଛି ସେଥିରେ ଆମରାଜ୍ୟର କିଛି ଭୂମିକା ରହୁଛି ନା ନାହିଁ ତାହା ବିଚାର କରିବାର ସମୟ ଏବେ ଉପସ୍ଥିତ। ଏକ୍ଷେତ୍ରରେ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦୃଷ୍ଟିରୁ ଆଶାକରିବା ଓଡ଼ିଶା ପ୍ରତି ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ ନିଶ୍ଚୟ ରହିବ। ଓଡ଼ିଶାର ଖଣିଜ ପଦାର୍ଥ, ବୟନ ଓ ହସ୍ତତନ୍ତ ସହ ସାମୁଦ୍ରିକ ଉତ୍ପାଦର ଚାହିଦା ବିଦେଶରେ ଅଛି। ସର୍ବୋପରି ରାଜ୍ୟରେ ଏବେ ଡବଲଇଂଜିନ ସରକାର, ଜାତୀୟ ସ୍ତରର ନିଷ୍ପତ୍ତିରେ ଆମେ ଅଂଶୀଦାର ହେବାର ହକ୍ ଅଛି।

ପରିବର୍ତ୍ତିତ ପରିସ୍ଥିତିରେ ବାଣିଜ୍ୟ ରାଜିନାମାକୁ ନେଇ ସବୁସ୍ତରରେ ଉଚ୍ଛାଟ ଓ ଉତ୍ସାହ. ପ୍ରକାଶ ପାଇଛି। ତେଣୁ ତ ଆବଶ୍ୟକତାଠାରୁ ଅଧିକ ଏ ପ୍ରକାର ଖବରର ଅଧିକ ପ୍ରଚାର ପ୍ରସାର ହେଉଛି। ଘଟଣାକ୍ରମର ଛୋଟବଡ଼ ଖବର ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ। ଦୁଇଦିନ ତଳେ ଇୟୁ ସହ ରାଜିନାମାରୁ କେଉଁ ସୁଯୋଗ ସୁବିଧା ମିଳିବ ସେ ସମ୍ପର୍କରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ଉପକୃତ ହେବାକୁ ଥିବା ୧୨ ଟି ରାଜ୍ୟର ସୂଚନା ମାନଚିତ୍ର ମାଧ୍ୟମରେ ଦର୍ଶାଇଥିଲେ। ମନ୍ତ୍ରାଳୟ ପକ୍ଷରୁ ଭାରତ – ବ୍ରିଟେନ ରାଜିନାମା ବେଳେ ମଧ୍ୟ ଅନୁରୂପ ମାନଚିତ୍ର ପ୍ରକାଶ ପାଇଥିଲା। ତେବେ ସେହି ମାନଚିତ୍ରରେ ଓଡ଼ିଶାର ସ୍ଥାନ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପାୟନ ମାଧ୍ୟମରେ ଦ୍ରୁତ ବିକାଶର ଯେଉଁ ରୂପରେଖ ନିୟମିତ ପ୍ରଚାର କରାଯାଉଛି ତାହା କ'ଣ କେବଳ ଆଭ୍ୟନ୍ତରୀଣ ଆବଶ୍ୟକତା ପୂରଣ ସକାଶେ ଉଦ୍ଦିଷ୍ଟ? ସମ୍ଭ୍ରାନ୍ତ ଓ ସମୃଦ୍ଧିର ସ୍ୱପ୍ନ ଦେଖୁଥିବା ଓଡ଼ିଶାବାସୀ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ଦ୍ୱାରା ପ୍ରକାଶିତ ମାନଚିତ ଦେଖି ସାମାଜିକ ଗଣମାଧ୍ୟମରେ ପ୍ରଶ୍ନକରିବା ସ୍ୱାଭାବିକ। ଏକଥା କୁହାଯାଇ ପାରେ କି ଗୋୟଲ ସାହେବଙ୍କ ଦୃଷ୍ଟିରେ ବୋଧହୁଏ ଆମର ରପ୍ତାନି କ୍ଷମତା ନାହିଁ।

ଏହି କ୍ରମାଗତ ଉପେକ୍ଷା ଯେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିନଥିବ ଏକଥା ନୁହେଁ। କେନ୍ଦ୍ର ସରକାରଙ୍କୁ ଏ ସଂପର୍କରେ ଅବଗତ କରାଇବାର ଆବଶ୍ୟକତା ରହିଛି। ଯଦିବା ରପ୍ତାନିଯୋଗ୍ୟ ସାମଗ୍ରୀ ଉତ୍ପାଦନରେ ସୀମିତ ସୁଯୋଗ ରହିଛି ବୋଲି ସରକାର ଅନୁଭବ କରୁଥିବେ ତେବେ କ୍ଷେତ୍ର ବିଶେଷରେ ବ୍ୟବସ୍ଥାର ସଂପ୍ରସାରଣ ଓ ଆବଶ୍ୟକ ସ୍ଥଳେ ପ୍ରୋତ୍ସାହନ ଦିଆଯିବା ଉଚିତ୍। ଦ୍ରୁତ ବିକାଶର ସ୍ୱପ୍ନ ଦେଖୁଥିବା ସରକାର ରପ୍ତାନି ବାଣିଜ୍ୟକୁ ଏକ ମାଧ୍ୟମ ରୂପେ ଗ୍ରହଣ କରି ଉପଲବ୍ଧ ସୁଯୋଗର ସଦୁପଯୋଗ କରିବା ଉଚିତ। ●

## ୟୁଜିସି ନିୟମାବଳୀ: ୨୦୧୨ ବନାମ ୨୦୨୬

ସୌଭାଗ୍ୟ ସୁନ୍ଦରରାୟ

ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି) ପ୍ରଣୀତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଭେଦଭାବ ରହିତ ନିୟମାବଳୀ-୨୦୨୬ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଏଥିସହ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଏହି ନିୟମାବଳୀର ଭାଷା ବିଭ୍ରାନ୍ତିକର ଏବଂ ଏହା ସମାଜକୁ ଅଧିକ ବିଭାଜିତ କରିବ। ନୂତନ ନିୟମାବଳୀରେ କେବଳ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସାଧାରଣ ବର୍ଗଙ୍କୁ ବାଦ ଦିଆଯାଇଛି। ଦେଶବ୍ୟାପୀ ଏହା ବିରୋଧରେ ପ୍ରବଳ ପ୍ରତିବାଦ ହେବା ପରେ ମାମଲା ଅଦାଲତକୁ ଗଲା। ତେବେ ଏପରି ଏକ ନିୟମାବଳୀ ତ ୨୦୧୨ ମସିହାରୁ ରହିଛି। ପୁନର୍ବାର କ'ଣ ପାଇଁ ନୂଆ ନିୟମାବଳୀର ଆବଶ୍ୟକ ପଡ଼ିଲା? ନୂଆ ନିୟମାବଳୀରେ ଭେଦଭାବର ସଂଜ୍ଞା ଯେପରି ଢଙ୍ଗରେ ନିର୍ଦ୍ଧାରଣ କରାଗଲା ତାହା ଭେଦଭାବକୁ ଅଧିକ ବୃଦ୍ଧି କରିବାର ଆଶଙ୍କା ରହିଲା। ସାଧାରଣ ବର୍ଗ ଛାତ୍ରଛାତ୍ରୀଙ୍କ ଅଭିଯୋଗ ନିମନ୍ତେ ଏଥିରେ ବ୍ୟବସ୍ଥା ରହିଲା ନାହିଁ। ପରିଶେଷରେ ନ୍ୟାୟପାଳିକା ଏହି ନିୟମାବଳୀର କାର୍ଯ୍ୟକାରିତା ଉପରେ ନିଷେଧାଦେଶ ଜାରି କଲେ। ନୂଆ ନିୟମାବଳୀ ତର୍ଜମା ନିମନ୍ତେ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୯ ମସିହାରେ ମହାରାଷ୍ଟ୍ରର ଟୋପିୱାଲା ନ୍ୟାସନାଲ ମେଡିକାଲ କଲେଜରେ କିଛି ବରିଷ୍ଠ ଡାକ୍ତରଙ୍କ ଆକ୍ଷେପ ଓ ଅସୂୟା ଆଚରଣକୁ ସହି ନ ପାରି ଆବାସିକ ଡାକ୍ତର ଥିବା ୨୬ ବର୍ଷୀୟା ପାୟଲ ସଲିମ ତାଡ଼ଭି ଆତ୍ମହତ୍ୟା କଲେ। ତାଡ଼ଭି ମହାରାଷ୍ଟ୍ରର ସଂଖ୍ୟାଲଘୁ ଭିଲ ସଂପ୍ରଦାୟର ଥିଲେ। ଏହି ଆତ୍ମହତ୍ୟା ଘଟଣାରେ ଯେଉଁ ବରିଷ୍ଠ ଡାକ୍ତରଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲା ଜାତୀୟ ମାନବିକ ଅଧିକାର ଆୟୋଗ ପରବର୍ତ୍ତୀ ସମୟରେ ପ୍ରମାଣ ଅଭାବରୁ ସେମାନଙ୍କୁ ଦୋଷମୁକ୍ତ କରିଥିଲେ। ଘଟଣାରେ ସଂପୃକ୍ତ ୩ ଜଣ ଛାତ୍ରୀଙ୍କ ବିରୋଧରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ସୁପ୍ରିମକୋର୍ଟ ମଧ୍ୟ ତାହାକୁ ରଦ୍ଦ କରିଥିଲେ। ଅନ୍ୟ ଏକ ଘଟଣାରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ରୋହିତ ଚକ୍ରବର୍ତ୍ତୀ ଭେମୁଲ ନାମକ ଦଳିତ ବର୍ଗର ଜଣେ ପିଏଚଡି ଛାତ୍ର ୨୦୧୬ ମସିହାରେ ଜାତିଆଣ ଭେଦଭାବରୁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସେହିପରି ୨୦୨୩ ମସିହାରେ ଆଇଆଇଟି ମୁମ୍ବାଇର ଦଳିତ ଛାତ୍ର ଦର୍ଶନ ସୋଲାଙ୍କି ହଷ୍ଟେଲର ୭ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏ କ୍ଷେତ୍ରରେ ମଧ୍ୟ ଜାତିଆଣ ଭେଦଭାବ ଅଭିଯୋଗ ଆସିଲା। ପରେ ଜଣାପଡ଼ିଥିଲା ତାଙ୍କର ପାଠପଢ଼ା ପ୍ରଦର୍ଶନ ସେତେଟା ଭଲ ନଥିଲା। ୨୦୧୪ରୁ ୨୦୨୧ ମସିହା ମଧ୍ୟରେ ଆଇଆଇଟି ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଏନଆଇଟି, ଆଇଆଇଏମ ଓ ଆଇଜର ଆଦି ଶିକ୍ଷାନୁଷ୍ଠାନରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ବହୁଜନ ସମାଜ ଓ ପଛୁଆବର୍ଗ ସଂପ୍ରଦାୟର ୧୨୨ ଜଣ ବିଦ୍ୟାର୍ଥୀ ଆତ୍ମହତ୍ୟା କରିଥିବା ୨୦୨୧ ମସିହାରେ ଲୋକସଭାରେ ଉପସ୍ଥାପିତ ତଥ୍ୟରୁ ଜଣାଯାଏ।

ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ରିପୋର୍ଟ ଅନୁଯାୟୀ ଦେଶରେ ପ୍ରତିବର୍ଷ ପ୍ରାୟ ୧୩ରୁ ୧୪ ହଜାର ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। ଗତ ଦଶନ୍ଧି ମଧ୍ୟରେ ଏହି ସଂଖ୍ୟା ୬୫% ବୃଦ୍ଧି ପାଇଛି। ଏଥିରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ ଅଛନ୍ତି। କୋଟାରେ ମଧ୍ୟ ଛାତ୍ରଛାତ୍ରୀ ଆତ୍ମହତ୍ୟା ବହୁଳ ଭାବେ ଘଟୁଛି। ଏଣୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀ ଆତ୍ମହତ୍ୟା ବୃଦ୍ଧି ପାଇବାର ଏକମାତ୍ର କାରଣ ଜାତିଆଣ ବା ସାଂପ୍ରଦାୟିକ ବିଦ୍ୱେଷ ନୁହେଁ ବୋଲି ଜଣାପଡୁଛି। ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ପଛରେ ଥିବା ଏକାଧିକ କାରଣ ମଧ୍ୟରେ ପାଠର ଚାପ, ପରୀକ୍ଷାରେ ବିଫଳ ହେବାର ଭୟ, ପିତାମାତାଙ୍କ ଉଚ୍ଚ ଆକାଂକ୍ଷା ଓ ମାନସିକ ଚାପ। ଏବେ ଦେଶର କେନ୍ଦ୍ରୀୟ ଉଚ୍ଚ, ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ୨୮% ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ମାଡ୍ରାସ ଆଇଆଇଟିରେ ୧୧୦୦ ଅନୁମୋଦିତ ପଦବୀରୁ ୪୨୯ ଖାଲି ପଡ଼ିଥିବା ବେଳେ ଖଡ଼ଗପୁର ଆଇଆଇଟିରେ ୧୬୦୦ ପଦବୀ ମଧ୍ୟରୁ ୮୨୫ ପଦବୀ ଖାଲି ପଡ଼ିଛି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରାୟ ୫୬% ପ୍ରଫେସର ପଦବୀ ଖାଲି ପଡ଼ିଛି। କେଉଁଠି କୁଳପତି ନାହାନ୍ତି ତ କେଉଁଠି ନିର୍ଦ୍ଦେଶକ ନାହାନ୍ତି। ଅତିଥି ଅଧ୍ୟାପକ ପାଠ ପଢ଼ାରେ ନିୟୋଜିତ। ଫଳରେ ପିଏଚଡି କରୁଥିବା ବିଦ୍ୟାର୍ଥୀଙ୍କୁ ନିଜ ଗାଇଡ୍ ସମୟ ଦେଇପାରୁ ନାହାନ୍ତି କି ବୋଧଗମ୍ୟ କରିପାରୁ ନଥିବା ପିଲାଙ୍କୁ ପାଠ ସହଜ କରିବା ପାଇଁ ଅଧ୍ୟାପକ ମିଳୁନାହାନ୍ତି। ଏପରି ସ୍ଥିତିରେ ପିଲା ହତୋତ୍ସାହିତ ଓ ଧୈର୍ଯ୍ୟହରା ହେଉଛନ୍ତି। ଋଣ ନେଇ ପାଠ ପଢୁଥିବା ବିଦ୍ୟାର୍ଥୀ ଅଧିକ ଚାପଗ୍ରସ୍ତ ହେଉଛନ୍ତି। ଏଥିରେ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଅନ୍ୟ ଏକ ସମସ୍ୟା ଭାବେ ଉଭା ହୋଇଛି। ଏକଥା କେହି ସ୍ୱୀକାର କରନ୍ତୁ ବା ନକରନ୍ତୁ, ସଂରକ୍ଷଣ ବ୍ୟବସ୍ଥାରେ ସ୍ୱଳ୍ପ ମେଧାଯୁକ୍ତ ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମ ଲେଖାଉଥିବା ସତ୍ୟ। ସମାନତା ଆଣିବା ଉଦ୍ଦେଶ୍ୟରେ ଦେଶରେ ଏହି ବ୍ୟବସ୍ଥା କରାଯାଇଛି। କିନ୍ତୁ ପାଠ ତ ସବୁବର୍ଗ ପାଇଁ ସମାନ। ଯଦି ଶିକ୍ଷାନୁଷ୍ଠାନରେ ନାମ ଲେଖା ପାଇଁ ବର୍ଗୀକରଣ କରାଯାଉଛି, ତା' ହାଲେ ସେହି ଅନୁଯାୟୀ ପାଠ୍ୟକ୍ରମ ବର୍ଗୀକରଣ କରାଗଲେ କିପରି ହେବ? ଏହା ସମ୍ଭବ ନୁହେଁ। ଏଣୁ ବିଭିନ୍ନ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିବାରେ ଅସମର୍ଥ ହୋଇ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଥାଇ ପାରନ୍ତି। ଏହି ବର୍ଗ ପାଇଁ ମାନସିକ ସ୍ୱାସ୍ଥ୍ୟ ସହାୟତା ଯୋଗାଣର ଆବଶ୍ୟକତା ଅନୁଭୂତ ହେଉଛି।

ଖଡ଼ଗପୁର ଆଇଆଇଟିରେ ୨୦୨୫ ମସିହା ଜାନୁଆରୀରୁ ସେପ୍ଟେମ୍ବର ମାସ ମଧ୍ୟରେ ୫ ଜଣ ଛାତ୍ର ଆତ୍ମହତ୍ୟା କଲେ। ସେହିବର୍ଷ ମାର୍ଚ୍ଚ ମାସରେ ଦିଲ୍ଲୀ ଆଇଆଇଟିର ଦୁଇଜଣ ଛାତ୍ରଙ୍କୁ ହଷ୍ଟେଲ କୋଠରି ମଧ୍ୟରୁ ମୃତ ଅବସ୍ଥାରେ ଉଦ୍ଧାର କରାଗଲା। ଏହି ଦୁଇ ଜଣ ଛାତ୍ର ଅନୁସୂଚିତ ଜାତି ବର୍ଗର ଥିଲେ। ଏହି ଅଘଟଣ ସୁପ୍ରିମକୋର୍ଟଙ୍କ ଦୃଷ୍ଟିକୁ ଆସିଲା। ବିଚାରପତି ଜେ ବି ପର୍ଦ୍ଦିୱାଲା ଓ ବିଚାରପତି ଆର.ମହାଦେବନଙ୍କୁ ଗଠିତ ଖଣ୍ଡପୀଠ ଏଥିପାଇଁ ଏକ ଟାସ୍କ ଫୋର୍ସ ଗଠନ କରିଥିଲେ। ଟାସ୍କ ଫୋର୍ସ ରିପୋର୍ଟ ଭିତ୍ତିରେ ୨୦୧୨ ମସିହାର ଭେଦଭାବ ରହିତ ନିୟମାବଳୀକୁ କଡ଼ାକଡ଼ି କରିବା ନିମନ୍ତେ ସୁପ୍ରିମକୋର୍ଟ ୟୁଜିସିକୁ ନିର୍ଦ୍ଦେଶ ଦେବା ସହ ଏକ ୧୫ ସୂତ୍ରୀ ନିର୍ଦ୍ଦେଶନାମା ମଧ୍ୟ ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାରୁ ଅଧିକାଂଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ।

ଶିକ୍ଷାନୁଷ୍ଠାନ ପରିସରରେ ଜାତି, ଭାଷା, ଧର୍ମ, ବର୍ଣ୍ଣ, ଲିଙ୍ଗ, ସଂପ୍ରଦାୟ ନିର୍ବିଶେଷରେ ସମାନତା ପାଇଁ ୨୦୧୨ ମସିହାରେ ୟୁଜିସି ଏକ ନିୟମାବଳୀ ଜାରି କରିଥିଲେ। ତେବେ କେଉଁ କାରଣ ପାଇଁ ପୁନର୍ବାର ନୂଆ ନିର୍ଦ୍ଦେଶନାମା ଜାରି କରିବାର ଆବଶ୍ୟକ ପଡ଼ିଲା? ଏଥିପାଇଁ ୨୦୨୫ ମସିହାର ଅଦାଲତ ନିର୍ଦ୍ଦେଶ କଥା ୟୁଜିସି ଉଠାଇଛନ୍ତି। କିନ୍ତୁ ଅଦାଲତ ତ କେଉଁଠି କହି ନ ଥିଲେ ସାଧାରଣ ବର୍ଗଙ୍କୁ ବାଦ୍ ଦେବା ପାଇଁ। ପୂର୍ବ ନିର୍ଦ୍ଦେଶାବଳୀ କଡ଼ାକଡ଼ି ପାଳନ କରିବାକୁ ଅଦାଲତ କହିଥିଲେ। ଏଣୁ କଠୋରତାର ସହ ସଠିକ୍ ଢଙ୍ଗରେ ନୂଆ ନିର୍ଦ୍ଦେଶାବଳୀ ପ୍ରଣୟନ ହୋଇ ପାରିଥା'ନ୍ତା। ସେଭଳି କରାନଯାଇ ଅଦାଲତ ନିର୍ଦ୍ଦେଶର ତ୍ରୁଟିପୂର୍ଣ୍ଣ ତର୍ଜମା କରାଗଲା। ନିୟମାବଳୀକୁ ଭେଦଭାବଯୁକ୍ତ କରି ଦିଆଗଲା। ୨୦୧୨ ମସିହା ୟୁଜିସି ନିୟମାବଳୀରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଅନ୍ତର୍ଭୁକ୍ତ ନଥିଲେ। ନୂଆ ନିୟମାବଳୀରେ ଏହି ବର୍ଗକୁ ଅନ୍ତର୍ଭୁକ୍ତ କରାଗଲା।

ଶିକ୍ଷାନୁଷ୍ଠାନ ବ୍ୟବସ୍ଥା ପରିଚାଳନା ପାଇଁ ଅନେକ ନିୟମାବଳୀ ରହିଛି। ମହିଳା ଉତ୍ପୀଡ଼ନ ନିରାକରଣ ନିମନ୍ତେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ରହିଛି। ରାଗିଂ ଦ୍ୱାରା କନିଷ୍ଠ ବିଦ୍ୟାର୍ଥୀଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଥିବାରୁ ଏହାର ନିରାକରଣ ନିମନ୍ତେ ରାଗିଂ ନିରାକରଣ କମିଟି ରହିଛି। କିନ୍ତୁ ଏହି ନିୟମାବଳୀ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଅଧାପନ୍ତରିଆ ଭାବେ ଏହା କାର୍ଯ୍ୟକାରୀ କରୁଛନ୍ତି। କେଉଁଠି କମିଟି ଥାଇ ଏହା ନିୟମିତ ଭାବେ ତଦାରଖ କରୁନାହିଁ ତ କେଉଁଠି ଘଟଣା ଘଟିବା ପରେ କମିଟି ଗଠନ ହେଉଥିବା ଦେଖାଯାଉଛି। ୟୁଜିସି ମଧ୍ୟ ଏ କ୍ଷେତ୍ରରେ କୌଣସି ନିୟମିତ ସମୀକ୍ଷା କରୁନାହିଁ। କେଉଁ ଶିକ୍ଷାନୁଷ୍ଠାନ କିଭଳି ଢଙ୍ଗରେ ନିୟମାବଳୀ କାର୍ଯ୍ୟକାରୀ ବା ପ୍ରୟୋଗ କରୁଛନ୍ତି ତାହା ୟୁଜିସି ତଦାରଖ କରିବା ଆବଶ୍ୟକ। ଏହା ନକରି ଯନ୍ତ୍ରବତ୍ କିଛି ନିୟମାବଳୀ ଜାରି କରି ୟୁଜିସି ନିଜ ଦାୟିତ୍ୱ ତୁଲାଇଥିବା ଦର୍ଶାଇବାକୁ ଚାହିଁଛନ୍ତି। କେନ୍ଦ୍ର ଶିକ୍ଷା ବିଭାଗ ୟୁଜିସି ଉପରେ ଦୋଷ ଦେଇ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ୟୁଜିସି ଶିକ୍ଷାନୁଷ୍ଠାନ ଉପରେ ଦୋଷ ଦେଇ ଖସିଯିବାକୁ ଚେଷ୍ଟା କରୁଛନ୍ତି। ବାସ୍ତବ ସମସ୍ୟା କିନ୍ତୁ ଦୂର ହୋଇପାରୁ ନାହିଁ। ●

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## କବାଟକିଳା ସଭା

ଧ୍ରୁବ ଚରଣ ଘିବେଲା

ଆଜିର ଦିନରେ ପ୍ରତିଦିନ କେଉଁଠି ନା କେଉଁଠି କେତେ ରକମର ସଭା ବସୁଛି। ପୁଣି ଗୋଟେ ଗୋଟେ ଦିନ ଏକାଧିକ ଦିବସ ପାଳିତ ହେଉଛି। ଦିବସ ପାଳନ ଅବସରରେ ସଭାର ଆୟୋଜନ ନିଶ୍ଚିତ ଭାବେ କରାଯାଏ। କେଉଁଠି କବାଟକିଳା ବା ରୁଦ୍ଧଦ୍ୱାର ସଭା ହୁଏ ତ କେଉଁଠି ଖୋଲାମେଲାରେ ସଭା କରାଯାଏ। ସଭା ମଧ୍ୟ ସରକାରୀ ବେସରକାରୀ ଭାବେ ବସେ। ସଭା ଯାହା ବି ଥାଉ, ସେଠି ଦୁଇ ପ୍ରକାର ବ୍ୟକ୍ତି ଉପସ୍ଥିତ ଥାଆନ୍ତି। କେଉଁଠି କିଛି ସଭାରେ ମଞ୍ଚ ଭିଡ଼ା ଯାଇଥାଏ। ମଞ୍ଚ ଉପରେ ବସୁଥିବା ବ୍ୟକ୍ତିବିଶେଷ ମଣିଷଙ୍କ ପୁଣି ସ୍ୱତନ୍ତ୍ର ପରିଚୟ ରହେ। ସେ ପରିଚୟ ହେଉଛି ମଞ୍ଚମଣିଷ। ମଞ୍ଚମଣିଷ ପରିଚୟ ପାଆନ୍ତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ମୁଖ୍ୟ ବକ୍ତା, ସମ୍ମାନିତ ବକ୍ତା, ସଭା ମୁଖ୍ୟ ଭାବରେ।

ସଭା ହୋଇପାରେ ରାଜନୈତିକ ଦଳୀୟ ସଭା, ଧାର୍ମିକ ପ୍ରବଚନ ସଭା, ସାହିତ୍ୟ ସଭା ଆଦି। ଆଜିକାଲି ଜାତି ଆଧାରରେ ବି ଜାତି ସଭା ବସେ। ବିଭିନ୍ନ ସଂଗଠନର ସେମିତି ଆଞ୍ଚଳିକ ସଭାଠୁ ଆରମ୍ଭ କରି ବ୍ଲକସ୍ତରୀୟ, ଉପଖଣ୍ଡସ୍ତରୀୟ, ଜିଲ୍ଲାସ୍ତରୀୟ, ପ୍ରାନ୍ତସ୍ତରୀୟ, ଜାତୀୟସ୍ତରୀୟ ଅଧିବେଶନ ବସିଥାଏ। ବିଭିନ୍ନ ସଂଗଠନ ତାଙ୍କ ସୁବିଧା ଅନୁସାରେ ସାଙ୍ଗଠନିକ ସଭା ବସାଇଥା'ନ୍ତି। ସଂଗଠନର କର୍ମକର୍ତ୍ତା ମଧ୍ୟ ଥା'ନ୍ତି। ଅନେକ ସ୍ଥାନରେ ପେନସନ ଭୋଗୀମାନେ ମଧ୍ୟ ମଞ୍ଚ ଭିଡ଼ି ବାର୍ଷିକ ଉତ୍ସବ କରୁଥିବାର ଖବର ଆସେ।

ଯେଉଁ ସଭା ହେଉ କି ଉତ୍ସବ ସେସବୁର ମୂଳ ଉଦ୍ଦେଶ୍ୟ ଥାଏ ହସ ଖୁସି ତହିଁରୁ ସାଉଁଟିବା ଓ ଅବସର ବିନୋଦନ କରିବା। ଯେଉଁ ସଭା ଖୋଲାମେଲାରେ ହୁଏ, ସେଠି ସର୍ବସାଧାରଣ ଯୋଗ ଦେଇଥା'ନ୍ତି। କିଛିସଭାରେ କେବଳ ସଂଗଠନର ସଭ୍ୟ ହିଁ ଯୋଗଦିଅନ୍ତି। କିନ୍ତୁ ସାହିତ୍ୟ ସଭାରେ ସାଧାରଣତଃ ଦୁଇପ୍ରକାର ଲୋକ ଉପସ୍ଥିତ ଥା'ନ୍ତି। ମଞ୍ଚ ଉପରର ମଞ୍ଚମଣିଷ ଏବଂ ମଞ୍ଚ ତଳର ସାଧାରଣ ଦର୍ଶକ। ମଞ୍ଚମଣିଷ ମଞ୍ଚ ଉପରୁ ଭାଷଣ ରଖନ୍ତି। ମଞ୍ଚ ତଳର ଦର୍ଶକ ଭାଷଣ ଶୁଣନ୍ତି। ମଞ୍ଚମଣିଷ ସଭିଏଁ ବକ୍ତା ନ ହେଲେ ବି ବକ୍ତବ୍ୟ ରଖନ୍ତି। ସାଧାରଣତଃ ବକ୍ତାଙ୍କଠୁ ଶ୍ରୋତା ଅଧିକ ରହିଲେ ସଭା ସୁନ୍ଦର ଦିଶେ ଓ ସୁନ୍ଦର ଲାଗେ। ଶ୍ରୋତା ନ ଥିଲେ ବକ୍ତା କହିବା ପାଇଁ କୁଣ୍ଠିତ ହୋଇପାରନ୍ତି।

ଆଜିର ଦିନରେ କେଉଁଠି କେଉଁଠି କବାଟକିଳା ବାର୍ଷିକ ଉତ୍ସବ ପାଳନ କରନ୍ତି କିଛି ସାହିତ୍ୟ ଅନୁଷ୍ଠାନ। ସେଠି ବକ୍ତା ଯେତିକି ଶ୍ରୋତା ବି ଥାଆନ୍ତି ସେତିକି। କବାଟକିଳା ସାହିତ୍ୟ ସଭାରେ ସର୍ବସାଧାରଣ ଯିବାର ପ୍ରଶ୍ନ ହିଁ ରହି ନ ଥାଏ। ଅନୁଷ୍ଠାନର ସଭ୍ୟମାନଙ୍କୁ ନେଇ ସାହିତ୍ୟ ସଭା କରାଗଲେ ସେଠି ଶ୍ରୋତା ଆସିବେ କୁଆଡୁ? ବାର୍ଷିକ ଉତ୍ସବ କରାଯାଏ ପୁଣି ଛୋଟ ସହରରେ କେଉଁ ଲଜ ବା ହୋଟେଲର ସୀମିତ ପରିସର ପରିବେଶରେ। ସାଧାରଣ ଜନତା ସେଠାକୁ ଯିବାର ପ୍ରଶ୍ନ ହିଁ ନ ଥାଏ। ଉତ୍ସବ ସୂଚନା ଅବଗତ ଥିଲେ ତ ଯିବେ। ଅଡାକରାରେ ସେ ସଭାକୁ ଯିବେ କେମିତି? ସେଠି ସୀମିତ ଲୋକ ପାଇଁ ଖାଦ୍ୟପୁଡ଼ିଆ ବରାଦ ଥାଏ। ଅଧିକ ଲୋକ ଜମିଗଲେ କିଏ ଖାଇବାକୁ ଦେବ? ଖାଲି ବ୍ୟାନର ଟାଙ୍ଗି ଉତ୍ସବ ନାଁରେ ଫଟୋ ଉଠେଇ ପୋଷ୍ଟ କରିବା ପାଇଁ ଉତ୍ସବର ଭେଳିକି କରାଯାଏ। ଖର୍ଚ୍ଚକୁ ଡରି କବାଟକିଳା ଉତ୍ସବ ପାଳନ କରାଯାଏ। ନ ହେଲେ ତ ସର୍ବସାଧାରଣ ସ୍ଥାନରେ କରନ୍ତେ? କେଉଁଠୁ ଭଲ ସହଯୋଗ ଅର୍ଥ ରାଶି ମିଳିଲେ ସର୍ବସାଧାରଣ ସ୍ଥାନରେ ଉତ୍ସବ କରନ୍ତି - 'ଯା'ର ଧାନକୁ ତା'ର ମୁଢ଼ି' ନ୍ୟାୟରେ। ହାତରୁ ସାରି ସାହିତ୍ୟ କରିବା କବାଟକିଳା ବାର୍ଷିକ ଉତ୍ସବ ଆୟୋଜକଙ୍କ ଜାତକରେ ନାହିଁ କି ନ ଥାଏ। ଅନ୍ୟକୁ ଲୁଟିଜାଣିଥିବା ଲୋକ କେବେ ଦେଇ ଜାଣେ ଯେ ସାହିତ୍ୟ ପାଇଁ ହାତଟେକି ଦେଇ ଦେବ। ବରଂ କେଉଁଠୁ ପାଇଲେ ସେଇଠୁ ବି କିଛି ରଖି ଉତ୍ସବ କରି କେବଳ ଦେଖେଇ ଜଣେଇ ହେବା ମାନସିକତା ରଖିବ।

ହାତରୁ ସାହିତ୍ୟ ସଭା ପାଇଁ ଖର୍ଚ୍ଚ କରନ୍ତି ନାହିଁ ଚାଲାକ ଚତୁରମାନେ। କେତେବେଳେ ହାତରୁ ଖର୍ଚ୍ଚ କରନ୍ତି, ଯେତେବେଳେ କେଉଁଠି ମଞ୍ଚ ଚଢ଼ିବାର ଥାଏ ସେଇଠି ଦିଅନ୍ତି। ସେଠି ଦେଇ ପୁରସ୍କାର ବି ପାଆନ୍ତି। ସେଇଠି ଦୁଇଟି ବିଚିତ୍ର ଗତି ଦେଖିବାକୁ ମିଳେ। ଏକରେ ଦେଇ ଥୋଇ ମଞ୍ଚ ଚଢ଼ିବା କାମଟି ହୁଏ। ସେଇ ସ୍ଥିତିରେ ମଞ୍ଚରୁ ମୁହଁ ଦେଖାଇବା କାମ ବି ହୁଏ ମଞ୍ଚମଣିଷ ସାଜି। ଦ୍ୱିତୀୟରେ ଦେଇ ଥୋଇ ପୁରସ୍କାର ସାଉଁଟି ହୁଏ। ପୁଣି ନିଜେ ନେଇ ଯାଇଥିବା ମାନପତ୍ରକୁ ସେଇ ମଞ୍ଚରୁ ଗ୍ରହଣ କରି ସେଇ ମଞ୍ଚମଣିଷ ପାଲଟିଯାଆନ୍ତି ସମ୍ବର୍ଦ୍ଧିତ ପ୍ରତିଭା। ବାଃ ବାଃରେ ଖେଳ। ସାହିତ୍ୟରେ କରି ଦେଖାନ୍ତି କମାଲ। କବାଟକିଳା ସାହିତ୍ୟ ସଭା କରନ୍ତି ଖର୍ଚ୍ଚକାଟ ନୀତିରେ ରହି। କିନ୍ତୁ କେଉଁଠି ମଞ୍ଚ ଚଢ଼ିବା ପାଇଁ ଏବଂ କେଉଁଠୁ ପୁରସ୍କାର ପାଇବା ପାଇଁ। ●

ବଉଦରାଜ(ବୌଦ୍ଧ), ମୋ: ୯୪୩୭୪୭୮୪୬୬

## ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

'ଦୀଘ ନିକାୟ' ଗ୍ରନ୍ଥର 'ମହାଗୋବିନ୍ଦ ସୂତାନ୍ତ' ଅନୁଯାୟୀ, ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ବହୁପୂର୍ବରେ ଭାରତର ପ୍ରମୁଖ ସାତଗୋଟି ରାଜନୈତିକ ଅଂଶମଧ୍ୟରେ 'କଳିଙ୍ଗ'ର ନାମ ପ୍ରଥମ ରହିଛି। ଏହି ସୂତ୍ର ଅନୁଯାୟୀ, କଳିଙ୍ଗର ରାଜା ସତ୍ତାଭୁ, ଅସ୍‌ସକ, ରାଜା ବ୍ରହ୍ମଦତ୍ତ, ଅବନ୍ତୀ ରାଜା ବେସ୍‌ସାଭୁ, ସୋବୀର ରାଜା ଭରତ, ବିଦେହ ରାଜା ରେଣୁ, ଅଙ୍ଗ ରାଜା ଧାତରଥ ଏବଂ କାଶୀରାଜା ଧାତରଥ - ଏମାନେ ସମସ୍ତେ ସମସାମୟିକ। କାଶୀର ରାଜା ଧୃତରାଷ୍ଟ୍ର (ଧାତରଥ) ଅତ୍ୟନ୍ତ ଖ୍ୟାତ। 'ଶତପଥ ବ୍ରାହ୍ମଣ' ଗ୍ରନ୍ଥରେ ମଧ୍ୟ ତାଙ୍କ ସଂପର୍କରେ ଦର୍ଶାଯାଇଛି।

ସିଂହଳୀୟ ଇତିବୃତ୍ତି 'ମହାବଂଶ'ରେ ରାଜକୁମାର ବିଜୟଙ୍କର ସିଂହଳ ଦେଶାନ୍ତର ପ୍ରସଙ୍ଗ ବର୍ଣ୍ଣନାରେ ତାଙ୍କ ମାତା ସୁମୀମା କଳିଙ୍ଗ ରାଜାଙ୍କର କନ୍ୟା ଭାବେ ଦର୍ଶାଯାଇଛି। ଏହି ଘଟଣା ଭଗବାନ ବୁଦ୍ଧଙ୍କର ମହାପରିନିର୍ବାଣ ବର୍ଷରେ ଘଟିଥିଲା। ଏହାଛଡ଼ା ଜାତକଗୁଡ଼ିକରେ କଳିଙ୍ଗର ରଥ, ରାଜା, ପ୍ରଜା, ଧର୍ମ ଓ ସଂସ୍କୃତି ବିଷୟ ମଧ୍ୟ ଦର୍ଶାଯାଇଛି। କଳିଙ୍ଗର ପୁରାକାଳୀନ ଘଟଣାବଳୀ ସଂପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି। 'କୁମ୍ଭକାର ଜାତକ'ରେ କଳିଙ୍ଗର ରାଜା କରକଣ୍ଡୁଙ୍କ ସଂପର୍କରେ କୁହାଯାଇଛି। ପୁନଶ୍ଚ ଜୈନ ଗ୍ରନ୍ଥ 'ଉତ୍ତରାଧ୍ୟୟନ'ରେ କଳିଙ୍ଗ ରାଜା କରକଣ୍ଡୁ, ପାଞ୍ଚାଳ ରାଜା ଦ୍ୱିମୁଖ, ବିଦେହ ରାଜା ନମି, ଗାନ୍ଧାର ରାଜା ନଗତି ସମସ୍ତେ ସମସାମୟିକ ଥିବା ଏବଂ ଏହି ଶକ୍ତିଶାଳୀ ରାଜାମାନେ ଜୈନ ଧର୍ମ ଗ୍ରହଣ କରିଥିବା ଉଲ୍ଲେଖ ରହିଛି। ବୈଦିକ ଗ୍ରନ୍ଥ 'ଐତିରେୟ ବ୍ରାହ୍ମଣ' ମଧ୍ୟ ପାଞ୍ଚାଳ ରାଜା ଦୁର୍ମୁଖ ବିଶ୍ୱବିଜୟୀ ଥିବା ଏବଂ ତାଙ୍କୁ ପ୍ରସିଦ୍ଧ ଅଙ୍ଗୀରସ ଋଷି ଅଭିଷିକ୍ତ କରାଇଥିବା ଦର୍ଶାଇଛି।

'କଳିଙ୍ଗବୋଧି ଜାତକ' କଳିଙ୍ଗ ରାଜାଙ୍କର ତିନି ପୁରୁଷର ବର୍ଣ୍ଣନା କରିଛି। କଳିଙ୍ଗର ଦନ୍ତପୁରର କଳିଙ୍ଗ

ଓଡ଼ିଶାର ବୌଦ୍ଧ ପରମ୍ପରା



ରାଜ ୧ ଙ୍କର ମହାକଳିଙ୍ଗ ଓ ଚୁଲ୍ଲ କଳିଙ୍ଗ ନାମକ ଦୁଇଜଣ ପୁତ୍ର ଥିଲେ। ଦ୍ୱିତୀୟ ପୁତ୍ର ଚୁଲ୍ଲ କଳିଙ୍ଗ ସନ୍ନ୍ୟାସୀ ହେବାର ଥିଲା। ମାତ୍ର ପରିସ୍ଥିତିରେ ପଡ଼ି ସେ ମଦ୍ଦ ରାଜକନ୍ୟାଙ୍କୁ ବିବାହ କରିନେଲେ। ତାଙ୍କଠାରୁ ଜନ୍ମିତ ପୁତ୍ର ସନ୍ତାନଙ୍କ ନାମ ହେଲା କଳିଙ୍ଗ ୨। ମାତ୍ର ମହାକଳିଙ୍ଗଙ୍କର ଅସମୟରେ ମୃତ୍ୟୁ ଘଟିବାରୁ କଳିଙ୍ଗ ୨ ଦନ୍ତପୁରର ରାଜ ସିଂହାସନ ଅଳଙ୍କୃତ କରିଥିଲେ। ଏହି ଜାତକରୁ ମଧ୍ୟ କଳିଙ୍ଗର ରାଜନୈତିକ ବିପର୍ଯ୍ୟୟ ସଂପର୍କରେ ସୂଚନା ମିଳିଥାଏ। କଳିଙ୍ଗର ଦୁଷ୍ଟ ପ୍ରକୃତିର ରାଜା ନଳିକିରଙ୍କ ଜଣେ ସାଧୁଙ୍କୁ ଦୁର୍ବ୍ୟବହାର ଫଳରେ ତାଙ୍କ ଅଭିଶାପ ହେତୁ ରାଜ୍ୟ ପରିତ୍ୟକ୍ତ ଅଞ୍ଚଳରେ ପରିଣତ ହୋଇଗଲା 'କଳିଙ୍ଗାରଣ୍ୟ'। ଆଉ ମଧ୍ୟ ଉଲ୍ଲେଖ ରହିଛି ଯେ ଅସ୍‌ସକ ରାଜା ଅରୁଣ କଳିଙ୍ଗର ଜଣେ ଏକଜିଦିଆ ରାଜାଙ୍କୁ ପରାଜିତ କରିଥିଲେ ଏବଂ ଏହି ରାଜା ବିଜେତାଙ୍କୁ ନିଜର ସମସ୍ତ ଚାରିଗୋଟି କନ୍ୟାଙ୍କୁ ଅର୍ପଣ କରି ମୁକ୍ତି ପାଇଥିଲେ।

ଜୈନ ପରମ୍ପରା ଓ ଏହାର ଧର୍ମଗ୍ରନ୍ଥ 'ଆବଶ୍ୟକ ସୂତ୍ର', ଯାହାକି ପରବର୍ତ୍ତୀ କାଳରେ 'ହରିଭଦ୍ରୀୟ ବୃତ୍ତି' ନାମରେ ଆଚାର୍ଯ୍ୟ ହରିଭଦ୍ରଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିଲା, ସେଥିରେ ସୂଚୀତ କରାଯାଇଛି ଯେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ବେଳକୁ କଳିଙ୍ଗ ଜୈନଧର୍ମର ସୁରକ୍ଷିତ କେନ୍ଦ୍ର ଭାବରେ ପରିଣତ ହୋଇଥିଲା। ଆଉ ମଧ୍ୟ ଶେଷ ତୀର୍ଥଙ୍କର ମହାବୀର କଳିଙ୍ଗର ରାଜାଙ୍କ ଦ୍ୱାରା ଜୈନ ଧର୍ମର ପ୍ରଚାର ପାଇଁ କଳିଙ୍ଗକୁ ନିମନ୍ତ୍ରିତ ହୋଇଥିଲେ। କଳିଙ୍ଗ ରାଜାଙ୍କର ମହାବୀରଙ୍କ ପିତାଙ୍କ ସହ ଉତ୍ତମ ବନ୍ଧୁତା ରହିଥିଲା। ମହାବୀର ତାଙ୍କ ଧର୍ମ ପ୍ରଚାର କାଳରେ ତୋଷାଳି ବ୍ୟତୀତ ଦକ୍ଷିଣ-ପଶ୍ଚିମରେ ଥିବା ମୋଷାଳି ପର୍ଯ୍ୟନ୍ତ ଯାଇଥିଲେ। ଗବେଷକ ଜୟସ୍ୱାଲଙ୍କ ମତରେ ଖାରବେଳଙ୍କର ହାତୀଗୁମ୍ଫା ଶିଳାଲେଖ ମୁତାବକ ଭୁବନେଶ୍ୱର ସନ୍ନିକଟ କୁମାରୀ ପାହାଡ଼ (ଉଦୟଗିରି) ଠାରେ ହିଁ ମହାବୀର ତାଙ୍କ ଧର୍ମ ପ୍ରଚାର ଆରମ୍ଭ କରିଥିଲେ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଭୁଲ ତଥ୍ୟ ଦେଇ ବିଶ୍ୱ ବ୍ୟାଙ୍କ ଓ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି ସରକାର

# ୧୮ ମାସର ସରକାରରେ ହେଲାଣି ୯୧ ହଜାର କୋଟି ଋଣ

**ଖୋଲା ବଜାରରୁ ସରକାର ଉଠାଇଛନ୍ତି ମୋଟ ଋଣର ୩୮%**

**୨୫ ବର୍ଷ ତଳକୁ ପୁଣି ଫେରିଯିବ ସମୃଦ୍ଧ ଓଡ଼ିଶାର ଅର୍ଥନୀତି**

**ସ୍ୱପ୍ନରେ ରହିଯିବ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ**



ଭୁବନେଶ୍ୱର,୩୦।୧(ସମିସ): ରାଜ୍ୟ ବିଜେପି ସରକାର ବିଶ୍ୱ ବ୍ୟାଙ୍କ ଟିମ୍ ଆଗରେ ଭୁଲ ତଥ୍ୟ ଉପସ୍ଥାପନ କରି ଏକ ଗୋଲାପୀ ଚିତ୍ର ପ୍ରଦର୍ଶନ କରିଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ରାଜ୍ୟ ସରକାର ଗତ ୧୮ ମାସରେ ଅଧିକାଂଶ କ୍ଷେତ୍ରରେ ରାଜ୍ୟ ପଛକୁ ଚାଲିଯାଇଛି ବୋଲି ଅଭିଯୋଗ କରିଛି ବିଜେଡି । ବିଶ୍ୱ ବ୍ୟାଙ୍କ ସମୂହ ସଭାପତି ଅଜୟ ବଙ୍ଗା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଭେଟି ରାଜ୍ୟର ଦୀର୍ଘକାଳୀନ ବିକାଶ ଅଗ୍ରାଧିକାର, ଅର୍ଥନୈତିକ ସଂସ୍କାର ଏବଂ ନିଯୁକ୍ତି ସୃଷ୍ଟି ଉପରେ ଆଲୋଚନା କରିଥିଲେ। ଏହି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ଯେଉଁ ସୂଚନା ଦିଆଯାଇଥିଲା, ତାହାକୁ ଭ୍ରାମାତ୍ମକ ବୋଲି କହି ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି।

ଦଳ ପକ୍ଷରୁ ଶୁକ୍ରବାର ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି ଯେ ରାଜ୍ୟ ବିଜେପି ସରକାର ବିଶ୍ୱ ବ୍ୟାଙ୍କ ଟିମ୍ ଏବଂ ସାଢେ ଚାରି କୋଟି ଓଡ଼ିଆଙ୍କ ଆଗରେ ଓଡ଼ିଶାର ବର୍ତ୍ତମାନ ଅର୍ଥନୀତିର ଏକ ଗୋଲାପି ଚିତ୍ର ଉପସ୍ଥାପନ କରି ସେମାନଙ୍କୁ ବିଭ୍ରାନ୍ତ କରୁଛନ୍ତି। ବିଜେଡି ସରକାରଙ୍କ କାର୍ଯ୍ୟକାଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗତିଶୀଳ ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶା ନୀତି ଆୟୋଗଙ୍କ ଆର୍ଥିକ ପରିଚାଳନା ସୂଚକାଙ୍କରେ ଭାରତରେ ପ୍ରଥମ ସ୍ଥାନ ଲାଭ କରିଥିଲା। ଦେଶରେ ଓଡ଼ିଶାର ଋଣ ଭାର ସର୍ବନିମ୍ନ ଥିଲା ଏବଂ ୨୪ ବର୍ଷର କାର୍ଯ୍ୟକାଳରେ ମୋଟ ଋଣ ଥିଲା ମାତ୍ର ୬୮,୦୦୦ କୋଟି ଟଙ୍କା। ବିଶ୍ୱ ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଆଇଏମ୍ଏଫ୍ ବିଜେଡି ସରକାରଙ୍କ ଆର୍ଥିକ ପରିଚାଳନା ମଡେଲ୍‌କୁ ପ୍ରଶଂସା କରିଥିଲେ। ହେଲେ ବିଜେପି କ୍ଷମତାକୁ ଆସିବା ପରଠାରୁ ଆର୍ଥିକ ପରିଚାଳନା ବିପରୀତ ଦିଗରେ ଗତି କରିଛି। ଓଡ଼ିଶାର ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ଓ ଏହା ଓଡ଼ିଶାକୁ ୩ ଦଶନ୍ଧି ପଛକୁ ଫେରାଇ ନେଇଛି।

ବିଜେପି ସରକାର ମାତ୍ର ୧୮ ମାସରେ ୯୧,୦୦୦ କୋଟି ଟଙ୍କା ଋଣ ନେଇଛନ୍ତି। ଏହାମଧ୍ୟରୁ ୩୮ ପ୍ରତିଶତ ଋଣ ଖୋଲା ବଜାରରୁ ନିଆଯାଇଛି, ଯାହା ବିଶ୍ୱ ବ୍ୟାଙ୍କ ନିର୍ଦ୍ଦେଶିକାକୁ ସ୍ପଷ୍ଟ ଭାବେ ଉଲ୍ଲଂଘନ କରୁଛି। ବିତ୍ତୀୟ ନିଅଣ୍ଟ ହାର ୧.୭ ପ୍ରତିଶତରୁ ବଢ଼ି ୩.୫ ପ୍ରତିଶତ ହୋଇଛି । ପ୍ରାଥମିକ ନିଅଣ୍ଟ ୧.୧ ପ୍ରତିଶତରୁ ବଢ଼ି ୨.୯ ପ୍ରତିଶତ ହୋଇଛି। ଏହି ସମୟରେ ଓଡ଼ିଶାର ଜିଏସ୍‌ଡିପି ବୃଦ୍ଧି ଦର ୯.୬ ପ୍ରତିଶତରୁ ଖସି ୭.୨ ପ୍ରତିଶତ ହୋଇଛି। କୃଷି କ୍ଷେତ୍ରରେ ଅଭିବୃଦ୍ଧି ୭.୬ ପ୍ରତିଶତରୁ ୩.୮ ପ୍ରତିଶତକୁ ହ୍ରାସ ପାଇଛି। ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ୮.୭ ପ୍ରତିଶତରୁ ୬.୧%କୁ ଖସିଛି। ସେବା କ୍ଷେତ୍ର ଯୋଗଦାନ ୨% ହ୍ରାସ ପାଇଛି। ନୀତି ଆୟୋଗଙ୍କ ରପ୍ତାନି ପ୍ରସ୍ତୁତି ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୨୦୨୨ରେ ୧୧ ତମରୁ ୨୦୨୪ରେ ୧୫ତମକୁ ଖସି ଆସିଛି। ଜାତୀୟ ଷ୍ଟାର୍ଟଅପ୍ ରାଙ୍କିଙ୍ଗରେ ଓଡ଼ିଶାର ସ୍ଥାନ ୨୦୨୨ରେ ୬ଷ୍ଠରୁ ୨୦୨୫ରେ ୨୦ତମକୁ ଖସିଛି। ଏହି ସମସ୍ତ ତଥ୍ୟ ଏବଂ ରାଙ୍କିଙ୍ଗ ସ୍ପଷ୍ଟ ଭାବେ ଦର୍ଶାଉଛି ଯେ ଡବଲ୍ ଇଞ୍ଜିନ୍ ସରକାର ଅର୍ଥନୈତିକ ଏବଂ ଆର୍ଥିକ ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଯଦି ଏହି ଅବନତି ଧାରା ଜାରି ରହିବ ତେବେ ଓଡ଼ିଶାକୁ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାରେ ପରିଣତ କରିବା ଲକ୍ଷ୍ୟ ସ୍ୱପ୍ନରେ ହିଁ ରହିଯିବ ବୋଲି ଶ୍ରୀ ଘଡ଼ାଇ କହିଛନ୍ତି।

# ଯୁବ ପରେ ମୋକିମ୍‌ଙ୍କ ମହିଳା ସମାବେଶ




ଭୁବନେଶ୍ୱର,୩୦।୧(ସମିସ): ଯୁବ ସମାବେଶ ପରେ ମହିଳା ସମାବେଶ କରି ନିଜର ଶକ୍ତି ପ୍ରଦର୍ଶନ ଜାରି ରଖିଛନ୍ତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍। ପୂର୍ବଭଳି ଶୁକ୍ରବାର ପୁଣି ଥରେ ମୋକିମ ଫାଉଣ୍ଡେସନ ବ୍ୟାନର ତଳେ ଶତାଧିକ ମହିଳାଙ୍କୁ ନେଇ ଏହି ସମାବେଶ ଆୟୋଜନ ହୋଇଛି। ଭୁବନେଶ୍ୱରସ୍ଥିତ କସ୍ତୁରବା ନାରୀ ମହଲଠାରେ ଏହି ସମାବେଶ ହୋଇଥିବା ବେଳେ ଏଥର ବି ତାଙ୍କ ଝିଅ ତଥା କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷ ମୋକିମଙ୍କ ସଭାରେ ନଜର ଆସିଛନ୍ତି।

ଅନ୍ୟପଟେ ଏଥର କଂଗ୍ରେସ ଦଳରୁ କେବଳ ସୋଫିଆ ନୁହେଁ; ତାଙ୍କ ସହ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଓ ୩ କଂଗ୍ରେସ କର୍ପୋରେଟର ଲିଜାରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ ଓ ଭାନୁ ସେନାପତି ମଧ୍ୟ ଉପସ୍ଥିତ ରହି ମୋକିମ୍‌ଙ୍କ ହାତ ଛାଡ଼ିବେ ନାହିଁ ପରୋକ୍ଷରେ ବାର୍ତ୍ତା ଦେଇଛନ୍ତି। ଏହା କୌଣସି ରାଜନୈତିକ ସଭା ନୁହେଁ ବୋଲି ମୋକିମ ବାରମ୍ବାର କହି ଆସୁଛନ୍ତି। ମାତ୍ର କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଏଠାରେ କଂଗ୍ରେସ ଦଳ ମୋକିମ୍ ପ୍ରତି ଅନ୍ୟାୟ କରିଛି ବୋଲି କହିଛନ୍ତି। ସେ କହିଛନ୍ତି ଆଲୋଚନାକୁ ନ ଡାକି ତାଙ୍କ ସହ ଅବିଚାର କରାଗଲା। ମୋକିମ ବାବୁ ଗଲା ପରେ କଟକ କଂଗ୍ରେସ ଦୁର୍ବଳ ହେବ। ନିଜେ ପରିଶ୍ରମ କରି କଟକରେ କଂଗ୍ରେସକୁ ସେ ଉଠାଇ ଥିଲେ। ମୋକିମ ବାବୁଙ୍କୁ ଯେଉଁମାନେ ଭଲ ପାଆନ୍ତି, ସେମାନେ ତାଙ୍କ ସହ ଯାଉଛନ୍ତି। ସେ ଅଛୁଆଁ ନୁହଁ; ତାଙ୍କ ସହ ଆମେ ସବୁ ଅଛୁ ବୋଲି ଗିରିବାଳା କହିଛନ୍ତି।

ସେହିପରି ବିଧାୟିକା ସୋଫିଆ ଫିର୍ଦୋଷ ଆଜିର ବୈଠକରେ ଶିକ୍ଷିତ ମହିଳାଙ୍କୁ ରାଜନୀତିକୁ ଆସିବାକୁ ଆହ୍ୱାନ ଦେଇଛନ୍ତି। ଶିକ୍ଷା, ରୋଜଗାରକୁ ପ୍ରସଙ୍ଗ କରି ସଂଘର୍ଷ କରିବା ଦରକାର। ରାଜ୍ୟ ବିଧାନସଭାରେ ମାତ୍ର ସାଢ଼େ ୭ ପ୍ରତିଶତ ମହିଳା ଅଛନ୍ତି। ବିଧାନସଭା ଭିତରେ ଲଢ଼େଇ କରି ସରକାରଙ୍କ ଉପରେ ଚାପ ପକାଇବା ଉଚିତ। ଏହାସହିତ ତାଙ୍କ ବାପାଙ୍କ ସ୍ୱପ୍ନ ପୂରଣ କରିବାକୁ ମହିଳାଙ୍କ ପାଇଁ ଲଢ଼େଇ ଜାରି ରହିବ ବୋଲି ସୋଫିଆ କହିଛନ୍ତି।

ଶେଷରେ ମହିଳାମାନଙ୍କୁ ଆଗକୁ ଆସିବାକୁ ମୋକିମ ଆହ୍ୱାନ ଦେଇଥିବା ବେଳେ ମଦମୁକ୍ତ ଓଡ଼ିଶା ପାଇଁ ସ୍ୱର ଶାଣିତ କରିବାକୁ କହିଛନ୍ତି। ଏହାସହିତ ଜିଲ୍ଲା ୱାରୀ ସଂଗଠନ କରି ନାରୀ ନେତ୍ରୀ ସୃଷ୍ଟି କରିବାକୁ ସେ କହିଛନ୍ତି। ଆଗାମୀ ଦିନରେ ଓଡିଶାରେ ମହିଳାଙ୍କ ପାଇଁ ହେବାକୁ ଥିବା ଲଢ଼େଇରେ ଆଜି ଦିନର ତର୍କବିତର୍କକୁ ନେଇ ଆଗକୁ ଯିବୁ ଏବଂ ନୂଆ ଓଡିଶା ଗଠନ ପାଇଁ ନୂଆ ପ୍ଲାଟଫର୍ମ ପାଇଁ ଆଜିଠୁ ସଂକଳ୍ପ ନିଆଗଲା ବୋଲି ସେ କହିଛନ୍ତି।

ସୂଚନା ଥାଉ କି ଓଡିଶା ଜନତା କଂଗ୍ରେସ ନାମରେ ମୋକିମ୍ ନୂଆ ଦଳ ଗଢୁଥିବା ନେଇ ଚର୍ଚ୍ଚା ଲାଗି ରହିଛି। କଂଗ୍ରେସରୁ ନିଲମ୍ବିତ ହେବା ପରେ ତାଙ୍କର ରାଜନୈତିକ ଗତିବିଧି ଉପରେ ନଜର ରହିଥିବା ବେଳେ ଯୁବ, ମହିଳା ସମାବେଶ ପରେ ସେ ଚାଷୀ ସମାବେଶ କରିବେ ବୋଲି ସୂଚନା ମିଳିଛି।


**AFFIDAVIT**

By virtue of an affidavit No 104, sworn before the Executive Magistrate, Nabarangpur, dtd-20.01.2026, I, Rashmita Bhito, W/o- Sri Murolilal Bhito, resident of Dandasi Street, Nabarangpur, Odisha - 764059 declare that I have changed my name from Rashmita Harijan to Rashmita Bhito. Henceforth I shall be known as **Rashmita Bhito** for all purposes.

Sd/- Rashmita Bhito


# ଏନକାଉଣ୍ଟରରେ ଦୁଇ ମାଓବାଦୀ ନିହତ

ମାଲକାନଗିରି, ୩୦।୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲାରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ଦୁଇ କୁଖ୍ୟାତ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ ଛତିଶଗଡ଼ର ଦକ୍ଷିଣ ବିଜାପୁର ଅଞ୍ଚଳର କୌରଗଟ୍ଟା ଜଙ୍ଗଲରେ ଯବାନମାନେ କମ୍ବିଂ ଅପରେସନ୍ କରୁଥିବା ବେଳେ ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟ ହୋଇଥିଲା। ଯବାନଙ୍କ ସାମ୍ନା କରିନପାରି ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସି ବେଳେ ଘଟଣାସ୍ଥଳରୁ କୁଖ୍ୟାତ ମାଓବାଦୀ ପ୍ରଦୀପ ଓ ଭୀମାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ନିହତ ଦୁଇ କ୍ୟାଡର୍ ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। କୌରଗଟ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମା ମାଡକାମଙ୍କ ହତ୍ୟା ଘଟଣାରେ ଏମାନେ ସାମିଲ ଥିଲେ। ଘଟଣାସ୍ଥଳରୁ ଗୋଟିଏ ଏକେ-୪୭ ବନ୍ଧୁକ, ଗୋଟିଏ ୯ ଏମ୍.ଏମ୍ ପିସ୍ତଲ, ଅଫୁଟା ଗୁଳି, ବିସ୍ଫୋରକ ସହ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ ହୋଇଛି। ଡିଆରଜି ଓ ସିଆରପିଏଫ ବାହିନୀ ପକ୍ଷରୁ ତଲାସୀ ବେଳେ ଏହି ସଫଳତା ମିଳିଛି। ନିହତ ମାଓବାଦୀ ପ୍ରଦୀପ ଓରଫ୍ ଜଗାର ମୁଣ୍ଡ ଉପରେ ପୂର୍ବରୁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିବା ବେଳେ ଭୀମା ଭେକୋ ମୁଣ୍ଡ ଉପରେ ଦୁଇ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା ବୋଲି ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

### ଅଦାଲତ ଅବମାନନା ମାମଲାରେ ପୂର୍ଣ୍ଣଚ୍ଛେଦ

# ହାଇକୋର୍ଟରେ ହାଜର ହୋଇ କ୍ଷମା ପ୍ରାର୍ଥନା କଲେ ଢେଙ୍କାନାଳ ଡିଇଓ




**କଟକ, ୩୦।୧(ସମିସ):** ଏକ ଅଦାଲତ ଅବମାନନା ମାମଲାରେ ଆଜି ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ବ୍ୟକ୍ତିଗତ ଭାବେ ହାଜର ହେବା ସହ ଅଦାଲତଙ୍କ ଆଦେଶ ପାଳନ ବିଳମ୍ବ ପାଇଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ପୂର୍ବ ଆଦେଶ ପାଳନ କରାଯାଇ ଆବେଦନକାରୀଙ୍କୁ ଇତିମଧ୍ୟରେ ନିଯୁକ୍ତି ପ୍ରଦାନ କରାଯାଇଛି ବୋଲି ଶିକ୍ଷାଧିକାରୀ ହାଇକୋର୍ଟଙ୍କୁ ଅବଗତ କଲା ପରେ ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶଶିଭୂଷଣ ମହାପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ପ୍ରକାଶଥାଉକି, ଏହି ମାମଲାର ଗତ ଶୁଣାଣିରେ ଢେଙ୍କାନାଳ ଡିଇଓ ଶ୍ରୀ ପାତ୍ରଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅଧିନ ମକୁଆକାଟେଣି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ରୁଦ୍ରମୋହନ ମହାପାତ୍ରଙ୍କ ୨୦୧୧ରେ ବିୟୋଗ ହୋଇଥିଲା। ତାଙ୍କ ପୁଅ ତଥା ଆବେଦନକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରସଙ୍ଗରେ ଦୁଇ ମାସ ଭିତରେ ବିଚାର କରିବାକୁ ଢେଙ୍କାନାଳ ଡିଇଓଙ୍କୁ ଗତ ୨୦୨୫, ସେପ୍ଟେମ୍ବର ୯ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ କରି ଗତ ଡିସେମ୍ବର ମାସରେ ଆବେଦନକାରୀ ଡିଇଓ ଶ୍ରୀ ପାତ୍ରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଥିଲେ।

### କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ମାମଲା

# ୫ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

**ବ୍ରହ୍ମପୁର, ୩୦।୧ (ସମିସ):** ବହୁଚର୍ଚ୍ଚିତ କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ମାମଲାରେ ସମସ୍ତ ୫ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍(ତୃତୀୟ) ବିବସ୍ୱତ ଗୌତମ। କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧୩ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୧୦ ମାସ ସଶ୍ରମ କାରାଦଣ୍ଡ ନେଇ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତମାନେ ହେଲେ, ରୂପେଶ ପାଢ଼ୀ ଓରଫ୍ ଲାଲା, ଶିବ ମହାକୁଡ଼, ରଞ୍ଜିତ ସାହୁ ଓରଫ୍ ନାକା, ଶ୍ରୀନୁ ପାତ୍ର ଓ ଶଙ୍କର ସାହୁ।

ସୂଚନାଯୋଗ୍ୟ, ୨୦୨୦ ଜୁନ୍ ୧୨ରାତିରେ ହିଲପାଟଣାର କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନିଙ୍କୁ ତାଙ୍କ କ୍ଷୀର ଗୋଦାମ ଭିତରେ ତଣ୍ଟି ଚିପି ହତ୍ୟା କରାଯାଇଥିଲା। ଲମ୍ବୋଦରଙ୍କ ନିକଟରେ କାର୍ଯ୍ୟରତ କର୍ମଚାରୀଙ୍କ ସମେତ ମୋଟ ୫ଜଣ କ୍ଷୀର ଗୋଦାମରୁ ଟଙ୍କା ଲୁଟିବାକୁ ଯାଇଥିବା ବେଳେ ଲମ୍ବୋଦର ନିଦରୁ ଉଠି ପଡ଼ିଥିଲେ। ଧରାପଡ଼ିଯିବା ଭୟରେ ଅଭିଯୁକ୍ତମାନେ ତାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିଲେ। ପୁଲିସ ପର୍ଯ୍ୟାୟକ୍ରମେ ଅଭିଯୁକ୍ତ ରୂପେଶ ପାଢ଼ୀ, ଶ୍ରୀନୁ ରେଡ଼ି, ରଞ୍ଜିତ ସାହୁ ଓ ଶିବା ମହାକୁଡଙ୍କୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଛନ୍ତି।

ସେହିପରି, ଏହି ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ଶଙ୍କର ସାହୁ ଏକ ଡକାୟତି ମାମଲାରେ ଢେଙ୍କାନାଳ ସଦର ପୁଲିସ ଦ୍ୱାରା ଗିରଫ ହୋଇ ସେଠାକାର ଜେଲରେ ରହିଥିବା ଜଣାପଡ଼ିଛି। ତତ୍କାଳୀନ ଗୋଷାଣିନୂଆଗାଁ ଥାନା ଇନ୍ସପେକ୍ଟର୍ ସୁମିତ ସୋରେନ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ମୋଟ ୪୧ଜଣ ସାକ୍ଷୀଙ୍କ ବୟାନ ଓ ଉପଯୁକ୍ତ ଚାର୍ଜସିଟ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର୍ ବିଶ୍ୱଜିତ ବରାଳ ମକଦ୍ଦମା ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୁଏତ-ଦିଲ୍ଲୀ ଇଣ୍ଡିଗୋ...

ନକ୍ରମ କହିଛନ୍ତି ଯେ, ବିମାନ ଭିତରେ ଏକ ଟିସୁ ପେପରରେ ବିମାନକୁ ଅପହରଣ କରିବା ଓ ବୋମା ଥିବା କଥା ଲେଖାଯାଇଥିଲା। ଧମକ ନେଇ ସୂଚନା ମିଳିବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କତା ଅବଲମ୍ବନ କରିଥିଲେ। ବୋମା ଚିହ୍ନଟ ଓ ନିଷ୍କ୍ରିୟକାରୀ ଦଳ (ବିଡିଡିଏସ୍) ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ସୂଚନାଯୋଗ୍ୟ ଯେ, ମାତ୍ର ଦୁଇଦିନ ପୂର୍ବରୁ ଅର୍ଥାତ ଜାନୁଆରୀ ୨୭ରେ ମଧ୍ୟ ଅହମଦାବାଦ ବିମାନବନ୍ଦରକୁ ବୋମାରେ ଉଡ଼ାଇ ଦେବାକୁ ଏକ ଇ-ମେଲ ଜରିଆରେ ଧମକ ମିଳିଥିଲା। ସେତେବେଳେ ମଧ୍ୟ ଯାଞ୍ଚ ପରେ କିଛି ସନ୍ଦେହଜନକ ଜିନିଷ ମିଳି ନଥିଲା।

### ଆକାଶ ଛୁଆଁ ପରେ...

୧୫ ବର୍ଷ ପରେ ଏଭଳି ବଡ଼ ହ୍ରାସ ଦେଖିବାକୁ ମିଳିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ଗତକାଲିର ୧,୭୭,୫୯୦୦ ଟଙ୍କାରୁ ୧,୭୭,୫୯୦ ଟଙ୍କାକୁ ଖସିଆସିଥିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧,୬୨,୯୫୦ ଟଙ୍କାରୁ ୧,୫୫,୧୦୦ ହୋଇଛି। ସେହିପରି ରୁପା କିଲୋ ପିଛା ପୂର୍ବଦିନର ୪,୧୭,୦୦୦ ଟଙ୍କାରୁ ତଳକୁ ଖସି ଆଜି ୩,୮୦,୦୦୦ ଟଙ୍କା ହୋଇଛି।

### 'ଗୁଟ୍‌ଖା' ଛେପ...

ଟବାକୋ କିମ୍ବା ନିକୋଟିନ୍ ନାହିଁ। କିନ୍ତୁ ଯେଉଁଠି ସନ୍ଦେହ ହେବ ସେହି ଜାଗାରେ ଚଢ଼ଉ କରି ପରୀକ୍ଷା ପାଇଁ ପଠା ଯିବ। ସେହିପରି ସ୍କୁଲ୍‌ଠାରୁ ଶହେ ମିଟର ଭିତରେ ଗୁଟ୍‌ଖା ବା ତମାଖୁ ଆଦି ସାମଗ୍ରୀ ସମେତ ନିକୋଟିନ୍‌ଯୁକ୍ତ ପାନ ମାସଲା ବିକ୍ରି କରାଯିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କିନ୍ତୁ ଲୁଚାଛପାରେ ନିକୋଟିନ୍‌ଯୁକ୍ତ ପତି ବିକ୍ରି ହେଉଥିଲେ, ସେଠାରେ ଚଢ଼ଉ କରାଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

### ଫେବୃଆରୀ ୧୭ ରୁ...

ଏହି ପ୍ରକ୍ରିୟା ମାର୍ଚ୍ଚ ୩୦ ଯାଏଁ ଚାଲିବ। ମାର୍ଚ୍ଚ ୧୪ ଓ ୧୫ ଯଥାକ୍ରମେ ଶନିବାର ଓ ରବିବାର, ମାର୍ଚ୍ଚ ୨୧ ଇଦୁଲ ଫିତର, ମାର୍ଚ୍ଚ ୨୨ ରବିବାର, ମାର୍ଚ୍ଚ ୨୭ ରାମନବମୀ, ମାର୍ଚ୍ଚ ୨୮ ଓ ୨୯ ଯଥାକ୍ରମେ ଶନିବାର ଓ ରବିବାର ପାଇଁ ବିଧାନସଭା ବନ୍ଦ ରହିବ। ମାର୍ଚ୍ଚ ୩୧ରେ ଚଳିତ ଆର୍ଥିକ ବର୍ଷର ବ୍ୟୟ ମଞ୍ଜୁରୀ ବିଲ ଉପସ୍ଥାପିତ ହେବ। ଉତ୍କଳ ଦିବସ ପାଇଁ ଏପ୍ରିଲ ୧, ଗୁଡ୍ ଫ୍ରାଇଡେ ପାଇଁ ଏପ୍ରିଲ ୩, ଏପ୍ରିଲ ୫ ବିଧାନସଭା ବନ୍ଦ ରହିବ। ଏପ୍ରିଲ ୪ ସରକାରୀ କାର୍ଯ୍ୟ ଦିବସ ଥିବାବେଳେ ଏପ୍ରିଲ ୨, ୬ ଓ ୮ରେ ପ୍ରାଇଭେଟ ମେମ୍ବର୍ସ ବିଲ ପାଇଁ ଉଦ୍ଦିଷ୍ଟ ରହିଛି।

### ସ୍କୁଲରେ ଝିଅମାନଙ୍କୁ...

କେତେ ସୁରକ୍ଷା ଦେଇପାରୁଛୁ, ତାହା ଉପରେ ପ୍ରଗତିର ମାପକାଠି ସ୍ଥିର ହେବା ଉଚିତ। ଏହି ଭଳି କେତୋଟି କାରଣ ଯୋଗୁଁ ଜଣେ ଝିଅ ସ୍କୁଲ୍‌ରେ ଅନୁପସ୍ଥିତ ରହିବାକୁ ବାଧ୍ୟ ହେଉଛି, ଯଦିଓ ଏଥିରେ ଛାତ୍ରୀଙ୍କର କୌଣସି ଭୁଲ୍ ନାହିଁ। ନିଷ୍ପତ୍ତି ଶୁଣାଇବା ବେଳେ ଜଷ୍ଟିସ ପାର୍ଦିୱାଲା କହିଥିଲେ ଯେ, ଏହି ରାୟ କେବଳ ଆଇନଗତ ବ୍ୟବସ୍ଥା ପାଇଁ ନୁହେଁ, ବରଂ ସେହି ଶ୍ରେଣୀଗୃହ ପାଇଁ ଯେଉଁଠି ଝିଅମାନେ ସାହାଯ୍ୟ ମାଗିବାକୁ ସଙ୍କୋଚ କରନ୍ତି। କୋର୍ଟଙ୍କ ଏହି ରାୟ ସାରା ଦେଶରେ ଛାତ୍ରୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସମ୍ମାନଜନକ ଜୀବନଶୈଳୀ କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି।

### ସୁନେତ୍ରା ପାୱାର...

ଦୁଇ ଗୋଷ୍ଠୀ ମିଶ୍ରଣ ଓ ବିଭାଗ ବଣ୍ଟାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହା ପୂର୍ବରୁ ଏନ୍‌ସିପି ନେତାମାନେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ତାଙ୍କ ବାସଭବନ ବର୍ଷାରେ ଭେଟିଥିଲେ। ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ, ଛଗନ ଭୁଜବଳ ଓ ସୁନୀଲ ତଟକର ଆଦି ଫଡ଼ନାଭିସ୍‌ଙ୍କ ସହ ଆଲୋଚନା କରିଥିଲେ। ଅଜିତ ପାୱାରଙ୍କ ପାଖରେ ଥିବା ଅର୍ଥ, ଅବକାରୀ ଓ କ୍ରୀଡ଼ା ବିଭାଗର ପ୍ରଶାସନ ସହିତ ଉପମୁଖ୍ୟମନ୍ତ୍ରୀ ପଦ ସୁନେତ୍ରାଙ୍କୁ ଦେବାକୁ ଦାବି ଉପସ୍ଥାପନ କରିଥିଲେ।

ଏହା ମଧ୍ୟରେ ଅଜିତଙ୍କ ପତ୍ନୀ ସୁନେତ୍ରା ପାୱାର ରାଜନୈତିକ ପରାମର୍ଶ ପାଇଁ ନିର୍ବାଚନ ରଣନୀତିକାର ନରେଶ ଆରୋରାଙ୍କୁ ବାରାମତୀ ଡକାଇଛନ୍ତି। ନରେଶଙ୍କ ସଂଗଠନ ଡିଜାଇନ ବକ୍ସ ଏନ୍‌ସିପି ପାଇଁ କାର୍ଯ୍ୟ କରେ। ୧୨ଟି ଜିଲ୍ଲା ପରିଷଦ ଓ ୧୨୫ଟି ପଞ୍ଚାୟତ ସମିତି ଆସନ ପାଇଁ ଏବେ ମତଦାନ ଫେବୃଆରୀ ୫ ପରିବର୍ତ୍ତେ ୭ ଫେବୃଆରୀରେ ହେବ। ଫଳାଫଳ ୯ରେ ଘୋଷଣା ହେବ। ପ୍ରଫୁଲ୍ଲ କହିଛନ୍ତି ଯେ ଜନସାଧାରଣଙ୍କ ଭାବନାକୁ ଦୃଷ୍ଟିରେ ରଖି ଅଜିତ ପାୱାରଙ୍କ ବିଭାଗ ଓ ଏନ୍‌ସିପି ସହିତ ଜଡ଼ିତ ନିଷ୍ପତ୍ତି ଶୀଘ୍ର ନିଆଯିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଛୁ। ଇତିମଧ୍ୟରେ ଫେବୃଆରୀ ମଧ୍ୟ ଭାଗ ସୁଦ୍ଧା ଏନ୍‌ସିପିର ଦୁଇ ଗୋଷ୍ଠୀ ଏକାଠି ହେବେ ବୋଲି ଆଶା କରାଯାଉଛି। ଶରଦ ପାୱାରଙ୍କୁ ବାଦ୍ ଦେଲେ ଆଉ ୩ ଜଣ ବଡ଼ ନେତା ଅଜିତଙ୍କ ପତ୍ନୀ ସୁନେତ୍ରା, ସୁପ୍ରିୟା ସୁଲେ ଓ ପ୍ରଫୁଲ୍ଲ ପଟେଲ ମୁଖିଆ ଦୌଡ଼ରେ ଅଛନ୍ତି।

### ୧୩ ଲକ୍ଷ ଯାଏଁ...

ଟଙ୍କା ପର୍ଯ୍ୟନ୍ତ ଆୟ କରମୁକ୍ତ ହୋଇଥିଲା। ପୂର୍ବରୁ ମଧ୍ୟ ୨୦୨୩ ବଜେଟରେ, ଅର୍ଥମନ୍ତ୍ରୀ ଆୟକରକୁ ସରଳ କରିଥିଲେ, ଯାହାଦ୍ୱାରା ବାର୍ଷିକ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଲୋକଙ୍କୁ କର ରିଆତି ପ୍ରଦାନ କରାଯାଇଥିଲା। ଅର୍ଥମନ୍ତ୍ରୀ ରବିବାର ୨୦୨୬ ବଜେଟ ଆଣିବେ। କରଦାତାମାନେ ମଧ୍ୟ ଆଶା କରୁଛନ୍ତି ଯେ ଅର୍ଥମନ୍ତ୍ରୀ ବାର୍ଷିକ କରମୁକ୍ତ ଆୟ ସୀମା ୧୨ ଲକ୍ଷରୁ ୧୩ ଲକ୍ଷ ଟଙ୍କାକୁ ବୃଦ୍ଧି ଘଟାଇବେ। ଏହାଛଡା ଷ୍ଟାଣ୍ଡାର୍ଡ ଡିଡକ୍ସନ ୭୫,୦୦୦ ରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରିବେ। ଯଦି ଏହା ହୁଏ, ତେବେ ବଜେଟ ପରେ ଚାକିରିଆଙ୍କର କରମୁକ୍ତ ଆୟ ୧୨.୭୫ ଲକ୍ଷ ଟଙ୍କାରୁ ୧୩ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ। ଏହାର ଅର୍ଥ ହେଉଛି ବେତନଭୋଗୀଙ୍କର ଦରମା ବୃଦ୍ଧି ହେଉ କି ନ ହେଉ, ଆପଣଙ୍କର କର ବୋଝ ସ୍ୱୟଂଚାଳିତ ଭାବରେ ହ୍ରାସ ପାଇବ।

### ଆଇଟି ଚଢ଼ଉ ବେଳେ...

ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ । ସୂଚନାଯୋଗ୍ୟ, ମଧ୍ୟାହ୍ନ ସମୟରେ କାର୍ଯ୍ୟାଳୟରେ ପହଞ୍ଚିଥିବା ରୟଙ୍କୁ ପ୍ରାୟ ଏକ ଘଣ୍ଟା ଧରି ଆଇଟି ଅଧିକାରୀମାନଙ୍କ ପଚରାଉଚରା କରିଥିଲେ। ଏହାପରେ ସେ ନିଜ ଛାତିରେ ଗୁଳି ଚଳାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ, ତାଙ୍କ କର୍ମଚାରୀମାନେ ତୁରନ୍ତ ତାଙ୍କୁ ହସ୍ପିଟାଲକୁ ନେଇଯାଇଥିଲେ, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆୟକର ବିଭାଗ ଚଢାଉ ସମୟରେ ଆତ୍ମହତ୍ୟା ହୋଇଛି କି ନାହିଁ ତାହା ପୋଲିସ ତଦନ୍ତ କରୁଛି। ଏ ନେଇ ପୋଲିସ ପକ୍ଷରୁ କୌଣସି ପ୍ରାଥମିକ ବୟାନ ଜାରି କରାଯାଇନାହିଁ। କନଫିଡେଣ୍ଟ ଗ୍ରୁପ୍ ରିଅଲ୍ ଇଷ୍ଟେଟ୍ ଦୁନିଆରେ ଏକ ପ୍ରତିଷ୍ଠିତ ନାମ । ଏହି ଗ୍ରୁପ ଆବାସିକ ଆପାର୍ଟମେଣ୍ଟ, ଭିଲା, ବାଣିଜ୍ୟିକ କମ୍ପ୍ଲେକ୍ସ ପ୍ରକଳ୍ପ ରହିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ, କମ୍ପାନୀ କର୍ଣ୍ଣାଟକ ଏବଂ ଭାରତର ଅନ୍ୟାନ୍ୟ ଅଂଶରେ ଏହାର ଉପସ୍ଥିତି ବିସ୍ତାର କରିଛି, ଏକ ବଡ଼ ପୋର୍ଟଫୋଲିଓ ଏବଂ ମଧ୍ୟ-କ୍ଷେତ୍ର ଏବଂ ପ୍ରିମିୟମ୍ ହାଉସିଂ ବଜାରରେ ଏକ ଦୃଢ଼ ବ୍ରାଣ୍ଡ ଗଠନ କରିଛି।

### ପୁରୁଷଙ୍କ ଅକାଳ ମୃତ୍ୟୁର...

ଜ୍ୱର ଏବଂ ଅନ୍ୟାନ୍ୟ ଅଜଣା ରୋଗ ୪.୧ ପ୍ରତିଶତ ପୁରୁଷ ଏବଂ ୪.୧% ମହିଳାଙ୍କ ମୃତ୍ୟୁର କାରଣ ସାଜିଛି। ସେହିପରି, ୩.୮% ପୁରୁଷ ଏବଂ ୩.୬% ମହିଳା ଅଜଣା ଆଘାତ ଏବଂ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ମୂତ୍ର ରୋଗରେ ପୀଡିତ ହୋଇ ୩.୩% ପୁରୁଷ ଏବଂ ୨.୬% ମହିଳା ମୃତ୍ୟୁବରଣ କରିଛନ୍ତି। ଅନ୍ୟାନ୍ୟ କାରଣ ଯୋଗୁଁ ୮.୫% ପୁରୁଷ ଏବଂ ୧୩.୪% ମହିଳା ମୃତ୍ୟୁବରଣ କରିଛନ୍ତି। ଆଚରଣଗତ ବିପଦ ବୃଦ୍ଧି ସହିତ ଭାରତରେ ରୋଗ ଦୃଶ୍ୟପଟରେ ଏକ ସାଂରଚନିକ ପରିବର୍ତ୍ତନ ଆସିଛି। ଗତ କିଛି ଦଶନ୍ଧି ଧରି ଦେଶରେ ସଂକ୍ରାମକ ରୋଗ ଜନିତ ମୃତ୍ୟୁହାର ଯଥେଷ୍ଟ ହ୍ରାସ ପାଇଛି, ମାତ୍ର ଅଣ-ସଂକ୍ରାମକ ରୋଗ ଜନିତ ମୃତ୍ୟୁ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।


**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, CF.NO- 58, dated 30-01-2026 I, **MUNA GOCHHAYAT**, Permanent resident of At- Pedipathar, Po- Pedipathar, PS- Thakurgada, Dist- Angul, State- Odisha, PIN- 759127, declare that I have changed my name from **LACKY NAYAK (Old name)** to **MUNA GOCHHAYAT (New name)**, Henceforth, I shall be known as **MUNA GOCHHAYAT** for all purposes.

( Sd- MUNA GOCHHAYAT )

**AFFIDAVIT**

By virtue of an affidavit sworn before Executive Magistrate, Bargarh bearing no.CF-89 dated 16.1.2026, I, Vattikuti Bhaskar, S/o- Vattikuti Venkat Rao, resident of Dangarla, Po.- Bonda, Ps./Dist.- Bargarh, Odisha state that, in my SB account of Union Bank of India, Railway Station Road, Bargarh bearing Account no. 003810027000129 my name has been mentioned as V. Bhaskar Rao, S/o- V. Bhenkat Rao. Hence **Vattikuti Bhaskar, S/o- Vattikuti Venkat Rao** and **V. Bhaskar Rao, S/o- V. Bhenkat Rao** belongs to same and one person..

**ସତ୍ୟପାଠ**

କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ, କଟକଙ୍କ ଇଜିଲାସରେ ସତ୍ୟପାଠ ଦ୍ୱାରା ମୁଁ, ଗାୟତ୍ରୀ ବିଶ୍ୱରଞ୍ଜନ ରାଉଳ, ବୟସ: ୩୨ ବର୍ଷ, ସ୍ୱାମୀ: ବିଶ୍ୱରଞ୍ଜନ ରାଉଳ (ପିତା: ସୁରଥ ବିଶ୍ୱାଳ), ସା: ଓଲୁ କାଟରାମାଳ, ପୋ: ଫୁଲନଖରା, ଥାନା: କଟକ ସଦର, ଜିଲ୍ଲା: କଟକ ଘୋଷଣା କରୁଅଛି କି, ବାହାଘର ପୂର୍ବରୁ ଗୋଟିଏ ଆଧାର କାର୍ଡ ମୋ ନାମରେ ଜାରି କରାଯାଇଥିଲା। ଯେଉଁଥିରେ କି ମୋର ନାମ ସୁରେଖା ବିଶ୍ୱାଳ, ପିତା: ସୁରଥ ବିଶ୍ୱାଳ ଦର୍ଶିତ ଥିଲା ଏବଂ ବାହାଘର ପରେ ଗୋଟିଏ ସଂଶୋଧିତ ଆଧାର କାର୍ଡ ମୋ ନାମରେ ଜାରି କରାଗଲା। ଯେଉଁଥିରେ କି ମୋର ନାମ ଗାୟତ୍ରୀ ବିଶ୍ୱରଞ୍ଜନ ରାଉଳ, ସ୍ୱାମୀ: ବିଶ୍ୱରଞ୍ଜନ ରାଉଳ ଉଲ୍ଲେଖ କରାଯାଇଛି କିନ୍ତୁ ମୋ ପ୍ୟାନ କାର୍ଡରେ ମୋର ନାମ ସୁରେଖା ବିଶ୍ୱାଳ, ପିତା: ସୁରଥ ବିଶ୍ୱାଳ ଏବଂ ମୋର ଠିକଣା: ଗ୍ରାମ: ଶ୍ରୀବତ୍ସପୁର, ବାରଙ୍ଗ, କଟକ, ପିନ୍ - ୭୫୪୦୦୫ ଦର୍ଶିତ ଅଛି।

ଗାୟତ୍ରୀ ବିଶ୍ୱରଞ୍ଜନ ରାଉଳ ଏବଂ ସୁରେଖା ବିଶ୍ୱାଳ ଜଣେ ଏବଂ ସମାନ ବ୍ୟକ୍ତି ଅଟନ୍ତି। ତେଣୁ ମୋ ସଂଶୋଧିତ ନାମ ଓ ଠିକଣାରେ ନୂତନ ପ୍ୟାନ କାର୍ଡ ଦାନ କରାଯାଉ ଯାହାର ସବିଶେଷ ତଥ୍ୟ ନିମ୍ନମତେ: ଗାୟତ୍ରୀ ବିଶ୍ୱରଞ୍ଜନ ରାଉଳ, ପିତା: ସୁରଥ ବିଶ୍ୱାଳ, ଠିକଣା- ଓଲୁ କାଟରାମାଳ, ପୋ: ଫୁଲନଖରା, ଥାନା: କଟକ ସଦର, ଜିଲ୍ଲା: କଟକ, ପିନ୍- ୭୫୪୦୦୧ ଏବଂ ଏଣୁ ଭବିଷ୍ୟତରେ ସମସ୍ତ କାଗଜାତ୍‌ରେ ମୁଁ ଗାୟତ୍ରୀ ବିଶ୍ୱରଞ୍ଜନ ରାଉଳ ଭାବେ ପରିଚିତ ହେବି।

**AFFIDAVIT**

By virtue of an affidavit sworn before Executive Magistrate, Bargarh bearing no.CF-90 dated 16.1.2026, I, Vattikuti Venkataraman Rao, S/o- Vattikuti Bhaskar, resident of Dangarla, Po.- Bonda, Ps./Dist.- Bargarh, Odisha state that, in my SB account of Union Bank of India, Railway Station Road, Bargarh bearing Account no. 003810100004322 my name has been mentioned as V. Venkat Raman Rao. Hence **Vattikuti Venkataraman Rao, S/o- Vattikuti Bhaskar Rao** and **V. Venkat Raman Rao, S/o- V. Bhaskar Rao** belongs to same and one person.

**AFFIDAVIT**

By virtue of an affidavit sworn before the Executive Magistrate, Narasinghpur, dated-09-01-2026 C.F No-215, I Aparna Behera of Village-Bagadharia, Po- Adheigundi, Ps-Kanpur, Dist- Cuttack declare that I have changed my minor daughter's name from Amrita Shubhalaxmi Behera to Amrita Shubhasmita Behera in Aadhar card. Henceforth, she shall be known as **Amrita Shubhasmita Behera** for all purposes.

**AFFIDAVIT**

By virtue of an affidavit No.320, sworn before the Executive Magistrate, Champua on dtd- 30/01/2026. I **Gurubari Naik**, W/o- Man Mohan Naik, parmanent resident of Vill- Shirapur, Po-Panchapokharia, Ps- Champua, Dist-Keonjhar, Odisha, Pin- 758041, declare that I have changed my name from **Gurabari Naik** (old name) to **Gurubari Naik** (new name). Henceforth I shall be known as **GURUBARI NAIK** for all future purposes.

**Gurubari Naik**

**AFFIDAVIT**

By virtue of an affidavit no. 115 before Executive Magistrate, Bhubanesar, dtd. 29.01.2026, I, Sandhya Rout, W/o- Susanta Rout, At- Sanakrushnapur, P.S. Nayakanidhi, Basudevpur, Dist. Bhadrak have changed my name from Sanju Sekh Bibi to Sandhya Rout. Henceforth, I shall be known as **Sandhya Rout** for all purposes.

**NOTICE**

By virtue of an affidavit sworn before Executive Magistrate, Angul, dated 30/01/2026, I, JOSHI PRADHAN,Address: At- Paniola, PO-Balaram Prasad, PS-Banarpal, Dist.-Angul, Odisha – 759128, declare that I have changed my name from **JASMIN SAHU to JOSHI PRADHAN.** Henceforth, I shall be known as **JOSHI PRADHAN** for all purposes.

JOSHI PRADHAN

**NOTICE**

By virtue of an affidavit sworn before Executive Magistrate, Hindol, dated 03/09/2025, I, RANI DEVI,Address: Vill/PO- Kadala, PS-Balimi, Dist.- Dhenkanal, Odisha – 759121 declare that I have changed my name from **RANI SAHOO to RANI DEVI**. Henceforth, I shall be known as **RANI DEVI** for all purposes.

RANI DEVI

**NOTICE**

By virtue of an affidavit sworn before Executive Magistrate, Hindol, dated 17/11/2025, I, TRILOCHAN BISWAL, Address: Vill/PO- Ranjagol, PS-Balimi, Dist.-Dhenkanal, Odisha - 759020, declare that I have changed my name from **LOCHAN BISWAL to TRILOCHAN BISWAL.** Henceforth, I shall be known as **TRILOCHAN BISWAL** for all purposes.

TRILOCHAN BISWAL

TPNODL
TP NORTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP Northern Odisha Distribution Limited.**
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40109OR2021PLC035951; Website: www.tpnodl.com

**NOTICE INVITING TENDER (NIT) January 31st, 2026**

TP Northern Odisha Distribution Limited invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001129 | Rate Contract for Reconditioning of PTR at TPNODL |

* MSMEs registered in the State of Odisha shall pay tender fee of **Rs. 1,000/- including GST.**
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit **"Tender"** section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts &MM**

● କାଳିମେଳା ପୁଲିସର ଚଢ଼ଉ

# ଲକ୍ଷ ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ

କାଳିମେଳା,୩୦।୧(ସମିସ) : ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ପୁସୁଗୁଡ଼ା ସାହିର ଏକ ଘର ଉପରେ ଚଢ଼ଉ କରି ଲକ୍ଷ ଲକ୍ଷ ଟଙ୍କାର ଗୁଟଖା ଜବତ କରିଛି କାଳିମେଳା ପୁଲିସ। କାଳିମେଳା ପୁସୁଗୁଡ଼ା ଅଞ୍ଚଳର ଏକ ଗୋଦାମ ଉପରେ ଅତର୍କିତ ଚଢ଼ଉ କରି ଲକ୍ଷ ଲକ୍ଷ ଟଙ୍କାର ବିପୁଳ ପରିମାଣର ଗୁଟ୍‌ଖା କାର୍ଟୁନ୍ ଜବତ କରାଯାଇଛି। ଗୋଦାମରେ ଗଚ୍ଛିତ ଥିବା ବିଭିନ୍ନ ବ୍ରାଣ୍ଡର ଗୁଟଖା ଗୁଡିକର କୌଣସି କାଗଜପତ୍ର ନ ଥିବା ଜଣାପଡ଼ିଛି।

# ଜିଲ୍ଲାସ୍ତରୀୟ ସଚେତନତା ଶିବିର




ନବରଙ୍ଗପୁର, ୩୦।୧(ସମିସ): ନବରଙ୍ଗପୁର ମିଶନ ଶକ୍ତି ଗୃହ ଠାରେ ଜିଲ୍ଲାର ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଓ ନାଗରିକ ସୁରକ୍ଷା ଆଇନ୍ ୨୦୦୭କୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ସଞ୍ଚାଳନ କରା ଯାଇଥିଲା। ୮୦ ରୁ ଅଧିକ ବରିଷ୍ଠ ନାଗରିକ ଏହି ଶିବିର ରେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ. ରାଧାନାଥ ବେହେରା ,ବରିଷ୍ଠ ନାଗରିକ ମଞ୍ଚ ଗାଦବାଗୁଡ଼ାର ସମ୍ପାଦକ ଅଲପ୍ରେଡ ଖୁରା ,ଭୁବନେଶ୍ୱରରୁ ଆସିଥିବା ରାଜ୍ୟ ପ୍ରୋଗ୍ରାମ କୋର୍ଡିନେଟର ଦେବଶ୍ରୀ ବ୍ରହ୍ମା, ଜିଲ୍ଲା ଶିଶୁ କଲ୍ୟାଣ ପ୍ରୋଗ୍ରାମ ଅଫିସର ରମା ପଟ୍ଟନାୟକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଅତିଥି ଭାବରେ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥ ଶ୍ରୀ ଖୁଣ୍ଟିଆ ବିଶ୍ୱରେ ଅଧିକ ବୃଦ୍ଧାବୃଦ୍ଧ ମାନଙ୍କ ଦେଶ ହେବାକୁ ଭାରତ ଯାଉଛି ବୋଲି କହିଥିଲେ। ପ୍ରତ୍ୟେକ ପିତାମାତା ପୁଅଝିଅଙ୍କ ଉପରେ ନିର୍ଭର ନ ହୋଇ ସ୍ୱାଧୀନ ଭାବରେ ଚାଲିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ତଥା ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର,ନିରଞ୍ଜନ ମିଶ୍ର ,ସରୋଜିନୀ ହିଆଲ, ଚନ୍ଦ୍ର କୁମାର ଆଚାର୍ଯ୍ୟ,ପ୍ରଶାନ୍ତ କୁମାର ଭତ୍ରା, ସୁଶିଲ କୁମାର ମିଶ୍ର, ସଞ୍ଜୟ ଟାକ୍ରି, ପ୍ରକାଶ ନାଗ, ବିଷ୍ଣୁ ମହାପାତ୍ର, କାର୍ଯ୍ୟ ପରିଚାଳକ ଜ୍ୟୋତିର୍ମୟୀ ଡଙ୍ଗରି , ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଧନୁର୍ଜୟ ରାଓ , ବୃନ୍ଦାବନ ବେବର୍ତ୍ତା , ସୁକୁନ୍ତଲା, ଭକ୍ତି ପ୍ରସାଦ ବେହେରା,ଇନ୍ଦ୍ରମଣି ମଙ୍ଗରାଜ, ସାମ ସନ୍ ,ମହେନ୍ଦ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଆଶା କିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଉଦ୍ୟୋଗ ବିକାଶ କର୍ମଶାଳା




ଜୟପୁର, ୩୦।୧ (ସମିସ): ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଉଦ୍ୟୋଗ ବିକାଶ ନେଇ ଜ୍ଞାନକୁ କାର୍ଯ୍ୟକୁ କାର୍ଯ୍ୟକାରିତା ନେଇ ଏକ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡ.ଦେବଦତ୍ତ ଇନ୍ଦୋରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳଆକୁ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଜ୍ଞାନ ଇଣ୍ଟନନ୍ୟାନସନାଲ କଲେଜର ନିର୍ଦ୍ଦେଶକ ଇଂ. ସୁବ୍ରତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଟିଟିଲାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡ. କେ.ଦେବୀ ଏହି ଆୟୋଜିତ କର୍ମଶାଳାର ବିଷୟବସ୍ତୁ ଉପରେ ଆଲୋକପାତ କରିବା ସହିତ ଉଦ୍ୟୋଗ ବିକାଶ ନିମନ୍ତେ ଆବଶ୍ୟକ ଭତ୍ତିଭୂମି ନେଇ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରର ଅତିଥି ଭାବେ ସହରର ସଫଳ ଉଦ୍ୟୋଗୀ ଇଂ. ଉମେଶ ଚନ୍ଦ୍ର ମିଶ୍ର, ନିମାଁଇ ଚରଣ ଦାଶ ଏବଂ ସଞ୍ଜୟ କୁମାର ସୁଆର ସେମାନଙ୍କ ଅଭିଜ୍ଞତା ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରଶ୍ନ ଓ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଶ୍ୱବିଦ୍ୟାଳୟର ପି.ଜି କାଉନସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର, ପି.ଏମ ଉଷାର ନୋଡାଲ ଅଧିକାରୀ ଡ. ସାଗରିକା ମିଶ୍ର ଏବଂ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ସଚିନ କୁମାର ନାୟକଙ୍କ ସହଯୋଗରେ ଆୟୋଜିତ ହୋଇଥିଲା।

# ସୋନିଆ ମାଝୀ ସେମିଳିଗୁଡ଼ା ବ୍ଲକ୍ କଂଗ୍ରେସ ସଭାପତି

ସେମିଳିଗଡ଼ା,୩୦।୧(ସମିସ): କୋରାପୁଟ ଜିଲ୍ଲାର ୧୪ ବ୍ଲକ୍‌ର କଂଗ୍ରେସ ସଭାପତି ନିଯୁକ୍ତ ହେଇ ଯାଇଛି। ସେମିଳିଗୁଡା ବ୍ଲକର କଂଗ୍ରେସ ସଭାପତି ଭାବେ ସୋନିଆ ମାଝୀ ପୁନର୍ବାର



ନିଯୁକ୍ତ ହାଇଥିବା ସୂଚନା ମିଳିଛି। ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ନିଜ ବାସଭବନରେ ଗୁରୁବାର ସକାଳେ ସାଂସଦ ପ୍ରତିନିଧି ଜଗତ ରାୟ କିନବୁଡ଼ୀ,ବିଧାୟକ ପ୍ରତିନିଧି ମହେଶ୍ୱର ଖିଲ ପ୍ରମୁଖଙ୍କ ଉପସ୍ଥିତିରେ ନବନିଯୁକ୍ତ ସଭାପତି ସୋନିଆଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ନିର୍ବାଚନ ମଣ୍ଡଳୀର ନବନିଯୁକ୍ତ ସମସ୍ତ ବ୍ଲକ ସଭାପତି ଏବଂ ଜିଲ୍ଲା କଂଗ୍ରେସ କମିଟି କର୍ମକର୍ତ୍ତାଙ୍କୁ ବିଧାୟକ କାଡାମ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଜିଲ୍ଲାସ୍ତରୀୟ ସ୍ୱର୍ଶ କୁଷ୍ଠ ରୋଗ ସଚେତନତା

# କୁଷ୍ଠରୋଗ ମୁକ୍ତ ହେଲେ ୧୨୨୧, ପୀଡ଼ିତ ୩୨୫

ନବରଙ୍ଗପୁର, ୩୦।୧(ସମିସ): ସ୍ଥାନୀୟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସ୍ୱର୍ଶ କୁଷ୍ଠ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ବ୍ୟାପକ ପ୍ରଚାର ପ୍ରସାର ମାଧ୍ୟମରେ ଜିଲ୍ଲାରେ ବିଭିନ୍ନ ବ୍ଲକରେ ୩୦ ଜାନୁୟାରୀ ରୁ ୧୩ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାରୁ କୁଷ୍ଠ ରୋଗ ନିରାକରଣ ନିମନ୍ତେ ଚାଲିବ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଜାତୀୟ କୁଷ୍ଠ ମୂଳୋତ୍ପାଟନ କାର୍ଯ୍ୟକ୍ରମ ୨୦୨୭ ମସିହା ସୁଦ୍ଧା ଭାରତବର୍ଷକୁ କୁଷ୍ଠ ମୁକ୍ତ ଦେଶ ରୂପେ ଘୋଷଣା କରିବାକୁ ସ୍ଥିର କରିଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଏଡିପିଏଚଓ ଡ.ସୁକାନ୍ତ ଶତପଥୀ, ଏଡିଏମଓ ଡ ମଳୟ ତ୍ରିପାଠୀ, ଡିପିଏମ ( ଏନ୍ ଏଚ ଏମ) ଶଙ୍କର ଆଚାର୍ଯ୍ୟ, ଡିଏସଏସଓ ସୁଧାଂଶୁ ପାତ୍ର, ଡିଆଇପିଆର୍ ଓ ମନୋଜ ବେହେରା, ୟୁପିଏଚସି ମେଡିକାଲ ଅଧିକାରୀ ଡ. ପ୍ରିୟ ରଞ୍ଜନ ନନ୍ଦ, ଏଡିଇଓ ଶ୍ରୀକାନ୍ତ ଜାନି, ଜିଲ୍ଲା କୁଷ୍ଠ ରୋଗ ନିରାକରଣ ସୁପରଭାଇଜର ସୁକନ୍ଦ୍ର ଡାଙ୍ଗି ବୈଠକରେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ଏପ୍ରିଲ ୨୦୨୦ରୁ ଡିସେମ୍ବର ୨୦୨୫ ମଧ୍ୟରେ ଜିଲ୍ଲାରେ ବର୍ତ୍ତମାନ ୩୨୫ ଜଣ କୁଷ୍ଠ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧିନ ଅଛନ୍ତି। ୧୫୪୬ ଜଣ ନୂଆ ଭାବେ କୁଷ୍ଠ ରୋଗରେ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨୨୧ ଜଣ ଏହି ରୋଗରୁ ମୁକ୍ତ ହୋଇଛନ୍ତି। ୮୯ ଜଣ ଶିଶୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହାର



ନିରାକରଣ ନିମନ୍ତେ ପ୍ରତ୍ୟେକ ଗ୍ରାମରେ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ କୁଷ୍ଠ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଚିହ୍ନଟ କରିବେ ଏବଂ ବିଦ୍ୟାଳୟ ମାନଙ୍କରେ ମଧ୍ୟ ଛାତ୍ର ଛାତ୍ରୀ ମାନଙ୍କ ଶରୀରରେ କୁଷ୍ଠ ସମ୍ବନ୍ଧିତ କୌଣସି ଛଉ ଦେଖାଗଲେ କିମ୍ବା ସୂଚନା ମିଳିଲେ ତାହା ମଧ୍ୟ ରିପୋର୍ଟ କରିବେ। ଅତିଥି ଗଣ କୁଷ୍ଠ ରୋଗ ଏକ ସାଧାରଣ ଜୀବାଣୁ ଜନିତ ରୋଗ ,ଏହାର ସମୟ ମଧ୍ୟରେ ଏମ ଡି ଟି ଚିକିତ୍ସା କଲେ ୬ ମାସ ମଧ୍ୟରେ ଜଣେ ରୋଗମୁକ୍ତ ହେବ। ଶରୀରରେ କୌଣସି ବଧିରା ଛଉ ଦେଖାଗଲେ , ଏହାକୁ ନ ଲୁଚାଇ ଶୀଘ୍ର ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଚିକିତ୍ସା କରାଇବା ପାଇଁ କହିଲେ। ଏମଡିଟି ଔଷଧ ମାଗଣାରେ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ ରହିଛି। ଏହି ରୋଗ ରେ ପୀଡ଼ିତ ଲୋକଙ୍କୁ ଆମେ ସମସ୍ତେ ରୋଗୀଙ୍କ ସହ କୌଣସି ସାମାଜିକ ଭେଦଭାବ ନ ରଖି ନିସଙ୍କୋଚରେ ବସିବା, ଖାଇବା ଏବଂ ମିଶିପାରିବା। କୁଷ୍ଠ ରୋଗ ରେ ପୀଡ଼ିତ ବ୍ୟକ୍ତିଙ୍କୁ ସାମାଜିକ ଭେଦଭାବ ରୋକିବାକୁ ଏବଂ ଚିକିତ୍ସାରେ ସହଯୋଗ କରିବାକୁ ମୁଖ୍ୟ ଅତିଥି ଙ୍କ ଅଧ୍ୟକ୍ଷତାରେ ସମସ୍ତେ ଏକ ଶପଥ ପାଠ କରାଯାଇଥିଲା।କୁଷ୍ଠ ନିରାକରଣ ପକ୍ଷ ସଚେତନତା ରଥ ଆଜିଠୁ ସମସ୍ତ ବ୍ଲକ୍‌କୁ ଗସ୍ତ କରି ୧୫ ଦିନ ସଚେତନତା ସୃଷ୍ଟି କରିବ।

# ଗାଜର ବୋଝେଇ ଟ୍ରକ୍‌ରେ ଲାଗିଲା ନିଆଁ

ପଟ୍ଟାଙ୍ଗି, ୩୦।୧(ସମିସ): ଓଡ଼ିଶାରୁ ଆନ୍ଧ୍ର ଆଡ଼କୁ ଯାଉଥିବା ପରିବା ବୋଝେଇ ଟ୍ରକ୍ ଚକାରେ ଲାଗିଲା ନିଆଁ। ଟ୍ରକ ଚକା ଗରମ ହୋଇ ଫାଟିଯିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ହୋଇଥିବା କୁହାଯାଉଛି। ପୁଲିସ ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିବାରେ ସଫଳ ହୋଇଛନ୍ତି।ସୂଚନା ଅନୁଯାୟୀ, ଓଡ଼ିଶା ଦିଗ ଦେଇ ଆନ୍ଧ୍ର ଦିଗକୁ ୟୁପି ୧୩ ଡିଟି ୫୧୪୨ ନଂ ବିଶିଷ୍ଟ ଗାଜର ବୋଝେଇ ଟ୍ରକ ଗୁରୁବାର ବିଳମ୍ବିତ ରାତ୍ରିରେ ଯାଉଥିଲା। ଓଡ଼ିଶା ସୀମାନ୍ତ ୨୬ ନଂ ଜାତୀୟ ରାଜପଥ ଉପରେ ରହିଥିବା ସୁଙ୍କି ଥାନା ଦେଇ କିଛି ବାଟ ଗଲା ପରେ ରାତ୍ର ପ୍ରାୟ ୫ ଟା ସମୟରେ ଗାଡ଼ିର ଚକାଟି ଫାଟି ଯାଇଥିଲା। ଫଳରେ ତୁରନ୍ତ ଗାଡ଼ିର ଚକାରେ ନିଆଁ ଲାଗିଯାଇଥିଲା। ଏଥିନେଇ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଓ ଅଗ୍ନିଶମ ଅଧିକାରୀ ହରେରାମ ମଣ୍ଡଳଙ୍କ ନିକଟରେ ସୂଚନା ପହଞ୍ଚିଥିଲା। ଏହାପରେ ଉଭୟ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ।

# ଧଳପୁର ପିଏମଶ୍ରୀ ବିଦ୍ୟାଳୟ ବାର୍ଷିକ ଉତ୍ସବ

ବୈପାରୀଗୁଡ଼ା, ୩୦।୧ (ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଧଳପୁର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩୩ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ବିଦ୍ୟାଳୟରଙ୍କ ପ୍ରଧାନ ଶିକ୍ଷକ ଭବାନୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସରପଞ୍ଚ ଗଙ୍ଗାଧର ମସିହା, ସମିତି ସଭ୍ୟ ଲକ୍ଷ୍ମଣ ଚନ୍ଦ୍ର ପଡିଆ, ସମାଜସେବୀ ଚନ୍ଦ୍ର ଶେଖର ରଥ, କୋରାପୁଟ ବିଧାୟକ ପ୍ରତିନିଧି ଉମେଶ ପଟ୍ଟନାୟକ, ବିଦ୍ୟାଳୟ ପରିଚଳନା କମିଟି ସଭାପତି ରାଜେଶ ମହୁରୀଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କୁଇଜ୍, ଡିବେଟ୍, ଗୀତି, ପେଣ୍ଟିଙ୍ଗ, ପ୍ରତିଯୋଗିତା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ସୌମ୍ୟ ରଞ୍ଜନ ପ୍ରଧାନ ଓ ଶିବାନୀ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରଦର୍ଶନୀ



କୋରାପୁଟ,୩୦।୧(ସମିସ): ସ୍ଥାନୀୟ ଶିକ୍ଷକ ଶିକ୍ଷା ମହା ବିଦ୍ୟାଳୟରେ ଶିକ୍ଷକ ଶିକ୍ଷାଦାନ ସାମଗ୍ରୀ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ୨୦୦ ଜଣ ଛାତ୍ରଛାତ୍ରୀ ଭାଗ ନେଇ ୪୦୦ ରୁ ଉର୍ଦ୍ଧ ମଡେଲ ପ୍ରସ୍ତୁତ କରିଥିଲେ । ମଡେଲ ଗୁଡିକ ସାଧାରଣତଃ ବିଜ୍ଞାନ, ଓଡ଼ିଆ ସାହିତ୍ୟ ଏବଂ ଇଂରାଜୀ ବିଷୟରେ ଶିକ୍ଷାଦାନ ନିମନ୍ତେ ବ୍ୟବହୃତ ସମାଗ୍ରୀ ଗୁଡିକ ଉପରେ ପ୍ରଦର୍ଶିତ କରାଯାଇଥିଲା କ୍ଷ ଶିକ୍ଷକ କିପରି ସ୍ୱଳ୍ପ ଖର୍ଚ୍ଚରେ ଏକ ଉଚ୍ଚକୋଟିର ଶିକ୍ଷଣ ସମାଗ୍ରୀ ପ୍ରସ୍ତୁତ କରି ପିଲାମାନଙ୍କୁ ଆଧୁନିକ ପ୍ରଣାଳୀରେ ଶିକ୍ଷାଦାନ କରିବେ ସେଥି ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା । ପିଲାମାନଙ୍କୁ ତାଲିମ୍ ଦିଆଯାଇ ଏକ ସୁନ୍ଦର ସମାଗ୍ରୀ ତିଆରି କରିବା ପାଇଁ ପ୍ରୋତ୍ସାହନ କରାଯାଇଥିଲା । ଏହି ପ୍ରଦର୍ଶନୀରେ ଡିଏଭି ଶିକ୍ଷକ ଶିକ୍ଷାମହାବିଦ୍ୟାଳୟ କୋରାପୁଟର ଅଧ୍ୟକ୍ଷା ଝରଣା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଫରେଷ୍ଟ କଲୋନି ଉଚ୍ଚପ୍ରାଥମିକ ବିଦ୍ୟାଳୟ , ସରକାରୀ ପୋଲିସ ଉଚ୍ଚ ବିଦ୍ୟାଳୟ କୋରାପୁଟ , ଏକ୍ସବୋଡର୍ ଉଚ୍ଚ ବିଦ୍ୟାଳୟ କୋରାପୁଟ ର ତିନିଶହରୁ ଅଧିକ ଛାତ୍ରଛାତ୍ରୀ ପ୍ରଦର୍ଶନୀରେ ଯୋଗଦେଇ ବିଭିନ୍ନ ମଡେଲ ବିଷୟରେ ଜ୍ଞାନ ଆହରଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଗଣ ଛାତ୍ର ଶିକ୍ଷକ ମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ତତ୍ତ୍ୱାବଧାନରେ ଶିକ୍ଷଣ ସମାଗ୍ରୀ ଗୁଡିକ ପ୍ରସ୍ତୁତି କରାଯାଇଥିଲା। ଅଧ୍ୟାପକ ଚକ୍ରଧର ବେହେରାଙ୍କ ସମ୍ପାଦନାରେ ଅନୁଷ୍ଠିତ ପ୍ରଦର୍ଶନୀକୁ ଡକ୍ଟର ଭାରତୀ ଜାନି , ଝରଣା ସାହୁ , ସୁଶାନ୍ତ ମହାରଣା , ଡ଼ୋଲାମଣୀ କୁମ୍ଭାର, ଡକ୍ଟର ପୂର୍ଣ୍ଣଚନ୍ଦ୍ର ତନ୍ତୀ, ସସ୍ମିତା ନାୟକ ଏବଂ ମହେଶ କୁମାର ତ୍ରିପାଠୀ ପ୍ରଦର୍ଶନୀରେ ବିଚାରକ ଭାବେ ଛାତ୍ର ଛାତ୍ରୀ ଙ୍କ ମଡେଲ ଗୁଡିକର ମୂଲ୍ୟାୟନ କରିଥିଲେ । ଏହି ମଡେଲ ଗୁଡିକ କୋରାପୁଟ ସହର ର ବିଭିନ୍ନ ବିଦ୍ୟାଳୟକୁ ପ୍ରଦାନ କରାଯିବ। ସେଠିକାର ପିଲା ମାନେ କିଭଳି ଭାବେ ପାଠକୁ ସହଜ ଏବଂ ସରଳ ଭାବେ ବୁଝି ପାରିବେ ଏହି ପ୍ରଦର୍ଶନୀର ମୁଖ୍ୟ ଲକ୍ଷ୍ୟ ଥିବା ଜଣାପଡିଛି। ମଡେଲ ବ୍ୟବହାର କଲେ ପିଲା ମାନେ ସବୁଦିନ ସ୍କୁଲ ଆସିବେ ବୋଲି ଅଧ୍ୟକ୍ଷା ଶ୍ରୀମତୀ ସାହୁ ମତବ୍ୟକ୍ତ କରିଥିଲେ।

# ଦିବ୍ୟ ଜୀବନ ସଂଘର ବାର୍ଷିକ ଉତ୍ସବ

ତେନ୍ତୁଳିଖୁଣ୍ଟି, ୩୦।୧(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ସ୍ଥିତ ଗୋପାଳ ଶ୍ରୀକ୍ଷେତ୍ର ପରିସରରେ ଥିବା ଦିବ୍ୟ ଜୀବନ ସଂଘ ଶାଖାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନଗର ସଂକୀର୍ତ୍ତନ ଓ ପାଦପୂଜା ସମେତ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁ ମାନେ ସ୍ୱାମୀ ଶିବାନନ୍ଦ ସାରସ୍ୱତୀ ଓ ଚିଦାନନ୍ଦ ସରସ୍ୱତୀ ମହାରାଜାଙ୍କ କରୁଣା ଲାଭ କରିବା ପୂର୍ବକ ଆଶ୍ରମରେ ଏକତ୍ରିତ ହୋଇ ପ୍ରସାଦ ସେବନ ରେ ସାମିଲ ହୋଇଥିଲେ। ଦିବ୍ୟ ଜୀବନ ସଂଘର ବୟୋଜ୍ୟାଷ୍ଠ କର୍ମକର୍ତ୍ତା ବିନୋଦ ପାତ୍ର, ବିଜୟ ପାଣିଗ୍ରାହୀ, ନରସିଂହ ପ୍ରଧାନ, ଭାଗିରଥି ପାଣିଗ୍ରାହୀ, ଯୋଗେନ୍ଦ୍ର ବାଡତିଆ, ସର୍ବେଶ୍ୱର ବେହେରା ପ୍ରମୁଖଙ୍କ ସକ୍ରିୟ ସହଯୋଗ ର ଆଧାମ୍ିକ କାର୍ଯ୍ୟ ସଫଳ ରୂପେ ସମ୍ପାଦନ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଡ. ପୀତବାସ ପ୍ରହରାଜ, ଧର୍ମପତ୍ନୀ ଅନୁରାଧା ତ୍ରିପାଠୀ, ଗୋବର୍ଦ୍ଧନ ସାହୁ, କୃଷ୍ଣଚନ୍ଦ୍ର ସାମନ୍ତରାୟ, ସମାଜସେବୀ ମନୋଜ ଦାସଙ୍କ ସମେତ ବିଭିନ୍ନ ସଂସ୍ଥାର ଶ୍ରଦ୍ଧାଳୁ ମାନେ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ।

# ଶ୍ରେଣୀ ଗୃହ ଉପହାର ଦେଲେ ମୈତ୍ରୀ ଇମ୍ପା

ଲକ୍ଷ୍ମୀପୁର,୩୦।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳରେ କାର୍ଯ୍ୟରତ ମୈତ୍ରୀ ଇମ୍ପା କମ୍ପାନୀ ଏକ ଶ୍ରେଣୀ ଗୃହ ନିର୍ମାଣ କରି ଉପହାରରେ ୟୁଏନ ରାଜୁ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନଙ୍କ ପାଇଁ ମୈତ୍ରୀ କମ୍ପାନୀର ଅଧ୍ୟକ୍ଷ ଟି ଶ୍ରୀନିବାସ ରାଓ ଦେଇଛନ୍ତି। ଏହାର ଶୁଭ ଉଦ୍‌ଘାଟନ ଲକ୍ଷ୍ମୀପୁର ବ୍ଲକ ଅଧ୍ୟକ୍ଷା ସୁଖାଇ କୁଲେସିକା ଗୁରୁବାର ଦିନ କରିଛନ୍ତି। ଏହି ଶ୍ରେଣୀ ଗୃହ ରେ ପ୍ରାୟ ୫୦ ଜଣ ୧୦ ଶ୍ରେଣୀ ଛାତ୍ରୀ ବସି ପାଠ ପଢ଼ି ପାରିବେ। ୯ଲକ୍ଷ ଟଙ୍କା ରେ ନିର୍ମିତ ଏହି ଶ୍ରେଣୀ ଗୃହରେ ଆବଶ୍ୟକୀୟ ସବୁ ସାମଗ୍ରୀ ଯୋଗାଇ ଦେଇଥିବା ବୋଲେ କହିଛନ୍ତି। ଶିକ୍ଷା ମଣିଷର ସବୁକିଛି ବଦଳାଇ



ଥାଏ। ଏହି ଗ୍ରହଣ ପାଇଁ ସୁନ୍ଦର ଘର ଟିଏ ନିର୍ମାଣ କରି ଦେଇ ଥିବା ହେତୁ ସାଧାରଣ ରେ ପ୍ରଶଂସା କରାଯାଇଛି। ଏହି ବିଦ୍ୟାଳୟଟି ଦୀର୍ଘ ବର୍ଷ ଧରି ସରକାରୀ ଅଣ ଅନୁଦାନରେ ଚାଲିଛି। ଏହାକୁ ବିଭିନ୍ନ ସ୍ତରରୁ ଅନୁଦାନ ଆଣି ଅନ୍ତେବାସୀ ମାନଙ୍କ ପାଇଁ ବ୍ୟବସ୍ଥା କରାଯାଉଛି। ଏହା ପୂର୍ବରୁ ମଧ୍ୟ ଅନେକ ଥର ଏହି ବିଦ୍ୟାଳୟର ଛାତ୍ରୀ ମାନଙ୍କ ପାଇଁ ଅନେକ ସାମଗ୍ରୀ ମୈତ୍ରୀ କମ୍ପାନୀ ଯୋଗାଇ ଆସୁଛି। ଏହି କାର୍ଯ୍ୟ ଟି ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଯୋଗାଇ ଦିଆ ଯାଇଥିବା ନେଇ ମୈତ୍ର କମ୍ପାନୀ ର ଲୋକସମ୍ପର୍କ କର୍ମଚାରୀ ପୃଷ୍ଟି ଦୁରିଆ, ତ୍ରିଲୋଚନ ଗରଡ଼ା(ପିଲୁ) କହିଛନ୍ତି। ଏହି ସମୟରେ ୟୁଏନ ରଜୁ ବିଦ୍ୟାଳୟ କମିଟିର ସଦସ୍ୟ ବସନ୍ତ ବିଦିକା ସମେତ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ଏହା ବ୍ୟତିତ ମୈତ୍ରୀ ଇମ୍ପାର୍ ଏବଂ ମାଇନିଙ୍ଗ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ କର୍ମକର୍ତ୍ତା ତଥା - ଜେନେରାଲ ମ୍ୟାନେଜର ସିଏଚ ବୋଷ ବାବୁ, ପାରିପାର୍ଶିକ ମୁଖ୍ୟ ପି ଜଗଦିଶ ପାରିପାର୍ଶିକ ଯନ୍ତ୍ରୀ କାମାକ୍ଷା ପ୍ରସାଦ ଉପସ୍ଥିତ ଥିଲେ। ଏଭଳି ମହାନ କାର୍ଯ୍ୟ ପାଇଁ କମ୍ପାନୀର ଅଧ୍ୟକ୍ଷ ଟି ଶ୍ରୀନିବାସ ରାଓଙ୍କୁ ସବୁ ମହଲରୁ ପ୍ରଶଂସା କରାଯାଇଛି

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନବରଙ୍ଗପୁର,୩୦।୧(ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟ ଠାରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶରେ ଯୁକ୍ତ ତିନି ପ୍ରଥମ ବର୍ଷର ୨୪୭ ଛାତ୍ରୀ ଅଂଶଗ୍ରହଣ କରି ଆତ୍ମରକ୍ଷା ସମ୍ପର୍କୀୟ ପ୍ରାୟୋଗିକ କୌଶଳର ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜୟପୁରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଗୋପାଳ ହାଲଦାର ଯୋଗ ଦେଇ ଆତ୍ମରକ୍ଷା ତାଲିମକୁ ଆଜିର ସମାଜର ଏକ ଅପରିହାର୍ଯ୍ୟ ଆବଶ୍ୟକତା ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି ଡିରେକ୍ଟର ଡ. ମହେନ୍ଦ୍ର କୁମାର ଭୋଇ ଉପସ୍ଥିତ ରହି ନିଜ ଉଦବୋଧନରେ ଯୁବପୀଢ଼ିଙ୍କ ପାଇଁ ଏହି ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଅଧ୍ୟକ୍ଷା ମାଳେଶ୍ୱରୀ ସାହୁ ନିଜ ଅଧ୍ୟକ୍ଷୀୟ ଭାଷଣରେ ଆଷରକ୍ଷା ପ୍ରଶିକ୍ଷଣକୁ ନାରୀ ସଶକ୍ତିକରଣର ଏକ ସଶକ୍ତ ମାଧ୍ୟମ ବୋଲି ଉଲ୍ଲେଖ କରିଥିବା ବେଳେ ଶିବିରର ମାଷ୍ଟର ଟ୍ରେନର ଭାବେ ସୁଶ୍ରୀ ରଇଲା ଭତ୍ରା ଓ ସୁଶ୍ରୀ ରାଜେଶ୍ୱରୀ ନାୟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ସମଗ୍ର ଦାୟିତ୍ୱ କେର୍ଡିନେଟର ଡ.ସଂଯୁକ୍ତା ପଣ୍ଡା ସଫଳତାର ସହିତ ପରିଚାଳନା କରିବା ସହିତ ସେ ଶିବିରର ଉଦ୍ଦେଶ୍ୟ, ପ୍ରଶିକ୍ଷଣର ପ୍ରକ୍ରିୟା ଓ ଉପଲବ୍ଧି ସମ୍ପର୍କରେ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ମାଷ୍ଟର ଟ୍ରେନରମାନଙ୍କ ସହିତ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ବିତରଣ ସହ ଧନ୍ୟବାଦ ଜ୍ଞାପନ କରାଯାଇ ଉଦ୍‌ଯାପନୀ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

ପର୍ଯ୍ୟଟନ ବିଭାଗ ପାଇଁ ଅପହଞ୍ଚ ଇନ୍ଦ୍ରାବତୀ

# ନାଲିଫିତା ତଳେ ରହିଛି ଜାତୀୟସ୍ତର ପର୍ଯ୍ୟଟନ କ୍ଷେତ୍ର ପ୍ରତିଶ୍ରୁତି

ତେନ୍ତୁଳିଖୁଣ୍ଟି,୩୦।୧(ସମିସ): ନବରଙ୍ଗପୁର ଜିଲ୍ଲାର ଏକ ପ୍ରମୁଖ ତଥା ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରୁଥିବା ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳ ପାଇଁ ବିକାଶ ଅପହଞ୍ଚ ହୋଇଛି। ପ୍ରତ୍ୟେକ ଅଞ୍ଚଳ ବିକାଶ କ୍ଷେତ୍ରରେ ଆଗକୁ ଯାଉଥିବା ବେଳେ ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳ ସମୟ କ୍ରମେ ବିକାଶ କ୍ଷେତ୍ରରେ ବିପରତ ଦିଗରେ ଗତି କରୁଥିବା ଅଭିଯୋଗ ହେଉଛି । ଇନ୍ଦ୍ରାବତୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । କିନ୍ତୁ ତାହା ବିପରୀତ ଦିଗରେ ଗତି କରି ଆଜି ସାମାନ୍ୟ ସ୍ୱାସ୍ଥ୍ୟସେବା ପାଇଁ ୧୨ କିଲୋମିଟର ତେନ୍ତୁଳିଖୁଣ୍ଟି ଭରସା ହୋଇଛି। ଶିକ୍ଷାକ୍ଷେତ୍ରରେ ମଧ୍ୟ



ଅନୁରୂପ ଭାବରେ ଅଞ୍ଚଳ ବିପରୀତ ଦିଗରେ ଗତି କରୁଛି । ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟ ଏହାର ଜ୍ୱଳନ୍ତ ଉଦାହରଣ। ପ୍ରତି ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ବାଧ୍ୟତାମୂଳକ ବୋଲି ସରକାର କହୁଥିବା ବେଳେ ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟକୁ ଛାଡି ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ନାହିଁ । କିନ୍ତୁ ଥିବା ବିଦ୍ୟାଳୟକୁ ମଧ୍ୟ ଆବଶ୍ୟକ ଶିକ୍ଷକ ଯୋଗାଉନାହିଁ ଶିକ୍ଷା ବିଭାଗ। ଶିକ୍ଷା, ସ୍ୱାସ୍ଥ୍ୟ ପରେ ଇନ୍ଦ୍ରାବତୀ ପର୍ଯ୍ୟଟନ କ୍ଷେତ୍ର ରେ ମଧ୍ୟ ପ୍ରତାରିତ ହୋଇଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଅଞ୍ଚଳ ଆଜି ପର୍ଯ୍ୟଟକ ଶୂନ୍ୟ ହୋଇଛି । ମାଳ ମାଳ ନେତା, ସରକାରୀ ବାବୁ, ଜିଲ୍ଲା ପ୍ରଶାସନର ଅଧିକାରୀ ବୃନ୍ଦ ଘନଘନ ଇନ୍ଦ୍ରାବତୀ ଗ୍ରସ୍ତ କରି ପ୍ରତିଶୃତିର ପାହାଡ଼ ଦେଖାଉଥିବା ବେଳେ ବିକାଶ କିନ୍ତୁ ସାତ ସପନ ହୋଇଥିବା ଚର୍ଚ୍ଚା ହେଉଛି । ଇନ୍ଦ୍ରାବତୀ ର ଦେଓପାଲି ଠାରେ ଏକ ଜାତୀୟ ସ୍ତର ପର୍ଯ୍ୟଟନ କ୍ଷେତ୍ର ନିର୍ମାଣ ପାଇଁ ପ୍ରତିଶୃତି ଦେଇ ନିଘୋର ନିଦ୍ରାରେ ରହିଛି ପର୍ଯ୍ୟଟନ ବିଭାଗ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ଅଞ୍ଚଳ ବର୍ତ୍ତମାନ ପ୍ରତାରିତ ହୋଇଛି। ଇନ୍ଦ୍ରାବତୀ ରେ ବସ ଷ୍ଟାଣ୍ଡ ଖଣ୍ଡେ ନାହିଁ, ପର୍ଯ୍ୟଟକଙ୍କ ରହଣି ପାଇଁ ବ୍ୟବସ୍ଥା ନାହିଁ। ଅଞ୍ଚଳରେ ଶୌଚାଳୟ ନାହିଁ। ଉପଯୁକ୍ତ ଆଲୋକୀକରଣ ବ୍ୟବସ୍ଥା ନାହିଁ। ଡ୍ୟାମ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପାର୍କିଙ୍ଗ ବ୍ୟବସ୍ଥା ନାହିଁ । ତମାମ ଅସୁବିଧା ବିଦେଶୀ ପର୍ଯ୍ୟଟକଙ୍କ ପାଖରେ ଇନ୍ଦ୍ରାବତୀ ପ୍ରତିଛବି ମଳିନ କରୁଥିବା ବେଳେ ପାରିପାର୍ଶ୍ୱିକ ବିକାଶ ପାଇଁ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରି ସରକାରଙ୍କ ସଦୟ ଦୃଷ୍ଟି ଆକର୍ଷଣ ପାଇଁ ନିବେଦନ କରିଛନ୍ତି ଅଞ୍ଚଳବାସୀ।

# ନବରଙ୍ଗପୁର ଜଗନ୍ନାଥ ମନ୍ଦିରରେ ବଡ଼ ଏକାଦଶୀ ପୂଜା ନୀତି

ନବରଙ୍ଗପୁର,୩୦।୧(ସମିସ): ମାଘ ଶୁକ୍ଳ ଏକାଦଶୀ ପାଳନ ଅବସରରେ ଗୁରୁବାର ଶ୍ରୀ ଜୀଉଙ୍କ ଏକାଦଶୀ ନୀତି ଏବଂ ଶ୍ରୀ ସତ୍ୟନାରାୟଣ ପୂଜା ହୋମ ନୀତି ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ବଡି ଭୋରରୁ ଶ୍ରୀଜୀଉଙ୍କ ଦ୍ୱାର ଫିଟା ନୀତି ସମ୍ପନ୍ନ ହେବାପରେ ସୂର୍ଯ୍ୟପୂଜା ଆଦି ନୀତି ସମ୍ପୂର୍ଣ୍ଣ ହେବାପରେ ଆରମ୍ଭ ହୋଇଥିଲା ଶ୍ରୀଜୀଉଙ୍କ ସମସ୍ତ ପୂଜା ଓ ନିତିକାନ୍ତି। ଏହି ଅବସରରେ ଆଜି ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିର ଓ ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ତଥା ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ସତ୍ୟନାରାୟଣଙ୍କ ବ୍ରତ ଓ ପୂଜା ହୋମ ନୀତି କରାଯାଇଥିଲା। ଶ୍ରୀ ସତ୍ୟନାରାୟଣଙ୍କ ପୂଜା ଏବଂ ବ୍ରତ କଥା ଆଦି ନୀତି ସରିବା ପରେ ହୋମ ଯଜ୍ଞ ଆଦି ନୀତି ଆରମ୍ଭ ହୋଇଥିଲା । ଏହାପରେ ସନ୍ଧ୍ୟାରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଆରତି ସମ୍ପୂର୍ଣ୍ଣ ହେବା ପରେ ଶ୍ରୀ ସତ୍ୟନାରାୟଣଙ୍କ ପୂର୍ଣ୍ଣାହୁତି ଏବଂ ଏହାପରେ ଆରତୀ ଏବଂ ପୁଷ୍ପାଞ୍ଜଳି ନୀତି ସମ୍ପନ୍ନ ହୋଇଥିଲା। ଏହା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମନ୍ଦିର ପରିସରରେ ମନ୍ଦିର ବେଢ଼ା ନୀତି ଅନୁଷ୍ଠିତ ହୋଇଥିଲା। ଆଜିର ଏହି ବଡ ଏକାଦଶୀ ନୀତି ମନ୍ଦିରରେ ଶତାଧିକ ଜଗନ୍ନାଥ ପ୍ରେମୀ ମହିଳା ଏବଂ ପୁରୁଷ ଭକ୍ତଙ୍କ ଗହଳି ଜମିଥିଲା। ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ସଦସ୍ୟଙ୍କ ସହଯୋଗରେ ଆୟୋଜିତ ଶ୍ରୀଜୀଉଙ୍କ ବଡ ଏକାଦଶୀ ଏବଂ ସତ୍ୟନାରାୟଣ ପୂଜାର ଏହି ସମସ୍ତ ପୂଜା ନୀତି କାନ୍ତିରେ ରାଜ ପୁରୋହିତ ତଥା ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀ , ଶ୍ରୀଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ଉପଦେଷ୍ଟା ଝାଡେଶ୍ୱର ଖ ।ଡଙ୍ଗାଙ୍କ ସମେତ ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଦେବୀ ନାୟକ , ଶୁଭମ୍ ନାୟକ , ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର କୁମାର ଶତପଥୀ , ସୁଧୀର କୁମାର ଶତପଥୀ , ସୁମିତ କୁମାର ପାଳ , ପପୁ ତ୍ରିପାଠୀ, ସରୋଜ କୁମାର ପାତ୍ର,ବବଲୁ ଦାସ,ଦିପୁ ତ୍ରିପାଠୀ , ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ , ଉପ ସଭାପତି ଦୁର୍ଗା ତ୍ରିପାଠୀ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଶତପଥୀ , ନିଯୋଗ ସମ୍ପାଦକ କୁନା ପାତ୍ର , ନିଯୋଗ ସଦସ୍ୟ ସି ଏଚ ଚିଟିବାବୁ ,ଦାମୋଦର ତ୍ରିପାଠୀ, ଜଗନ୍ନାଥ ଦାସ , ନରସିଂହ ନାୟକ , ମୀନ ନାୟକ , ଚୈତନ୍ୟ ନାୟକ ଙ୍କ ସମେତ ନିଯୋଗର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ଓ ଶତାଧିକ ମହିଳା ଓ ପୁରୁଷ ଜଗନ୍ନାଥ ଭକ୍ତ ଉପସ୍ଥିତ ଥିଲେ।

# ପାଣି ପାଇଁ ରାସ୍ତାରୋକ କଲେ ମହିଳା

ନାରାୟଣପାଟଣା,୩୦।୧(ସମିସ): ଆଗକୁ ଖରାଦିନ। ସରକାରଙ୍କ ମେଗା ପାନୀୟ ଜଳ ପ୍ରକଳ୍ପ କାମ ସରିନି। ଯାହା ଫଳରେ ପାଣି ପାଇବାରୁ ବଞ୍ଚିତ ହୋଇ ରାସ୍ତାରୋକ କରିଛନ୍ତି ନାରାୟଣପାଟଣା ସଦର ବଡ଼ଦାଣ୍ଡର ସାହି ବାସିନ୍ଦା। ମେନ୍ ରୋଡ଼ ତଥା ବଡ଼ଦାଣ୍ଡର ବସବାସ କରୁଥିବା ବାସିନ୍ଦା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରିଆସୁଛନ୍ତି।ଦିନେ ପାଣି ଆସିଲେ ଦି ଦିନ ଆସୁନି। ଫଳରେ ସମାଧାନ କରିବାରେ ପ୍ରଶାସନ ବିଫଳ ହୋଇଛନ୍ତି। ତେଣୁ ବାଧ୍ୟହୋଇ ମେନ୍ ରୋଡ଼ ତଥା ବଡ଼ଦାଣ୍ଡରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ ସାହି ବାସିନ୍ଦା। ଗରା ମାଠିଆ ହାଣ୍ଡି ଡେକିଚି ବାଲ୍ଟି ଧରି ତହସିଲ ଅଫିସ ଆଗରେ ଧାରଣା କରି ରାସ୍ତା ଅବରୋଧ



ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲେ

କରିଥିଲେ। ପଞ୍ଚାୟତ ତରଫରୁ ଯୋଗାଣ ହେଉଥିବା ପାଣି ଉପରମୁଣ୍ଡରେ ପହଞ୍ଚି ପାରୁନି। ପାଣି ପାଇଁ କୌଣସି ବିକଳ୍ପ ନଥିବାରୁ ବାଧ ହୋଇ ରାସ୍ତା ଅବରୋଧ କରିବାକୁ ପଡୁଥିବା ବିକ୍ଷୋଭକାରୀ ମହିଳା କହିଥିଲେ। ତଳ ମୁଣ୍ଡରେ କିଛି ହିତାଧିକାରୀ ଘରେ ମୋଟର ଲଗେଇ ସରକାରୀ ପାଣିକୁ ନିଜ ଘରକୁ ନେଇଯାଉଛନ୍ତି।ଯାହାଫଳରେ ଉପର ମୁଣ୍ଡରେ ପାଣି ରହିପାରୁନି।କିଛି ହିତାଧିକାରୀ ପଞ୍ଚାୟତରେ ପଞ୍ଜିକରଣ ନକରି ଚୋରାରେ ପାଣି ପାଇପ୍ ଘରକୁ ନେଇଛନ୍ତି। ସେମାନଙ୍କ ଠାରୁ ମାସିକ ଶୁଳ୍କ ଆଦାୟ ହୋଇପାରୁନି। ପଞ୍ଜିକୃତ ହିତାଧିକାରୀ ବି ମାସ ମାସ ଧରି ପଞ୍ଚାୟତକୁ ବକେୟା ଅର୍ଥ ପୈଠ କରୁନାହାନ୍ତି। ଫଳରେ ବହୁ ସମସ୍ୟା ଉପୁଜିଥିବା ପଞ୍ଚାୟତ ତରଫରୁ କୁହାଯାଇଛି। ଦୀର୍ଘ ଦୁଇ ଘଣ୍ଟା ଧରି ଅବରୋଧ ଚାଲିଥିବା ବେଳେ ବିଡିଓ ବିକ୍ରମ କୁମାର ଦୋରା, ଚେୟାରମେନ ଗୋଲାଦି ତ୍ରିନାଥ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ତୁଳ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିବା ମହିଳାଙ୍କ ଆଲୋଚନା କରିଥିଲେ। ମେଗା ପ୍ରକଳ୍ପ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ପାଣି ସମସ୍ୟା ଦୂର ହେବ। ବର୍ତ୍ତମାନ ଟ୍ୟାଙ୍କର ଜରିଆରେ ପାଣି ଯୋଗାଇବାକୁ ପିଇଓ ଏବଂ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ କହିଥିଲେ ବିଡିଓ। ହିତାଧିକାରୀ ପଞ୍ଜିକୃତ କରି ସଠିକ ସମୟରେ ମାସିକ ଶୁଳ୍କ ପୈଠ କରିନାହାନ୍ତି, ଚୋରାରେ ସଂଯୋଗ କରି ସରକାର ପାଣି ପାଇପ୍ ଯୋଗେ ନେଇଛନ୍ତି, ତାର ତାଲିକା ପ୍ରସ୍ତୁତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପିଇଓଙ୍କୁ କହିଥିଲେ ବିଡିଓ। ଯଥାଶୀଘ୍ର ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନରୁ ଉଠିଥିଲେ ମହିଳାମାନେ। ଖାଲି ମେନ୍‌ରୋଡ଼ ନୁହେଁ, ପଥରଦେଉଳ ସାହିରେ ବି ସେଇ ଅବସ୍ଥା। ମୋଟର ପମ୍ପ ଥାଇ ବି ସେଠାରେ ପାଣି ଆସୁନଥିବାରୁ ସାହି ବାସିନ୍ଦା ଅଭିଯୋଗ କରିଥିଲେ। ଆଗକୁ ଖରାଦିନ ଆସୁଥିବାରୁ ପାନୀୟ ଯୋଗାଣ ବିଭାଗ ଯଦି ସମାଧାନ ନକରେ, ଜଳକଷ୍ଟ ହେବା ଯଥେଷ୍ଟ ସମ୍ଭାବନା ବୋଲି କହିଛନ୍ତି ଗ୍ରାମବାସୀ।

## ବେରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମୁନିଗୁଡ଼ା,୩୦।୧(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ବେରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁନିଗୁଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମୁନିଗୁଡ଼ା ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ରାଓ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦ ପ୍ରତିନିଧି ରଜନୀ କାନ୍ତ ପୋଡାଲ, ଅମ୍ବାଡାଟା ସିଆରସିସି ସନ୍ତୋଷ କୁମାର ପାଠି, ଡାଙ୍ଗବାଡ଼ି ସିଆରସିସି ମୋନାଲିସା ପଣ୍ଡା,ଶରଧାପୁର ସିଆରସିସି ନାରାୟଣ ସାହୁ, ରଘୁବରି ସିଆରସିସି ସୁଶାନ୍ତ ପତ୍ରି, ଇଛାପୁର ସିଆରସିସି ଗାରିରାୟଲ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବେରୁଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ମିଶ୍ର ମଞ୍ଚ ପରିଚାଳନା , ଅତିଥି ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ରଥ ପ୍ରଚଳିତ ଶିକ୍ଷା ସହ ପ୍ରାଚୀନ ଭାରତୀୟ ସଂସ୍କୃତିର ମୂଲ୍ୟବୋଧକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଜାଣିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବରୁଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମାନପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ, ଗୀତ ପରିବେଷଣ କରିବା ସହ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ଡ୍ରାମା ମାଧ୍ୟମରେ ସଚେତନ ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସୂର୍ଯ୍ୟକାନ୍ତ ପଣ୍ଡା ଓ ରାଜେଶ କୁମାର ମାଝୀ ପ୍ରମୁଖଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟାନନ୍ଦ ନାୟକଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଡକାୟତି ଉଦ୍ୟମ ପଣ୍ଡ: ୬ ଗିରଫ

କୋରାପୁଟ,୩୦।୧(ସମିସ): ଏକ ବଡ଼ ଧରଣର ଅପରାଧ ଘଟାଇବା ପୂର୍ବରୁ ବୋରିଗୁମ୍ମା ପୁଲିସ ୬ ଜଣ ସନ୍ଦିଗ୍ଧ ଯୁବକଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିବାରେ ସଫଳ ହୋଇଛି। କିଛି ଯୁବକ ଡକାୟତି ପାଇଁ ଯୋଜନା କରୁଥିବାବେଳେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରିଥିବା ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ପୁରୁଣା ବୋରିଗୁମ୍ମାର ଲାଇବାନ ହରିଜନ((୪୨), ବାସୁ ହରିଜନ(୧୯), ହାଟପଦାର ଗଗନ ପ୍ରଧାନ(୨୨), ସାନ୍ତୁନୁ ମହାନ୍ତି(୨୦), କେଲାଗୁଡାର ପୂର୍ଣ୍ଣ ହରିଜନ(୨୭) ଓ ହରିହର ହରିଜନ(୩୫)।୨୮ ତାରିଖ ରାତିରେ ଏଏସଆଇ ଗୋପାଳ ହରିଜନଙ୍କ ନେତୃତ୍ୱରେ ଏଏସଆଇ ବସନ୍ତ ନାଗ ଓ



ଅନ୍ୟ ପୁଲିସ କର୍ମଚାରୀ ପାଟ୍ରୋଲିଂ କରିବା ସମୟରେ କୌଣସି ସୂତ୍ରରୁ ୮ରୁ ୯ ଜଣ ଯୁବକ ବଡ଼ ଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିବା ଖବର ପାଇଥିଲେ। ପୁଲିସ ଟିମ ପେଟ୍ରୋଲିଂ ଗାଡିକୁ ତୁରନ୍ତ କୋଷାଗୁଡା ଛକକୁ ନେଇଥିଲେ। ପୁଲିସ ଗାଡି ଦେଖି ଯୁବକ ମାନେ ଦୌଡିବା ଆରମ୍ଭ କରିଥିଲେ । କିନ୍ତୁ ପୁଲିସ କର୍ମଚାରୀ ପ୍ରଥମେ ତିନି ଜଣଙ୍କୁ କାବୁ କରିନେଇଥିଲେ। ପରେ ସେମାନଙ୍କ ସୂଚନା ଅନୁଯାୟୀ ଚଢଉ କରି ୨୯ ତାରିଖ ଭୋର ସମୟରେ ଅନ୍ୟ ତିନି ଜଣଙ୍କୁ ଗିରଫ କରିଥିଲେ। ଗିରଫ ଯୁବକ ମାନଙ୍କ ପାଖରୁ ଛୁରା, ଲୁହାଛଡ଼, ଲାଠି ଜବତ କରା ଯାଇଛି। ଗିରଫ ଯୁବକ ମାନଙ୍କ ବିରୁଦ୍ଧରେ ପୂର୍ବରୁ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଥିବା ଏସ୍ଡିପିଓ ସୂଚନା ଦେଇଛନ୍ତି।ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ରାମାନନ୍ଦ ସାହୁ ଯୋଗ ଦେବାର ଖୁବ କମ ଦିନ ମଧ୍ୟରେ ଏକ ବଡ଼ ଧରଣର ଡ଼କାୟତ ଯୋଜନାକୁ ପଣ୍ଡ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ କାର ଦୁର୍ଘଟଣାଗ୍ରସ୍ତ

କାଲିମେଲା,୩୦।୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅଧୀନ ଏମଭି-୨୩ ନିକଟ ୩୨୬ ନମ୍ବର ଜାତୀୟ ରାଜପଥ ନିକଟରେ ଗୁରୁବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜିଏ୦୮ଏବି୭୮୨୨ କାର ଦୁର୍ଘଟଣା ଗ୍ରସ୍ତ ହୋଇଛି। କାରକୁ କୌଣସି ଅଜଣା ଗାଡ଼ି ଦ୍ରୁତଗତିରେ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ରାତିରେ ଗାଡ଼ି ଚାଳକର ଆଖି ଲାଗିଯାଇଥିବା ଯୋଗୁ ଏହି ଦୁର୍ଘଟଣା ଘଟିଥିବାର ଅନୁମାନ କରାଯାଉଛି। କାର ଭିତରେ ବସିଥିବା ଲୋକେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ କାଲିମେଲା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ଡ. ଶ୍ୟାମା ପ୍ରସାଦ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଏମ୍‌ଭି୭୯,(ସମିସ) ୩୦।୧ : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି୭୯ ସ୍ଥିତ ଡ. ଶ୍ୟାମା ପ୍ରସାଦ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏମ୍‌ଭି୭୯ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ପେଟଚି ମୁଥୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, କଲେଜର ପ୍ରତିଷ୍ଠାତା ସଦସ୍ୟ ନିମାଇଁ ଚନ୍ଦ୍ର ପାଲ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପରିତୋଷ ସରକାର ଓ ପ୍ରଭାସିନି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଡା଼ ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବ ଅବସରରେ ଶିକ୍ଷାବର୍ଷ ୨୦୨୪୨୫ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସୁସ୍ମିତା ଢାଲିଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ସମ୍ମାନିତ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ଡ. ମିଶ୍ର ତାଙ୍କ ଭାଷଣରେ କଲେଜ ସ୍ଥାପନା ପରଠାରୁ ଆସିଥିବା ବିଭିନ୍ନ ସମସ୍ୟା, ପୂର୍ବ ସ୍ଥିତି ଓ ବର୍ତ୍ତମାନର ଶିକ୍ଷାଗତ ସଫଳତା ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ କଲେଜର କୃତି ଛାତ୍ରଛାତ୍ରୀ ଓ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଇଂରାଜୀ ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ପ୍ରହରାଜ, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଅନ୍ୟ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର

ଚିତ୍ରକୋଣ୍ଡା,୩୦।୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ପୂଜାରିଗୁଡ଼ା ଗ୍ରାମ ନିକଟସ୍ଥ ନାଳରୁ ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର ହୋଇଛି। ଏହି ଶିଶୁ କିଏ ଫୋପାଡ଼ିଛି ସେ ସମ୍ପର୍କରେ ଚିତ୍ରକୋଣ୍ଡା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ସଡ଼କ ସୁରକ୍ଷା ସଚେତନତା ରାଲି

ନାରାୟଣପାଟଣା,୩୦।୧(ସମିସ): କୋରାପୁଟ ପରିବହନ ବିଭାଗ ତରଫରୁ ନାରାୟଣପାଟଣା ବ୍ଲକ୍‌ରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଏକ ସଚେତନ ରାଲି ଆୟୋଜିତ ହୋଇଯାଇଛି। ଜିଲ୍ଲା ପରିବହନ ବିଭାଗ ଅଧିକାରୀ ଜଗନ୍ନାଥ ଦାରୁବ୍ରହ୍ମା ଶୀବରାମ ମାଝୀ, ଦେବେନ୍ଦ୍ର ମଲ୍ଲିକ , ସୁଙ୍କାନୀ ମାଝି ,ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରୀନାଥ,ବିଡିଓ ବିକ୍ରମ କୁମାର ଦୋରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଈଶ୍ୱର ମୁଦୁଲି, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଜାମି ସତ୍ୟନାରାୟଣ, ଉପସଭାପତି ଦିଲିପ ବିଡିକାଙ୍କ ଉପସ୍ଥିତିରେ ରଥ ଚକ ଠାରେ ସଡ଼କ ସୁରକ୍ଷା ସଚେତନତା ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ଯାତ୍ରା ସମୟରେ ହେଲମ୍ୟାଟ ପିନ୍ଧିବା , ଗାଡ଼ି ଚଲେଇବା ବେଳେ ସିଟ୍ ବେଲ୍ଟ ପିନ୍ଧିବା, ଯାତ୍ରା ବେଳେ ଗାଡିର ସ୍ପିଡ୍ ସୀମିତ ରଖିବା , ଟ୍ରାଫିକ ନିୟମ ପାଳନ କରିବା ,ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଗାଡ଼ି ଧୀରେ ଚଲାଇବା , ଗାଡିର କାଗଜପତ୍ର ସଠିକ୍ ରଖିବା ବିଷୟବସ୍ତୁ ଉପରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଶତାଧିକ ଛାତ୍ରଛାତ୍ରୀଙ୍କୁ ଧରି ମୋଟର ନିୟମାବଳୀର ନାରା ଦେଇ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଇ ସଚେତନ ରାଲି କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ସମେତ ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

● କୋଟପାଡ଼ ଏନଏସିର ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା

# ଜିଲ୍ଲା ଯୁବ ସଂଗଠନ ଭିଜିଲାନ୍ସ ଏସ୍‌ପିଙ୍କ ଦ୍ୱାରସ୍ଥ



ଜୟପୁର, ୩୦।୧,(ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ବିଜ୍ଞାପିତ ପରିଷଦ(ଏନଏସି) ପକ୍ଷରୁ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମତା ହୋଇଥିବା ନେଇ ଜିଲ୍ଲା ଯୁବ ସଂଗଠନ ପକ୍ଷରୁ ଏକ ଅଭିଯୋଗ ପତ୍ର ଜୟପୁର ସ୍ଥିତ ଭିଜିଲାନ୍ସ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇ ଏହାର ତଦନ୍ତ ଦାବି କରାଯାଇଛି। କୌଣସି ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟାରେ ନିୟମ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥାଏ। ଏହିପରି ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଗତ ୩ ତାରିଖରେ ବିଜ୍ଞପ୍ତି ଜାରି କରାଯାଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତିକୁ ଅଣଦେଖା କରାଯାଇ କୋଟପାଡ ଏନଏସି ପକ୍ଷରୁ ଗତ ୧୬ ତାରିଖରେ କୋଟପାଡ ସହରାଞ୍ଚଳରେ ୮ଟି ନିର୍ମାଣ କାର୍ଯ୍ୟ ପାଇଁ ପ୍ରାୟ ୨ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ପ୍ରତ୍ୟେକ କାର୍ଯ୍ୟ ସର୍ବାଧିକ ୫୦ ଲକ୍ଷ ଟଙ୍କା ରହିଥିଲା। ତେଣୁ ଏହି କାର୍ଯ୍ୟ ପାଇଁ ନିୟମ ଅନୁଯାୟୀ କେବଳ "ବି' ଶ୍ରେଣୀର ଠିକାଦାର ମାନେ ଟେଣ୍ଡରରେ ଭାଗ ନେଇ ପାରିବେ କିନ୍ତୁ କୋଟପାଡ ଏନଏସି ପକ୍ଷରୁ ଏଥିପାଇଁ " ବି' ସମେତ "ଏ' ଶ୍ରେଣୀର ଠିକାଦାରଙ୍କୁ ମଧ୍ୟ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବାକୁ ଟେଣ୍ଡର ବିଜ୍ଞପ୍ତିରେ ଆହ୍ୱାନ କରାଯାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ସରକାର ଟେଣ୍ଡର ନିୟମକୁ ଉଲଙ୍ଘନ କରାଯାଉଛି। କିଛି "ଏ' ଶ୍ରେଣୀର ଠିକାଦାରଙ୍କୁ ଏହି କାର୍ଯ୍ୟ ପ୍ରଦାନ କରିବା ନେଇ ଏନଏସି କର୍ତ୍ତୃପକ୍ଷ ମସୁଧା କରୁଥିବା ସହିତ ଏହିପରି ସରକାରୀ ନିୟମକୁ ଉଲଘ୍ନନ କରିଥିବା ନେଇ ଯୁବ ସଂଗଠନର ପକ୍ଷରୁ ଲିଖିତ ଅଭିଯୋଗପତ୍ରରେ ଦର୍ଶାଇବା ସହିତ ତଦନ୍ତ ପାଇଁ ଦାବି କରିଛନ୍ତି। ଭିଜିଲାନ୍ସ ଏସ.ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ.ପିଙ୍କୁ ପ୍ରଦାନ କରାଯାଇଛି। ଏହିପରି ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ, ଜିଲ୍ଲାପାଳଙ୍କୁ ଏହି ଦାବି ପତ୍ର ପ୍ରେରଣ କରାଯାଇଛି। ଏଥିରେ ସଂଗଠନର ଆବାହକ ରବିନ୍ଦ୍ର ମହାପାତ୍ର, ବିମଳ ପଟ୍ଟନାୟକ, ପି.ଗୋପାଳ ରାଓ, ନବୀନ ଜୈନ, କାହ୍ନୁ ହରିଜନ, ସନ୍ତୋଷ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। କୋଟପାଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଲେଶ ମହନ୍ତ କରିଛନ୍ତି ଯେ, ଭୁଲବଶତଃ ଟାଇପିଂ ଯୋଗୁଁ ବି ସହିତ ଏ ଶ୍ରେଣୀର ଠିକାଦାର ହୋଇଯାଇଛି। ଏଥିନେଇ ଭୁଲସଂଶୋଧନ କରାଯିବ ଆବଶ୍ୟକ ସ୍ଥଳେ ଟେଣ୍ଡରକୁ ବାତିଲ କରାଯାଇ ପୁନଃର୍ବାର ଟେଣ୍ଡର ଆହ୍ୱାନ କରାଯିବ ବୋଲି କହିଛନ୍ତି।

## କୈଳାଶ ଚନ୍ଦ୍ର ସାହୁଙ୍କୁ ଗଳାକାଟି ହତ୍ୟା



ବିଷମ କଟକ, ୩୦।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ଥାନା ବ୍ରାହ୍ମଣ ସାହି ନିବାସୀ କୈଳାସ ଚନ୍ଦ୍ର ସାହୁ (୫୮)ଙ୍କୁ କେହି ଦୁର୍ବୃତ୍ତ ଗଳା କାଟି ହତ୍ୟା କରିଛନ୍ତି । ଆଜି ସନ୍ଧ୍ୟା ସମୟରେ କୈଳାସଙ୍କୁ ତାଙ୍କ ଘରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆମ୍ବୁଲାନ୍ସ ସାହାର୍ଯ୍ୟରେ ବିଷମ କଟକ ଖ୍ରୀଷ୍ଟୀୟାନ୍ ହସ୍‌ପିଟାଲ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କୈଳାସ ସାହୁର ଗଳା ଓ ମୁଣ୍ଡରେ କ୍ଷତ ରହିଥିବା ଦେଖିବାକୁ ମିଳିଛି। କିଏ ଏବଂ କେଉଁ ପରିସ୍ଥିତିରେ ତାଙ୍କ ଗଳା କାଟି ହତ୍ୟା କରିଛି ତାହା ସ୍ପଷ୍ଟ ଜଣାପଡିନାହିଁ। ତେବେ ଘଟଣା ସଂକ୍ରାନ୍ତରେ ଖବର ପାଇ ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢି ବ୍ରାହ୍ମଣ ସାହି ସ୍ଥିତ ବାସ ଭବନ ଓ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥି ସହିତ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି। କୈଳାସ ଚନ୍ଦ୍ର ସାହୁଙ୍କ ହତ୍ୟା ଖବର ଚାରି ଆଡେ ଖେଳିଯିବା ପରେ ବିଷମ କଟକ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଶ୍ରୀ ଉଗ୍ରତାରା ନୋଡାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାୟଗଡ଼ା,୩୦।୧(ସମିସ): ରାୟଗଡ଼ା କୋମତାଲପେଟା ଗ୍ରାମର ଶ୍ରୀ ଉଗ୍ରତାରା ନୋଡାଲ ଉଚ୍ଚ ବିଦ୍ୟାଳୟରେ ୩ୟ ବାର୍ଷିକ ଉତ୍ସବ 'ଉଡାନ୍‌' ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାୟଗଡ଼ା ଜିଲ୍ଲାର ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝି, ମୁଖ୍ୟ ବକ୍ତା ଭାବେ କୋଲନରା ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ମଞ୍ଜୁଲତା ଜେନା , ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝି ,ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୀପକ କୁମାର ବେହେରା, ମୋ ସ୍କୁଲ୍ ଅଭିଯାନର ସଭାପତି କେ.ରବି, ସ୍କୁଲ୍ ପରିଚାଳନା ସଭାପତି କେ ଇନ୍ଦୁ ଏବଂ ଗ୍ରାମର ଅନ୍ୟ ସଭ୍ୟ କେଶବ ରାଓ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବର ମୁଖ୍ୟ ସଭାପତି ରୂପେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା କର କାର୍ଯ୍ୟ ନିର୍ବାହ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଦାସ ମଞ୍ଚ ପରିଚାଳନା ଦାୟିତ୍ୱରେ ଥିଲେ ଏହି ଉତ୍ସବରେ ବିଦ୍ୟାଳୟର ପୁରାତନ ଏବଂ ଅବସର ପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ୍ୟ ଯୋଗ ଦେଇଥିଲେ। କ୍ରୀଡ଼ା ଓ ସାଂସ୍କୃତିକ ବିଭାଗରେ ବିଭିନ୍ନ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ମୁଖ୍ୟ ଅତିଥି ଚନ୍ଦ୍ରକାନ୍ତ ମାଝି ଛାତ୍ରଛାତ୍ରୀଙ୍କୁ ସମୟର ସଦୁପଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝି ଦଶମ ଶ୍ରେଣୀ ବୋର୍ଡ୍ ପରୀକ୍ଷା ପାଇଁ ନିଜକୁ ଠିକ୍ ଭାବେ ପ୍ରସ୍ତୁତ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ମଞ୍ଜୁଲତା ଜେନା କୋଲନରା ବିଇଓ ବକ୍ତବ୍ୟ ରଖିଥିଲେ। ଶେଷରେ ଶ୍ରୀମତୀ ପ୍ରଭାତୀ କୁମାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବଶକ୍ତି ବଣିକ ସଂଘର ବୈଠକ




ସେମିଳିଗୁଡ଼ା,୩୦।୧ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମାଉସୀ ମା' କଲ୍ୟାଣ ମଣ୍ଡପଠାରେ ଶିବଶକ୍ତି ବଣିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଏମ୍ ରମେଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ଥିଲେ। ପୁରୁଣା ବସ୍‌ଷ୍ଟାଣ୍ଡରେ ସଂଘର ନିର୍ମିତ ନୂତନ ବଣିକ ସଂଘ କାର୍ଯ୍ୟାଳୟକୁ ବିଧାୟକ ମାଛ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ସଦସ୍ୟ ସୁମନ୍ତ ପ୍ରଧାନ, ଉପସଭାପତି ଇନ୍ଦ୍ରମଣି ନାୟକ, ସାଧାରଣ ସମ୍ପାଦକ ମନ୍ମଥ ସାହୁ, ସଂଗଠନ ସମ୍ପାଦକ ଶଙ୍କର ପାତ୍ର, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ଜେନାଙ୍କ ସହ କେନ୍ଦ୍ରୀୟ କମିଟି ସଦସ୍ୟ ଓ ବହୁ ସଂଖ୍ୟକ ବ୍ୟବସାୟୀ ଉପସ୍ଥିତ ଥିଲେ। ସହର ଉପକଣ୍ଠରେ ଥିବା ସମସ୍ତ ବ୍ୟବସାୟୀଙ୍କ ସହ ସାଧାରଣ ଜନତାଙ୍କ ପାଇଁ ଏକ ଆମ୍ବୁଲାନ୍ସ ଓ ସ୍ୱର୍ଗ ରଥ, ଏକ କମ୍ୟୁନିଟ୍ ଗୃହି ଯୋଗାଇ ଦେବାକୁ ବିଧାୟକଙ୍କ ନିକଟରେ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା। ସଂଘର ସମସ୍ତ ଦାବି ଯୁକ୍ତିଯୁକ୍ତ ହୋଇଥିବାରୁ ଏଥିପ୍ରତି ବିଶେଷ ଦୃଷ୍ଟି ଦେବେ ବୋଲି ବିଧାୟକ ପ୍ରତିଶ୍ରୁତ ଦେଇଥିଲେ।

## ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ



କୋଷାଗୁମୁଡା,୩୦।୧(ସମିସ): ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ୍‌ରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଟେମେରା, ରାଜୋଡା ଉଚ୍ଚ ବିଦ୍ୟାଳୟ ଏବଂ ବରଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଡ଼କ ସୁରକ୍ଷା ମାସ ଅବସରରେ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ରେଡ଼କ୍ରସ ଅଧିକାରୀ ପ୍ରକାଶିନୀ ଚୈଧୁରୀ, କୋଷାଗୁମୁଡା ବ୍ଲକ ସଂଯୋଜକ ଶ୍ରବଣ କୁମାର ଦେବତା, ଜେ.ଆର୍.ସି. କାଉନ୍‌ସେଲର ଲକ୍ଷ୍ମୀକାନ୍ତ ବାରିକ, ଚିତ୍ରସେନ ସାମନ୍ତରାୟ, ଜ୍ୟୋତି ମାଝୀ ଏବଂ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ। ଏଥିରେ ପ୍ରାଥମିକ ଚିକିତ୍ସାର ରିକଭରି ପୋଜିସନ୍, ସି.ପି.ଆର୍, ସାପ କାମୁଡା, କୁକୁର କାମୁଡ଼ା, ଅସ୍ଥି ଭଗ୍ନ, ଶ୍ୱାସରୁଦ୍ଧ ଅବସ୍ଥା, ଆମ୍ବୁଲାନ୍ସ ସହାୟତା, ଗୁଡ଼ ସମରିଟନ୍ ନିୟମ ବିଷୟରେ ପ୍ରକାଶିତ ଚୈଧୁରୀ ଡେମୋ ଦେଖାଇ ବୁଝାଇଥିଲେ।

ଖଜୁରୀ ବନ୍ଧ ପାର୍କ ଆବର୍ଜନା ପରିପୂର୍ଣ୍ଣ

# ସଫେଇ ପାଇଁ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଜୟପୁର, ୩୦।୧,(ସମିସ): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମନଗର ଏବଂ ପ୍ରସାଦରାଓ ପେଟା ମଧ୍ୟବର୍ତ୍ତୀ ଅଞ୍ଚଳରେ ରହିଥିବା ଖଜୁରୀ ବନ୍ଧ ପାର୍କରେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ରହିଛି। ବର୍ତ୍ତମାନ ଏହି ପାର୍କକୁ ଟେଣ୍ଡର ମାଧ୍ୟମରେ ଠିକାସଂସ୍ଥା ପରିଚାଳନା କରୁଥିବା ଯୋଗୁଁ ଏହାର ରକ୍ଷଣାବେକ୍ଷଣ ଅବହେଳା ଯୋଗୁଁ ପୂର୍ବାହ୍ନରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଏବଂ ମହିଳା ମାନେ ବ୍ୟାୟମ, ଯୋଗ ଏବଂ ଚାଲୁଥିବାରେ ସମସ୍ୟା ସୃଷ୍ଟି ହେଉଛି। ଏହିପରି ସଂଧ୍ୟାରେ ଛୋଟ ଛୁଆ ଏବଂ ଅନ୍ୟାନ୍ୟ ସାଧାରଣ ଲୋକଙ୍କୁ ପାଇଁ ଟିକଟ ମାଧ୍ୟମରେ ଏହା ପାର୍କକୁ ପ୍ରବେଶ କରାଯାଉଥିଲେ ସୁଦ୍ଧା ଏହାର ପରିମଳ ଏବଂ ସଫେଇକୁ ନେଇ ସଂପୃକ୍ତ ଠିକାସଂସ୍ଥା କୌଣସି ପଦକ୍ଷପ ଗ୍ରହଣ କରୁନଥିବା ଯୋଗୁଁ ଉକ୍ତ ଅଞ୍ଚଳର ବରିଷ୍ଠ ନାଗରିକ ଏବଂ ସକାଳ ଚାଲୁଥିବା ସାଧାରଣ ନାଗରିକ ମାନେ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଆଜି ପୂର୍ବାହ୍ନରେ ଏହି ଅଞ୍ଚଳର ବାସିନ୍ଦା ତଥା ବରିଷ୍ଠ ନାଗରିକ ମାନେ ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ ଏବଂ ଦାବି ପ୍ରଦାନ ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ



ଯାଇଥିଲେ। କିନ୍ତୁ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ନମ୍ରତା ଗଡତିଆଙ୍କୁ ସାକ୍ଷାତ କରିବା ସହିତ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପୂର୍ବରୁ ପୌରସଂସ୍ଥା ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଉଥିବା ବେଳେ ବର୍ତ୍ତମାନ ଏକ ଠିକାସଂସ୍ଥାକୁ ପ୍ରଦାନ କରାଯାଇଛି। ଏହିପରି ପୂର୍ବାହ୍ନ ୬ଟାରେ ଏହି ପାର୍କ ସ୍ଥାନୀୟ ନାଗରିକ ମାନେ ବ୍ୟାୟାମ, ପ୍ରାଣାୟମ, ଯୋଗ ଏବଂ ଚଲାବୁଲା କରିବା ପାଇଁ ଖୋଲା ଯାଉଛି। କିନ୍ତୁ ପାର୍କ ଭିତରେ ଅପରିଷ୍କାରରେ ପରିପୂର୍ଣ୍ଣ ହୋଇ ପଡି ରହିଥିବା ଯୋଗୁଁ ଏଠାରେ ବ୍ୟାୟମ ଏବଂ ଚଲାବୁଲା କରିବାରେ ସମସ୍ୟା ସୃଷ୍ଟି ହେଉଛି। ଏହିପରି ଖଜୁରୀ ବନ୍ଧର ସଫେଇ କରାଯାଉନଥିବା ଯୋଗୁଁ ଦଳ ଓ ଅଳିଆ ଆବର୍ଜନ ଜମୁଛି। ଏହି ପୋଖରୀରେ ସ୍ଥାନୀୟ ଅଞ୍ଚଳର ଗରୀବ ଶ୍ରେଣୀର ଲୋକମାନେ ସ୍ନାନ କରୁଥିବା ବେଳେ ହିନ୍ଦୁ ପରମ୍ପରା ଅନୁଯାୟୀ ମୃତ ବ୍ୟକ୍ତିଙ୍କ ଶୁଦ୍ଧିକ୍ରିୟା କରାଯାଉଛି। କିନ୍ତୁ ଅଳିଆ ଆବର୍ଜନା ଏହି ପୋଖରୀରେ ସ୍ନାନ କଲେ ଚର୍ମରୋଗ ସମେତ ଅନ୍ୟାନ୍ୟ ରୋଗ ହେବାର ଆଶଙ୍କା ଦେଖାଦେଉଛି। ଏହିପରି ପାର୍କ ଭିତରେ ଏକ ଗଛରେ ବାଦୁଡି ମାନେ ବସା କରିଥିବା ଯୋଗୁଁ ସେମାନେ ଅଳିଆ ଆବର୍ଜନା ସୃଷ୍ଟି କରୁଛନ୍ତି। କିନ୍ତୁ ପ୍ରତ୍ୟେକ ଦିନ ଏହି ପାର୍କ ଝାଡୁ ମାରିବା ଏବଂ ସଫେଇ କରାଯାଉନଥିବା ଯୋଗୁଁ ଦୀର୍ଘ ଦିନ ହେଲାଣି ଅଳିଆ ଆବର୍ଜନା ଜମା ରହୁଛି। ତେଣୁ ତୁରନ୍ତ ଏହାର ସଫେଇ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ଟି କାଳି ପ୍ରସାଦ, ରମେଶ ଜୈନ, ଜି. ମହେଶ, ଉମାକାନ୍ତ ମହାନ୍ତି, ବି.ଏନ ମିଶ୍ର, ସି.ଏଚ. ରୂପକ, ଦିବ୍ୟ ପ୍ରସାଦ ଦାଶ, ଗୌର ପ୍ରସାଦ ତ୍ରିପାଠୀ, କେ. ଭେଙ୍କଟ ରାଓ , ନରେନ୍ଦ୍ର ପାଣିଗ୍ରାହୀ, ଅଜିତ କୁମାର ସିଂ ପ୍ରମୁଖ ସ୍ୱାକ୍ଷରିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ସାଟେଲାଇଟ୍ ସର୍ଭେ ନାମରେ ଚାଷୀଙ୍କୁ ଶୋଷଣ

**ସୋନପୁର ଜିଲ୍ଲା ନୂଆ ଗଣିଆ ଗ୍ରାମର ୬୫ ଚାଷୀ ପାଇଲେନି ଟୋକନ୍**

**ସର୍ଭେରୁ ଏକାଧିକ ପ୍ଲଟ୍ ଗାଏବ; ମାନସିକ ଓ ଆର୍ଥିକ ଯନ୍ତ୍ରଣାରେ ଚାଷୀ**

**ସମାଧାନ ନ ହେଲେ ନବ ନିର୍ମାଣ କୃଷକ ସଂଗଠନର ଆନ୍ଦୋଳନ ଚେତାବନୀ**




**ଭୁବନେଶ୍ୱର, ୩୦ ।୧(ସମିସ):** ଚାଷ ଜମି ସର୍ଭେ ନାମରେ ଚାଷୀଙ୍କୁ ଆର୍ଥିକ ଓ ମାନସିକ ନିର୍ଯାତନା ଦିଆଯାଉଛି । ସାଟେଲାଇଟ୍ ସର୍ଭେ ନାଁରେ ମନଇଚ୍ଛା କାଟି ଦିଆଯାଇଛି । ଅନେକ ଚାଷୀଙ୍କୁ ଅଧା ଜମି ଅନୁଯାୟୀ ଟୋକନ୍ ଦିଆଯାଇଥିବାବେଳେ ଚାଷ ହୋଇଥିବା ଅନେକ ପ୍ଲଟ୍‌କୁ ବାଦ୍ ଦିଆଯାଇଛି । ଏପରିକି ସୋନପୁର ଜିଲ୍ଲାର ହରିହର ଠେଙ୍ଗୌ ଡ୍ୟାମ୍ ଦ୍ୱାରା ବିସ୍ଥାପିତଙ୍କ ଜମିକୁ ପତିତ ଦର୍ଶାଇ କୌଣସି ଚାଷୀଙ୍କୁ ଟୋକନ୍ ଦିଆଯାଇ ନାହିଁ । ଧାନ କିଣା ସମୟରେ ୫ରୁ ୯ କେଜି ପର୍ଯ୍ୟନ୍ତ ଧାନ କାଟି ଦିଆଯାଉଥିବାରୁ ଚାଷୀମାନେ ତ୍ରାହି ତ୍ରାହି ଡାକୁଛନ୍ତି ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ସୋନପୁର ଜିଲ୍ଲାର ଚାଷୀ ପଦ୍ମଲୋଚନ ପଳିଆ ଗତ ବର୍ଷ ପର୍ଯ୍ୟନ୍ତ ଧାନ ବିକ୍ରି କରିବାକୁ ୩୨.୫୦ କ୍ୱିଣ୍ଟାଲର ଟୋକନ୍ ପାଉଥିଲେ । ହେଲେ ଚଳିତ ବର୍ଷ ଏହା ଶୂନ ହୋଇଛି ଅର୍ଥାତ୍ ସରକାର ତାଙ୍କଠାରୁ କୌଣସି ଧାନ କିଣିବେ ନାହିଁ । ଅଭିଯୋଗ କରିବାରୁ ପତିତ ଜମି ହୋଇଥିବାରୁ ଟୋକନ୍ ପ୍ରଦାନ କରରାଯାଇ ନ ଥିବା ଡିଆରସିଏସ୍ କହିଛନ୍ତି । ମାତ୍ର ଚାଷୀଙ୍କ କହିବା କଥା, ୧୯୯୩ରେ ହରିହର ଠେଙ୍ଗୌ ଡ୍ୟାମ୍ ଦ୍ୱାରା ବିସ୍ଥାପିତ ହେବା ପରେ ନୂଆ ଗଣିଆ ଗ୍ରାମରେ ୧.୨୫ ଏକର ଜମି ଦେଇ ବିସ୍ଥାପିତ କରାଯାଇଛି । ତଦନୁଯାୟୀ ପ୍ରାୟ ୫ ବର୍ଷ ହେଲା ସେ ଟୋକନ ପାଇବା ସହିତ ମଣ୍ଡିରେ ଧାନ ବିକ୍ରି କରୁଥିଲେ । ସେଟେଲାଇଟ୍ ସର୍ଭେ ନାମରେ ଚଳିତ ବର୍ଷ ତାଙ୍କୁ ଟୋକନ୍ ମିଳି ନ ଥିବାରୁ ସେ ମାନସିକ ଭାବେ ଚିନ୍ତାଗ୍ରସ୍ତ ଓ ଚାପଗ୍ରସ୍ତ ଅଛନ୍ତି । କେବଳ ପଦ୍ମଲୋଚନ ନୁହଁନ୍ତି; ସେହି ଗ୍ରାମର ସମସ୍ତ ଚାଷ ଜମିକୁ ପତିତ ଦର୍ଶାଇ ୬୫ ଜଣ ଚାଷୀଙ୍କୁ ଟୋକନ୍ ପ୍ରଦାନ କରାଯାଇନି । ଯଦି ପତିତ ଜମି ଦର୍ଶାଇ କାଟି ଦିଆଯାଇଛି, ତା'ହେଲେ ସାଟେଲାଇଟ୍ ସର୍ଭେ କେଉଁ କାମକୁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଅନୁରୂପ ଭାବେ ଯାଜପୁର ଜିଲ୍ଲାର ବରୀ ବ୍ଲକ ମେଦୁଆ କୂଳ ଗାଁର ଦୁଇ ଚାଷୀ ବଲ୍ଲଭ ଜେନାଙ୍କ ମୋଟ୍ ୧୨ଟି ପ୍ଲଟ୍‌ରେ ଧାନ କରିଥିବାବେଳେ ତନ୍ମଧ୍ୟରୁ ୪ ପ୍ଲଟ୍ ପାଇଁ ୧୦.୯୨ କ୍ୱିଣ୍ଟାଲ ଟୋକନ ପାଇଛନ୍ତି । ଏପରିକି ପ୍ଲଟ୍ ନମ୍ବର ୧୫୬୧ ତାଙ୍କର ହୋଇ ନ ଥିଲେ ମଧ୍ୟ ସର୍ଭେର ତାଙ୍କର ବୋଲି ଦର୍ଶାଯାଇଛି । ଅନୁରୂପ ଭାବେ ସେହି ଗାଁର ମାଧବାନନ୍ଦ ଶାନ୍ତିଙ୍କ ୫.୧୪ କ୍ୱିଣ୍ଟାଲ ଟୋକନ୍ ଆସିଥିବାବେଳେ ଧାନ ଚାଷ ହୋଇଥିବା ଆଉ ୬ଟି ପ୍ଲଟ୍‌କୁ ସାଟେଲାଇଟ୍ ସର୍ଭେ ଆଳରେ ବାଦ୍ ଦିଆଯାଇଛି । ରାଜ୍ୟର ସମସ୍ତ ପ୍ରାନ୍ତରେ ସାଟେଲାଇଟ୍ ସର୍ଭେ ନାମରେ ଚାଷୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି ।

ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ନବ ନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର କହିଛନ୍ତି ଯେ ଧାନ ଚାଷ କରାଯାଇଛି ନା ନାହିଁ ସୁନିଶ୍ଚିତ କରିବାକୁ ଦ୍ୱିସ୍ତରୀୟ ଯାଞ୍ଚ ବ୍ୟବସ୍ଥା କରିବାର ପ୍ରାବଧାନ ରହିଛି । ସାଟେଲାଇଟ୍ ସର୍ଭେ ସହିତ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ମିଳିତ ସର୍ଭେ କରାଯାଉଛି । ଯଦି ଜମିରେ ଧାନ ଚାଷ ହୋଇଥିଲେ ମଧ୍ୟ ସାଟେଲାଇଟ୍ ସର୍ଭେରେ ନାହିଁ କୁହାଯାଉଛି, ତା'ହେଲେ ରାଜସ୍ୱ ଓ କୃଷି ବିଭାଗର ରିପୋର୍ଟ କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଉଭୟଙ୍କ ତଥ୍ୟରେ ମେଳ ନ ଥିଲେ ଡିଆର୍‌ସିଏସ୍ କେଉଁ ରିପୋର୍ଟକୁ ଗ୍ରହଣ କରୁଛନ୍ତି ବୋଲି ମଧ୍ୟ ସେ ପଚାରିଛନ୍ତି । ଏଫ୍‌ଏକ୍ୟୁ ନାମରେ ୫ରୁ ୯ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ କରାଯାଉଥିବାରୁ ରାଜ୍ୟର ଲକ୍ଷାଧିକ ଚାଷୀଙ୍କୁ ସରକାର ମରଣଯନ୍ତାକୁ ଠେଲି ଦେଉଛନ୍ତି । 'ଆମେ କିଛି କରିପାରିବୁ ନାହିଁ, ଏହା ଉପରୁ ହୋଇଛି' ବୋଲି ଏଧିକାରୀଙ୍କ ଧାଡ଼ିକିଆ ଉତ୍ତର ଦ୍ୱାରା ଚାଷୀ ଆତ୍ମହତ୍ୟାର ଏକ କରୁଣ ଚିତ୍ର ରାଜ୍ୟରେ ଦେଖାଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ତୁରନ୍ତ ଚାଷୀଙ୍କ ସମସ୍ୟାର ସମାଧାନ ନ କଲେ ପୁଣି ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଯୁବଛାତ୍ର ସଂଯୋଜକ ମନୱର ଅଲ୍ଲୀ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ।

# ଧାନକ୍ରୟ ଅବ୍ୟବସ୍ଥା ଜାରି

**ମୁଖ୍ୟ ସଚିବଙ୍କୁ ଦାବିପତ୍ର ଦେଲା କଂଗ୍ରେସ ସମବାୟ ପ୍ରକୋଷ୍ଠ**

**ଭୁବନେଶ୍ୱର, ୩୦।୧(ସମିସ):** ଚଳିତବର୍ଷ ରାଜ୍ୟ ସରକାର ୭୩ ଲକ୍ଷ ମେଟ୍ରିକ୍ ଟନ୍ ଖରିଫ୍ ଧାନ କ୍ରୟ କରିବେ ବୋଲି ଧାର୍ଯ୍ୟ କରିଛନ୍ତି । କିନ୍ତୁ, ଏହାଦ୍ୱାରା ଚାଷୀଙ୍କର ପ୍ରାୟ ୧୩୦ଲକ୍ଷ ମେଟ୍ରିକ୍ ଟନ୍ ଧାନ ବଳକା ରହିଯିବ ବୋଲି ଏକ ପରିସଂଖ୍ୟାନରୁ ଜଣାପଡୁଛି । ଏହା ସାଙ୍ଗକୁ ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଧାନକ୍ରୟ କ୍ଷେତ୍ରରେ ବହୁ ଅବ୍ୟବସ୍ଥା ସୃଷ୍ଟି ହୋଇଛି । ବିଳମ୍ବରେ ମଣ୍ଡି ଖୋଲିବା, ୩କେଜିରୁ ୧୦କେଜି ପର୍ଯ୍ୟନ୍ତ କଟନୀଛଟନୀ, ଚାଷୀଙ୍କୁ ଅଖା ଓ ପରିବହନ ଖର୍ଚ୍ଚ ନଦେବା, ପୂର୍ବାପେକ୍ଷା ଟୋକନ୍ ଦେଇ ଅଧା ଧାନ କ୍ରୟ କରିବା, ଠିକଣା ସମୟରେ ଟୋକନ୍ ଇସ୍ୟୁ ନହେବା, ଆବଶ୍ୟକ ସଂଖ୍ୟକ ମଣ୍ଡି ଖୋଲା ନଯିବା, ମିଲର୍ ମଣ୍ଡିରୁ ଧାନ ନ ଉଠାଇବା ଏବଂ ବ୍ୟବସ୍ଥିତ ଢଙ୍ଗରେ ମଣ୍ଡି ଚାଲୁ ନଥିବାର ବହୁ ଅଭିଯୋଗ ଆସୁଛି ବୋଲି ଆଜି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି । ଏହାକୁ ଆଧାର କରି କଂଗ୍ରେସ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଏକ ଦାବିପତ୍ର ଉପସ୍ଥାପନ କରାଯାଇ ଏହାର ସମାଧାନ ଦାବି କରାଯାଇଛି ।

କଂଗ୍ରେସ କହିଛି, ରାଜ୍ୟ ସରକାର ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତା ଯୋଗାଇଦେବା ବେଳେ ଚାଷୀ କାହିଁକି ଅଭାବୀ ବିକ୍ରିର ଶିକାର ହେଉଛି, ତାହାର ସମୀକ୍ଷା ଅତି ଜରୁରୀ । ଏମ୍‌ଏସ୍‌ପି କ୍ୱିଣ୍ଟାଲ ପ୍ରତି ୨୩୬୯ ଟଙ୍କା ହୋଇଥିବା ବେଳେ ଇନପୁଟ୍ ସହାୟତାକୁ ମିଶାଇଲେ ୩୧୬୯ ଟଙ୍କାରେ ଧାନ କିଣାଯିବା ପରିବର୍ତ୍ତେ ସରକାରଙ୍କ ବିଭିନ୍ନ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଚାଷୀ ବାଧ ହୋଇ କ୍ୱିଣ୍ଟାଲ ପ୍ରତି ୧୬ ଶହରୁ ୧୭ ଶହ ଟଙ୍କାରେ ଧାନ ବିକୁଛନ୍ତି । ସରକାର ଯଦି କୌଣସି ଚାଷୀଙ୍କଠାରୁ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ କିଣନ୍ତି, ୮୦୦ଟଙ୍କା ଇନପୁଟ୍ ସହାୟତା ଦେବେ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେବା ଚାଷୀଙ୍କୁ ବହୁ ବ୍ୟଥିତ କରିଛି ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି ସବୁ ବିଷୟଗୁଡ଼ିକୁ ସଠିକ୍ ରୂପେ ସମୀକ୍ଷା କରାଯାଇ ରାଜ୍ୟର ଚାଷୀଙ୍କଠାରୁ ସେମାନଙ୍କ ସବୁ ବଳକା ଧାନକୁ କ୍ୱିଣ୍ଟାଲ ପ୍ରତି ୩୧୬୯ ଟଙ୍କାରେ କ୍ରୟ କରିବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି । ଅନୁରୂପ ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ, ସମବାୟ ବିଭାଗ ପ୍ରମୁଖ ଶାସନସଚିବ ଏବଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଏ ସଂପର୍କରେ ପୃଥକ୍ ପୃଥକ୍ ଭାବେ ପତ୍ର ଦ୍ୱାରା ଅବଗତ କରାଯାଇଛି ।

**ରାଜ୍ୟସ୍ତରୀୟ ସହିଦ ଦିବସରେ ଜାତିର ଜନକଙ୍କୁ ଶ୍ରଦ୍ଧାଞ୍ଜଳି**

# ଗାନ୍ଧୀଜୀ ଥିଲେ ସତ୍ୟ ଓ ଅହିଂସାର ନିଷ୍ଠାପର ପୂଜାରୀ

**ଭୁବନେଶ୍ୱର, ୩୦ ।୧(ସମିସ):** ମହାତ୍ମା ଗାନ୍ଧୀଙ୍କ ନାମ କାନରେ ବାଜିଲେ, ମନ ଓ ହୃଦୟରେ ସତ୍ୟ ଓ ଅହିଂସା ଭାବ ସ୍ୱତଃ ଉଦ୍ରେକ ହୋଇଥାଏ । ଗାନ୍ଧୀଜୀ ଥିଲେ ସତ୍ୟ ଓ ଅହିଂସାର ନିଷ୍ଠାପର ପୂଜାରୀ ଓ ସାଧକ, ଖୁବ୍ ଉଚ୍ଚମନା, ଦେଶପ୍ରେମୀ, ସେବକ ଓ ତ୍ୟାଗୀ । ସତ୍ୟ ପ୍ରତି ଆଗ୍ରହ ଓ ଅସତ୍ୟ ପ୍ରତି ଉପେକ୍ଷା-ଅସହଯୋଗ ତାଙ୍କର ପ୍ରଚଣ୍ଡ ଆତ୍ମଶକ୍ତିର ଅଭିବ୍ୟକ୍ତି । ଗାନ୍ଧୀଜୀ ରାମନାମ ସ୍ମରଣ ଏବଂ ସତ୍ୟ ଓ ଅହିଂସାକୁ ଆନ୍ଦୋଳନର ପ୍ରଧାନ ଅସ୍ତ୍ର ରୂପେ ବ୍ୟବହାର କରି ଭାରତକୁ ସ୍ୱାଧୀନତା ଦେଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଅବସରରେ ବିଧାନସଭା ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସହିଦ ଦିବସ ମହାସମାରୋହରେ ବକ୍ତାମାନେ ଏପରି କହିଛନ୍ତି ।



କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ସମେତ ପୂର୍ବତନ ମନ୍ତ୍ରୀ, ବିଧାୟକ ପ୍ରମୁଖ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଓଡ଼ିଶା ପୁଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ କରାଯାଇଥିଲା । ଏହାସହ ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀଗଣ ଗାନ୍ଧୀଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ' ପରିବେଷଣ କରିଥିଲେ । ପୁଲିସବାହିନୀ ଦ୍ୱାରା ବୀର ସହିଦମାନଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ତୋପଧ୍ୱନି, ଦୁଇ ମିନିଟ୍ ନିରବ ପ୍ରାର୍ଥନା ସହ ଓଡ଼ିଶା ପୁଲିସ ବ୍ୟାଣ୍ଡ ଦ୍ୱାରା ରାମଧୂନ ପରିବେଷଣ ଓ ଜାତୀୟ ସଙ୍ଗୀତ ବାଦନ ହୋଇଥିଲା । ଉପ-ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ବ୍ରହ୍ମପୁର, ୩୦ ।୧ (ସମିସ):** ଜଣେ ୬ ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ ଅଭିଯୁକ୍ତ ଭଞ୍ଜନଗର ଥାନା ଅଞ୍ଚଳର ଜଗବନ୍ଧୁ ଗୌଡ଼(୬୧)କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି । ଜରିମାନା ଅନାଦାୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ସ୍ପଷ୍ଟ ଉଲ୍ଲେଖ ରହିଛି । ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ କୋର୍ଟ ଡିଏଲ୍‌ଏସ୍‌ଏକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ୨୦୨୫ ମାର୍ଚ୍ଚ ୨୦ ପୂର୍ବାହ୍ନରେ ଜଣେ ନାବାଳିକା ନିଜ ଘର ଦାଣ୍ଡରେ ଖେଳୁଥିବା ବେଳେ ଅଭିଯୁକ୍ତ ଜଗବନ୍ଧୁ ଗୌଡ଼ ତାକୁ ଉଠାଇନେଇ ଦୁଷ୍କର୍ମ କରିଥିଲା । ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ଏହି ମାମଲା ପରିଚାଳନା କରୁଥିଲେ ।

# ରଙ୍ଗେଇଲୁଣ୍ଡାରୁ ଉଡ଼ିଲା 'ପବନହଂସ'

**ବ୍ରହ୍ମପୁର, ୩୦ ।୧ (ସମିସ):** ରଙ୍ଗେଇଲୁଣ୍ଡାରୁ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଉଡ଼ିଲା ହେଲିକ୍ୟାପ୍ଟର୍ 'ପବନହଂସ' । ଶୁକ୍ରବାର ପରୀକ୍ଷାମୂଳକ ଭାବେ ପବନହଂସ ଉଡ଼ିଥିବା

**ଗଞ୍ଜାମ ସମେତ ଭୁବନେଶ୍ୱର-ପୁରୀ-କୋଣାର୍କ ଓ ସମ୍ବଲପୁରକୁ ବିମାନ ସେବା**

**ବ୍ରହ୍ମପୁର, କଟକ ଓ ବୁର୍ଲାରୁ ଭୁବନେଶ୍ୱର ଏମ୍ସକୁ ଏୟାର ଲିଫ୍ଟ କେବେ?**



ବେଳେ ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସହ ଦୁଇ ବିଜେପି ନେତା ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାଇଥିଲେ । ଏହି ଅବସରରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ଉପସ୍ଥିତ ରହି ଏହି କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ । ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ସହ ପର୍ଯ୍ୟଟକଙ୍କୁ ଆହୁରି ସୁବିଧା ଯୋଗାଇଦେବା ନିମନ୍ତେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ପ୍ରଥମଥର ପାଇଁ ରଙ୍ଗେଇଲୁଣ୍ଡା ଏୟାରପୋର୍ଟରୁ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ତଥା ତାରାତାରିଣୀ, ନାରାୟଣୀ, ଚିଲିକା ସହ ରାଜଧାନୀ ଭୁବନେଶ୍ୱର, ଶ୍ରୀକ୍ଷେତ୍ର ପୁରୀ ଓ କୋଣାର୍କ ସହିତ ସମ୍ବଲପୁରର ଭିନ୍ନ ଦର୍ଶନୀୟ ସ୍ଥାନକୁ ଆକାଶ ମାର୍ଗରେ ହେଲିକ୍ୟାପ୍ଟର୍ ଯୋଗେ ସଂଯୋଗ କରି ପରିଦର୍ଶନ କରିବାକୁ ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଛି । ଆଗାମୀ ଦିନରେ ପର୍ଯ୍ୟଟକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ କିଭଳି ଏହି ବ୍ୟବସ୍ଥା ଉପଲବ୍ଧ ହେବ, ସେନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପରିବହନ ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି ।

ଏଠି ପ୍ରଶ୍ନ ଉଠୁଛି ଲୋକଙ୍କୁ ଉତ୍ତମ ତଥା ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲ ସହ ଭୁବନେଶ୍ୱର ଏମ୍ସକୁ ଆକାଶ ମାର୍ଗରେ ସଂଯୋଗ କରିବାକୁ ସରକାରଙ୍କ ଯୋଜନା ରହିଥିଲା । ବ୍ରହ୍ମପୁର, କଟକ ଓ ବୁର୍ଲା ସହ ଭୁବନେଶ୍ୱର ଏମ୍ସକୁ ବିମାନ ଯୋଗେ ସଂଯୋଗ କରିବାକୁ ଯାଇ ସମସ୍ତ ୩ଟି ହସ୍ପିଟାଲ ନିକଟରେ ହେଲିପ୍ୟାଡ୍ ନିର୍ମାଣ କରାଯାଇ ଏୟାରଲିଫ୍ଟର ବ୍ୟବସ୍ଥା ଯୋଜନା କରାଯାଇଥିଲା । କିନ୍ତୁ ତାହା ନାଳିଫିତା ତଳେ ରହିଯାଇଛି ।

**ହାଇକୋର୍ଟରେ ବାଲୁଖଣ୍ଡ ଅଭୟାରଣ୍ୟ ମାମଲା**

# ପୁରୀ ଜିଲ୍ଲାପାଳଙ୍କୁ କାରଣ ଦର୍ଶାଅ ନୋଟିସ୍

**କଟକ, ୩୦ ।୧(ସମିସ):** ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ସଂପର୍କିତ ଏକ ଅଦାଲତ ଅବମାନନା ମାମଲାରେ ହାଇକୋର୍ଟ ପୁରୀ ଜିଲ୍ଲାପାଳଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ପାଳନ କରିବାରେ ବିଫଳ ହୋଇଥିବାରୁ କାହିଁକି ତାଙ୍କ ବିରୋଧରେ ଅବମାନନା ପ୍ରକ୍ରିୟା ଆରମ୍ଭ କରାଯିବ ନାହିଁ, ସେନେଇ ତିନି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆସନ୍ତା ଫେବ୍ରୁଆରି ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

ମାମଲାରୁ ପ୍ରକାଶ ଯେ ପୁରୀ ଜିଲ୍ଲାର ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ପାଇଁ ପ୍ରଶାସନ ପକ୍ଷରୁ ୧୯୮୭ ମସିହାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କିନ୍ତୁ ପ୍ରାୟ ୪୦ବର୍ଷ ବିତିଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ କରିପାରିନାହିଁ କି ଚୂଡ଼ାନ୍ତ ସୀମା ନିର୍ଦ୍ଧାରଣ ହୋଇନାହିଁ । ଏହି ଅଞ୍ଚଳ ଅନ୍ତର୍ଗତ ଲୋକମାନେ ସେମାନଙ୍କ ଜମି ଖର୍ଦ୍ଦି ବିକ୍ରି କରିବାରୁ ବଞ୍ଚିତ ହୋଇ ଆସୁଛନ୍ତି । ୨୦୧୭ରେ କେନ୍ଦ୍ର ସରକାର ଏହାକୁ ଇକୋ-ସେନସିଟିଭ ଜୋନ୍ ଘୋଷଣା କରିଦେବାରୁ ପ୍ରସ୍ତାବିତ ଅଭୟାରଣ୍ୟର ୫୦୦ ମିଟର ପାର୍ଶ୍ୱବର୍ତ୍ତୀ ଜମିରେ ଲୋକେମାନେ କୌଣସି ବ୍ୟବସାୟିକ ନିର୍ମାଣ କାର୍ଯ୍ୟ କରିପାରୁନାହାନ୍ତି । ୨୦୨୪, ଡିସେମ୍ବର ୩୧ ସୁଦ୍ଧା ଅଭୟାରଣ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିବା ଜମିରେ ଗ୍ରାମବାସୀଙ୍କ ଅଧିକାର ନିର୍ଦ୍ଧାରଣ କରିବାକୁ ପୁରୀ ଜିଲ୍ଲାପାଳଙ୍କୁ ୨୦୨୩ ସେପ୍ଟେମ୍ବର ୨୧ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ନିର୍ଦ୍ଦେଶ ପାଳନ ନ ହେବାରୁ ୨୦୨୫ରେ ଏହି ଅଦାଲତ ଅବମାନନା ମାମଲା ଦାୟର କରାଯାଇଥିଲା । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି ।

# ଏକାଠି ଜଳିଲା ବାପ-ପୁଅଙ୍କ ଜୁଇ

**ଓଡ଼ଗାଁ, ୩୦ ।୧(ସମିସ):** ଏକାଠି ଜଳିଲା ବାପ-ପୁଅଙ୍କ ଜୁଇ । ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ ମଶାବାରୀ ଗ୍ରାମରେ ଆଜି ଏପରି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି । ସାହିପଡ଼ିଶା, ବନ୍ଧୁବାନ୍ଧବଙ୍କ କାନ୍ଦବୋବାଳିରେ ପୂରା ଗାଁ ଫାଟି ପଡ଼ିଛି । ଗତକାଲି ଏକ ଦୁର୍ଘଟଣାରେ ବାପା-

**ଗତକାଲି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ**

**ଲୁହରେ ଭିଜିଲା ମଶାବାରୀ ଗାଁ**

ପୁଅ ପ୍ରାଣ ହରାଇଥିଲେ । ମୃତକଦ୍ୱୟ ହେଲେ, ମଶାବାରୀ ଗ୍ରାମ ରୋଡ୍‌ସାହିର ଲକ୍ଷ୍ମୀଧର ବିଶୋଇ (୪୫) ତାଙ୍କ ବାପା ବୃନ୍ଦାବନ ବିଶୋଇ (୭୦) । ଗତରାତି ପ୍ରାୟ ୮ଟା ବେଳେ ଦୁହେଁ ଏକ ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବା ପାଇଁ ଘରଠାରୁ ମାତ୍ର ୩ଶହ ମିଟର ଦୂର କୈବଲ୍ୟପୁର ଗାଁକୁ ଏକ ବାଇକ୍‌ରେ ଯାଉଥିଲେ । ବାହାଡ଼ାଝୋଲା ପୂର୍ତ୍ତ ବିଭାଗ ରାସ୍ତାର କୈବଲ୍ୟପୁର ଛକ ନିକଟରେ ଅନ୍ୟ ଏକ ବାଇକ୍ ସହ ସେମାନଙ୍କର ଧକ୍କା ହୋଇଥିଲା । ଗୁରୁତର ଲକ୍ଷ୍ମୀଧର ଓ ବୃନ୍ଦାବନଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ଉଭୟ ବାପ-ପୁଅଙ୍କୁ ମୃତ ଘୋଷଣା କରିଥିଲେ ।



ଶୁକ୍ରବାର ଦୁହିଁଙ୍କ ଶବ ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପରିବାରଲୋକ ଓ ସାହିପଡ଼ିଶାଙ୍କ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟିପଡ଼ିଥିଲା । ଶହଶହ ଗ୍ରାମବାସୀଙ୍କ ଗହଣରେ ଦୁହିଁଙ୍କ ଶବକୁ ଶୋଭାଯାତ୍ରାରେ ଗାଁ ମଶାଣିକୁ ନିଆଯାଇଥିଲା । ସେଠାରେ ଏକାସଙ୍ଗେ ବାପ-ପୁଅଙ୍କ ଜୁଇ ଜଳିଥିଲା । ଅପରପକ୍ଷେ, ଲକ୍ଷ୍ମୀଧର ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାରର ଭବିଷ୍ୟତ ଏକ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି ।

# ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୨ କୋଟି ଲୁଟ୍; ୩ ଗିରଫ

**ଭୁବନେଶ୍ୱର, ୩୦।୧(ସମିସ):** ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ଲୋକଙ୍କଠାରୁ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିନେବା ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ, ବିକ୍ରମ କେଶରୀ ସାହୁ, ଦିନେଶ ମହାରଣା ଓ ସର୍ବନାମ ସାବତ । କ୍ରାଇମ୍‌ବ୍ରାଞ୍ଚର ସୂଚନାନୁଯାୟୀ, କମ୍ ଦିନରେ ଅଧିକ ସୁଧ ପାଇବାର ପ୍ରଲୋଭନ ଦେଖାଇ ଅଭିଯୁକ୍ତମାନେ ଲୋକଙ୍କୁ ବିଟକ୍ସ ଏବଂ ଏହାର ସହଯୋଗୀ ସଂସ୍ଥା ଏଇଏକ୍ସଏନ୍ ଗ୍ଲୋବାଲ୍, କାର୍ କର୍ଣ୍ଣର ଭଳି ସଂସ୍ଥାରେ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ । ସେମାନଙ୍କ କଥାରେ ପଡ଼ି କିଛି ନିବେଶକାରୀ ପୁଞ୍ଜିବିନିଯୋଗ କରିଥିଲେ । ପ୍ରଥମେ ଲୋକଙ୍କ ମନରେ ଭରସା ଜନ୍ମାଇବା ପାଇଁ ସେମାନଙ୍କୁ ଦୁଇଗଣା ଟଙ୍କା ଫେରାଇଥିଲେ । ପରେ ସେମାନଙ୍କୁ ମୋହରା କରି ଅନ୍ୟମାନଙ୍କୁ ନିବେଶ ପାଇଁ ପ୍ରବର୍ତ୍ତାଇଥିଲେ । କିନ୍ତୁ ପାଖାପାଖି ୨ କୋଟି ଟଙ୍କା ଠକିନେବା ପରେ ସେମାନଙ୍କର ଆଉ ଦେଖାଦର୍ଶନ ମିଳିନଥିଲା । ଏ ସଂପର୍କରେ କଟକ ଚାନ୍ଦିନୀଚୌକ ଅଞ୍ଚଳର ଶଶଧର ମିତ୍ର ଇଓଡବ୍ଲୁରେ ଅଭିଯୋଗ କରିଥିଲେ । ଅଭିଯୁକ୍ତମାନେ ଶ୍ରୀ ମିତ୍ର ଓ ତାଙ୍କ ସହଯୋଗୀଙ୍କୁ ୧.୨୮ କୋଟି ଟଙ୍କାର ଚୂନ ମାରିଥିଲେ । ଏହାକୁ ଗୁରୁତ୍ୱର ସହ ନେଇ ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।





# ବଦଳିବ ସହରାଞ୍ଚଳ ପାର୍କ ରୂପରେଖ

**ଭୁବନେଶ୍ୱର, ୩୦ ।୧ (ସମିସ):** ରାଜ୍ୟର ସମସ୍ତ ପୌରାଞ୍ଚଳ (ୟୁଏଲବିଏସ୍)ରେ ଥିବା ପାର୍କଗୁଡ଼ିକର ବଦଳିବ ରୂପରେଖ । ସମସ୍ତ ପାର୍କର ସୌନ୍ଦର୍ଯ୍ୟୀକରଣ ଏବଂ ସାମଗ୍ରିକ ଉନ୍ନତି ହେବ । ପାର୍କଗୁଡ଼ିକ କେବଳ

**କାର୍ଯ୍ୟରେ ଖିଲାପ କଲେ ଅଧିକାରୀ/ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ**

ମନୋରଞ୍ଜନର ସ୍ଥାନ ନୁହେଁ, ଏହା ସହରର ସାମାଜିକ, ପରିବେଶ ଏବଂ ସାଂସ୍କୃତିକ ପରିଚୟ । ଏହା ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସହ ସିଧାସଳଖ ଜଡ଼ିତ । ପାର୍କରେ ସ୍ଥାପିତ ବିଶିଷ୍ଟ ବ୍ୟକ୍ତି ଓ ଐତିହାସିକ ଜନନାୟକଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଉପଯୁକ୍ତ ଯତ୍ନ ନିଆଯିବ । ଏଥିରେ



ଅବହେଳା ଜନସାଧାରଣଙ୍କ ଭାବନା ଏବଂ ସାଂସ୍କୃତିକ ଐତିହ୍ୟ ପ୍ରତି ଅସମ୍ମାନ ହୋଇଥିବାରୁ ଏହି କାର୍ଯ୍ୟରେ ଖିଲାପ କରୁଥିବା ଅଧିକାରୀ ଏବଂ ସଂସ୍ଥା ବିରୋଧରେ କଠୋର୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯେଉଁଠି ତ୍ରୁଟି ପରିଲକ୍ଷିତ ହେବ, ସେଠାରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ଦଣ୍ଡବିଧାନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ।

ଶୁକ୍ରବାର ବିଭାଗୀୟ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଡ. ମହାପାତ୍ର ରାଜ୍ୟର ସମସ୍ତ ପୌରାଞ୍ଚଳରେ ଥିବା ପାର୍କଗୁଡ଼ିକର ଉନ୍ନତୀକରଣ ପାଇଁ ଏକ ସମୟବଦ୍ଧ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ନିକଟ ଅତୀତର ଇନ୍ଦିରା ଗାନ୍ଧୀ (ଆଇଜି) ପାର୍କ ଗସ୍ତ ବିଷୟରେ ସେ ଉଲ୍ଲେଖ କରିଥିଲେ । ପାର୍କର ଦୁରବସ୍ଥା ଦେଖି ସେ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହ ଅନେକ ସହରାଞ୍ଚଳରେ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣରେ ଅବହେଳା ଓ ଭିତ୍ତିଭୂମିର ଅବକ୍ଷୟକୁ ନେଇ ଚିନ୍ତା ପ୍ରକାଶ କରିଥିଲେ । କେବଳ ଉପରଠାଉରିଆ ସଜବାଜ ନୁହେଁ, ବରଂ ସ୍ଥାୟୀ ଉନ୍ନତି ପାଇଁ ନିୟମିତ ଯାଞ୍ଚ ଓ ବଜେଟ୍ ବ୍ୟବସ୍ଥା କରିବାକୁ ସେ କହିଛନ୍ତି । ଓଡ଼ିଶାର ସହରଗୁଡ଼ିକୁ ସ୍ୱଚ୍ଛ, ସବୁଜ ଏବଂ ନାଗରିକ-ଅନୁକୂଳ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ଏହି ପରିପ୍ରେକ୍ଷୀରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶାବଳୀକୁ ମିଶନ-ମୋଡ୍‌ରେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି ।

**ଅଦାଲତ ଅବମାନନା ମାମଲା ପ୍ରତ୍ୟାହାର**

# ନିଃସର୍ତ୍ତ କ୍ଷମା ମାଗିଲେ ସଚିବଙ୍କ ସମେତ ୪ ଅଧିକାରୀ

**କଟକ, ୩୦ ।୧ (ସମିସ):** ଏକ ଅଦାଲତ ଅବମାନନା ମାମଲାରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ଯୋଗୁଁ ଆବେଦନାକରୀ କର୍ମଚାରୀଙ୍କୁ ୱାର୍କଚାର୍ଜଡ କର୍ମଚାରୀ ବର୍ଗରେ ନିୟମିତ କରିବା ପାଇଁ ଏକ ନୂତନ ପଦବୀ ସୃଷ୍ଟି କରାଯାଇଛି । ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ କରାଯିବା ସହ ଆଦେଶ ପାଳନରେ ବିଳମ୍ବ ପାଇଁ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସମେତ ୪ଜଣ ଅଧିକାରୀଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ ଉକ୍ତ ଅଦାଲତ ଅବମାନନା ମାମଲାକୁ ପ୍ରତ୍ୟାହାର କରିଛନ୍ତି ହାଇକୋର୍ଟ । ପିଲୋନା ମହାନ୍ତିଙ୍କ ତରଫରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କୃଷ୍ଣା ଶ୍ରୀପାଦ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ଆବେଦନକାରିଣୀଙ୍କୁ ଗତ ୨୦୧୪ ନଭେମ୍ବର ୧୩ରୁ ନୂତନ ବେତନ ହାରରେ ଦରମା ଦେବା ସହ ଚାକିରି

**ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ନୂତନ ପଦବୀ ସୃଷ୍ଟି**

ସମ୍ବନ୍ଧୀୟ ସମସ୍ତ ସୁବିଧା ଦେବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ଆଦେଶନାମା ଜାରି କରିଛନ୍ତି ବୋଲି ପ୍ରତିପକ୍ଷ ବିଭାଗୀୟ ସଚିବ ଉଷା ପାଢ଼ୀଙ୍କ ପକ୍ଷରୁ ସତ୍ୟପାଠରେ କୁହାଯାଇଥିଲା । ଆବେଦନକାରୀ ଗତ ୧୯୯୩ ମସିହା ଏପ୍ରିଲ ୨ ତାରିଖରେ ଡି.ଏଲ. ଆର୍ କର୍ମଚାରୀ ଭାବେ ଆଠଗଡ଼ ସ୍ପେଶାଲ୍ ପ୍ଲାନିଂ ଅଥରିଟି ଅଫିସରେ ଯୋଗ ଦେଇଥିଲେ । କାର୍ଯ୍ୟରତ ୧୧ଜଣ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ଏକ ତାଲିକା ୩.୮.୨୦୧୩ ରେ ଗୃହ ଓ ନଗର ଉନ୍ନୟନ ସଚିବଙ୍କ ନିକଟକୁ ପଠାଯାଇଥିଲା । ଏହି ତାଲିକାରେ ଆବେଦନକାରିଣୀଙ୍କ ନାମ ଦ୍ୱିତୀୟ ସ୍ଥାନରେ ଥିବା ସତ୍ତ୍ୱେ ତାଙ୍କ ଛଡ଼ା ଅନ୍ୟ ସମସ୍ତ କର୍ମଚାରୀଙ୍କୁ ନିୟମିତ କରାଯାଇଥିଲା । ଏପରିକି, ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଗୃହ ଓ ନଗର ଉନ୍ନୟନ ସଚିବ ଆବେଦନକାରିଣୀଙ୍କ ଆବେଦନପତ୍ରକୁ ରଦ୍ଦ କରିଦେଇଥିଲେ । ଏହି ପ୍ରସଙ୍ଗରେ ହାଇକୋର୍ଟଙ୍କ ଜଣିକିଆ ବିଚାରପତି ଓ ଦୁଇଜଣିଆ ଖଣ୍ଡପୀଠ ବି ଆବେଦନକାରୀଙ୍କ ସପକ୍ଷରେ ରାୟ ଦେଇଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ନ ହେବାରୁ ସେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ । ଏପରିକି, ନିର୍ଦ୍ଦେଶ କାର୍ଯ୍ୟକାରୀ ନହେଲେ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସମେତ ୪ଜଣ ଅଧିକାରୀଙ୍କୁ ହାଜର କରାଇବା ପାଇଁ ପୁଲିସ କମିସନରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।





# ବିନା ତାରରେ ବିଦ୍ୟୁତ୍ ଯୋଗାଣ

ବିଦ୍ୟୁତ୍‌କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ ପାଇଁ ତାର ଆବଶ୍ୟକ। ତେବେ ଫିନ୍‌ଲ୍ୟାଣ୍ଡର ବୈଜ୍ଞାନିକମାନେ ଏଭଳି ଚିନ୍ତାଧାରାକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛନ୍ତି। ହେଲସିଙ୍କି ବିଶ୍ୱବିଦ୍ୟାଳୟ ଏବଂ ଓଉଲୁ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମିଶି ପବନ ମାଧ୍ୟମରେ ବିଦ୍ୟୁତ୍ ପ୍ରବାହ କରାଇଛନ୍ତି। ତେବେ ଏଥିରେ ଭୌତିକ ବିଜ୍ଞାନର ତିନିଟି ଅଲଗା ଅଲଗା ଦିଗକୁ ଏକକାଳୀନ ଯୋଡ଼ା ଯାଇଛି। ବୈଜ୍ଞାନିକମାନେ ଏହି ଗବେଷଣାରେ ଉଚ୍ଚ ତୀବ୍ରତାର ଶବ୍ଦ ତରଙ୍ଗ, ଲେଜର ଏବଂ ରେଡିଓ ଫ୍ରିକ୍ୱେନ୍ସିକୁ ଏକକାଳୀନ ବ୍ୟବହାର କରିଛନ୍ତି। ଅଲଟ୍ରାସୋନିକ ସାଉଣ୍ଡ ୱେଭ୍ ଏବଂ ଲେଜରକୁ ଯୋଡ଼ି ସେମାନେ ପବନରେ ବିଜୁଳି ପାଇଁ ରାସ୍ତା ପ୍ରସ୍ତୁତ କରିଛନ୍ତି। ଏହି ଗବେଷଣା ଏକଥା ପ୍ରମାଣିତ କରିଛି ଯେ, ବିନା କେବୁଲ ତଥା ପ୍ଲଗ୍‌ରେ ଡିଭାଇସ୍‌କୁ ଚାର୍ଜ କରାଯାଇପାରିବ। ଏନେଇ ବୈଜ୍ଞାନିକମାନଙ୍କ କହିବା କଥା, ଯେତେବେଳେ ଉଚ୍ଚ ତୀବ୍ରତାର ଅଲଟ୍ରାସୋନିକ ତରଙ୍ଗ ଛଡ଼ାଯାଏ, ତାହା ପବନର ଘନତ୍ୱକୁ ବଦଳାଇଥାଏ। ଏହା ପବନରେ ଏମିତି ଏକ ଟ୍ୟୁବ୍ ସଦୃଶ ରାସ୍ତା ସୃଷ୍ଟି କରେ, ଯାହା ମାଧ୍ୟମରେ ବିଦ୍ୟୁତ୍ ସୁରକ୍ଷିତ ଭାବେ ପ୍ରବାହିତ ପାରେ। ସେହିଭଳି ଲେଜର୍ ସିଷ୍ଟମ ଦୂରରେ ଥିବା ରିସିଭର୍‌କୁ ଶକ୍ତି ଯୋଗାଇଥାଏ। ରେଡିଓ ଫ୍ରିକ୍ୱେନ୍ସି ହାର୍ଭେଷ୍ଟିଂ ଆଖପାଖରେ ଥିବା ତରଙ୍ଗକୁ ବିଜୁଳିରେ ରୂପାନ୍ତରିତ କରିଥାଏ। ସେହିପରି ବୈଜ୍ଞାନିକମାନେ କହିଛନ୍ତି, ଏହା ଠିକ୍ ସେହିପରି ଭାବେ କାମକରେ ଯେଭଳି ପାଇପ୍ ମାଧ୍ୟମରେ ଜଳ ଯୋଗାଣ କରାଯାଏ। କେବଳ ଫରକ ଏତିକି ଯେ, ଏଥିରେ ପାଇପ୍ ଅଦୃଶ୍ୟ ଶବ୍ଦ ତରଙ୍ଗରେ ତିଆରି ଏବଂ ପାଣି ବଦଳରେ ବିଜୁଳି ପ୍ରବାହିତ ହେଉଛି। ସେହିପରି ଏହି ସଫଳତା ଏକଥା ସଙ୍କେତ ଦେଉଛି ଯେ, ଭବିଷ୍ୟତରେ ଘରର ରୂପରେଖ ସମ୍ପୂର୍ଣ୍ଣ ବଦଳିପାରେ। ଘରେ ବିଦ୍ୟୁତ୍ ଉପକରଣ ଲଗାଇବା ଲାଗି କାନ୍ଥରେ ସକେଟ୍ ଖୋଜିବାକୁ ପଡ଼ିବ ନାହିଁ। ତାର ଛିଣ୍ଡିବା ତଥା ସର୍ଟ ସର୍କିଟ ହେବା ଆଶଙ୍କା ବି କମ୍ ହେବ। କେବଳ ସେତିକି ନୁହେଁ, ଘରର ଯେକୌଣସି ସ୍ଥାନରେ ଫୋନ୍ ଏବଂ ଲାପ୍‌ଟପ୍ ରଖିଲେ, ଆପେ ଆପେ ତାହା ପବନରେ ଚାର୍ଜ ହୋଇଯିବ। ଅବଶ୍ୟ ଏହି ଟେକ୍ନିକ୍ ଏବେ ଗବେଷଣାଗାରରେ ପରୀକ୍ଷାରତ। ବାସ୍ତିବକ ଉପଯୋଗରେ ଏହା କେତେ ଫଳପ୍ରଦ ହେବ, ତା'ର ଆକଳନ କରିବା ଏବେଠୁ ଅସମ୍ଭବ। ଏ ପ୍ରକାର ବିଜୁଳି ମାଧ୍ୟମରେ କୋଣଅନୁକୋଣରେ ଉପକରଣ ଚଲାଯାଇପାରିବ। ଏହାବାଦ୍ ମଣିଷ ଶରୀର ପାଇଁ ଏହା କ୍ଷତିକାରକ ହେବ କି ନାହିଁ, ସେକଥା ଏବେ ଜଣାପଡ଼ି ନାହିଁ। ଅନ୍ୟପଟେ ଭବିଷ୍ୟତରେ ବିନା ତାରରେ ଘରେ ବିଜୁଳି ପହଞ୍ଚାଇବା ସମ୍ଭବ ହୋଇପାରେ ବୋଲି ଏହି ସନ୍ଧାନ ଏକପ୍ରକାର ପ୍ରମାଣିତ କରିଛି।

# ଅକ୍ଷୟ, ଅଜୟଙ୍କ ଉପରେ ଭାରୀ ପଡ଼ିବେ କି ଜୁନିୟର୍ ଏନ୍‌ଟିଆର୍







ସାଧାରଣତଃ ପ୍ରଯୋଜକମାନେ ଫିଲ୍ମକୁ ଏପରି ସମୟରେ ରିଲିଜ୍ କରିବାକୁ ଚାହାନ୍ତି ଯେଉଁ ସମୟରେ ଅଲଗା କୌଣସି ବଡ଼ ଫିଲ୍ମ ମୁକ୍ତିଲାଭ କରୁ ନ ଥିବ। ଚଳିତବର୍ଷ କିନ୍ତୁ ଏପରି ହେବା ମୁସ୍କିଲ ଲାଗୁଛି। କାରଣ ଏହି ବର୍ଷ ଏକାସାଙ୍ଗେ ଅନେକଗୁଡ଼ିଏ ଫିଲ୍ମ ମୁକ୍ତିଲାଭ କରୁଛି। ଏବେ ଏଭଳି କିଛି ପରିସ୍ଥିତି ଅକ୍ଷୟ କୁମାର, ଅଜୟ ଦେବଗନ୍ ଓ ଜୁନିୟର ଏନ୍‌ଟିଆର୍‌ଙ୍କ ମଧ୍ୟରେ ଦେଖାଯାଇଛି। ଏହି ତିନି କଳାକାରଙ୍କ ଫିଲ୍ମ ଅଲଗା ଅଲଗା ଦିନରେ ରିଲିଜ୍ ହୋଇ ମଧ୍ୟ ପରସ୍ପରକୁ ଟକ୍କର ଦେବେ। ଇତିମଧ୍ୟରେ ଅକ୍ଷୟଙ୍କ ଫିଲ୍ମ 'ୱେଲକମ୍ ଟୁ ଦ ଜଙ୍ଗଲ'ର ରିଲିଜ୍ ଡେଟ୍ ସାମ୍ନାକୁ ଆସିଛି। ଏହା ଆସନ୍ତା ୨୬ ଜୁନ୍‌ରେ ପରଦାକୁ ଆସିବ। ଏହାର ମୁକାବିଲା ପ୍ରଶାନ୍ତନୀଲଙ୍କ ଫିଲ୍ମ ସହ ହୋଇପାରେ। ପ୍ରଶାନ୍ତନୀଲ ଏବେ ଜୁନିୟର୍ ଏନ୍‌ଟିଆର୍‌ଙ୍କ ସହ ପ୍ୟାନ୍ ଇଣ୍ଡିଆ ଫିଲ୍ମ 'ଡ୍ରାଗନ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ସେ ଏହାକୁ ମକର ସଂକ୍ରାନ୍ତିରେ ରିଲିଜ୍ କରିବାକୁ ଚାହୁଁଥିଲେ। ସୁଟିଂରେ ବିଳମ୍ବ ହେବାରୁ ସେ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦେଇଥିଲେ। ଏହା ଏବେ ଆସନ୍ତା ଜୁନ୍ ୨୫ରେ ଆସିବ। ଏବେ 'ୱେଲକମ୍ ୩' ଓ 'ଡ୍ରାଗନ୍'ର ରିଲିଜ୍ ମଧ୍ୟରେ ଗୋଟିଏ ଦିନ ଅନ୍ତର ରହିଯିବ। ସେହିଭଳି ଅଜୟଙ୍କ ଅଭିନୀତ 'ଧମାଲ୍' ମାର୍ଚ୍ଚ ୧୯ ରେ ମୁକ୍ତିଲାଭ କରିବାର ଥିଲା। ଏହିଦିନ 'ଟକ୍ସିକ୍' ଓ 'ଧୁରନ୍ଧର ୨' ମୁକ୍ତିଲାଭ କରୁଥିବାରୁ ଅଜୟ ଏଥିରୁ ବଞ୍ଚିବା ପାଇଁ ଫିଲ୍ମର ରିଲିଜ୍ ଘୁଞ୍ଚାଇ ଦେଇଥିଲେ। ପରେ ଏହା ଆସନ୍ତା ୧୨ ଜୁନ୍‌ରେ ମୁକ୍ତିଲାଭ କରିବ ବୋଲି ଘୋଷଣା କରାଯାଇଥିଲା। ଏବେ ପୁଣିଥରେ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଛି। ଏବେ ଏହା ଆସନ୍ତା ଜୁଲାଇ ୩ରେ ମୁକ୍ତିଲାଭ କରିବ। ଜୁନିୟର୍ ଏନ୍‌ଟିଆର୍ ଓ ଅକ୍ଷୟଙ୍କ ଫିଲ୍ମ ମୁକ୍ତିଲାଭ କରିବାର ସପ୍ତାହକ ପରେ ଅଜୟଙ୍କ ଫିଲ୍ମ ମୁକ୍ତିଲାଭ କରିବ। ଯଦି 'ଡ୍ରାଗନ୍' ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକରେ ଭଲ ବିଜିନେସ୍ କରୁଛି ତେବେ ଏଥିରୁ ଅକ୍ଷୟ ଓ ଅଜୟଙ୍କ ଫିଲ୍ମ ପ୍ରଭାବିତ ହେବା ସ୍ୱାଭାବିକ। ଅନ୍ୟପକ୍ଷରେ ଅକ୍ଷୟଙ୍କ ଅଭିନୀତ 'ଭୂତ୍‌ବଙ୍ଗଲା' ମେ ୧୫ରେ ରିଲିଜ୍ ହେବ। ଏହାର ମାସେ ପରେ 'ୱେଲକମ୍ ୩' ଆସିବ। ଏତେ କମ୍ ଦିନ ବ୍ୟବଧାନରେ ଜଣେ କଳାକାରଙ୍କ ଦୁଇଟି ଫିଲ୍ମ ରିଲିଜ୍ ହେବା ଓ ଦୁଇଟି ଯାକ କମେଡି ଫିଲ୍ମ ହେବା ଏହା ବକ୍ସ ଅଫିସ୍‌ରେ ପ୍ରଭାବ ପକାଇବ। ଏଣୁ ଅକ୍ଷୟ ଏବେ 'ୱେଲକମ୍ ୩'ର ରିଲିଜ୍ ପୁଣିଥରେ ଘୁଞ୍ଚାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିବ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବେ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ।

**ଧନୁ:** ଯାତ୍ରା ସମୟରେ ମୂଲ୍ୟବାନ ଜିନିଷ ହଜିବା ସମ୍ଭାବନା ଅଛି। ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜବୀନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। କୌଣସି ଦୁର୍ଘଟଣା ଘଟିବା ସମ୍ଭାବନା ଅଛି। ଅଚାନକ ଦୂର ସ୍ଥାନକୁ ଯାତ୍ରା କରିବେ। ଚିନ୍ତାରେ ରହିବେ।

**ମୀନ:** ଦିନଟି ଉତ୍ସାହଜନ ରହିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ପାରିବାରିକ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସହଯୋଗ ମିଳିବ।



# ସ୍କୁଲ, କଲେଜ ନ ଥିବା ଦେଶ

ପ୍ରତ୍ୟେକ ଦେଶରେ ସ୍କୁଲ୍, କଲେଜ ରହିଥାଏ। ହେଲେ ଭାଟିକାନ୍ ସିଟି ଏପରି ଏକ ଦେଶ, ଯେଉଁଠି ସ୍କୁଲ, କଲେଜ ନାହିଁ। ତେବେ ଏଠାରେ ସ୍କୁଲ, କଲେଜ ନ ଥିବାର ମୁଖ୍ୟ କାରଣ ହେଉଛି, ଏହାର ସ୍ୱଳ୍ପ ଜନସଂଖ୍ୟା। ଏହି ଦେଶରେ ସମୁଦାୟ ୮୦୦-୯୦୦ ଲୋକ ରୁହନ୍ତି। ଏଠାରେ ମୁଖ୍ୟତଃ କ୍ୟାଥୋଲିକ୍ ପାଦ୍ରୀ, ନନ୍ ଏବଂ ସ୍ୱିସ୍ ଗାର୍ଡର ସଦସ୍ୟମାନେ ରୁହନ୍ତି। ଭାଟିକାନ୍ ସିଟିରେ ଛୋଟ ପିଲାମାନେ ସ୍ଥାୟୀ ଭାବେ ରୁହନ୍ତି ନାହିଁ। ସେହିପରି ଏଠାରେ ଛାତ୍ରଛାତ୍ରୀ ନ ଥିବାରୁ ସ୍କୁଲ, କଲେଜ ନାହିଁ। ଅନ୍ୟ ଦେଶ ଭଳି ଏଠାରେ ଜନ୍ମ ଆଧାରରେ ନାଗରିକ ହେବାର ଅଧିକାର ମିଳେ ନାହିଁ। ହୋଲି ସି ପାଇଁ କାର୍ଯ୍ୟ କରୁଥିବା ଲୋକଙ୍କୁ ହିଁ ଏଠାରେ ନାଗରିକତା ମିଳିଥାଏ। ସେବା ସରିଗଲେ ଏମାନଙ୍କର ନାଗରିକତା ମଧ୍ୟ ଶେଷ ହୋଇଯାଏ। ସ୍କୁଲ ନ ଥିବାରୁ ସ୍ୱିସ୍‌ଗାର୍ଡ ସଦସ୍ୟଙ୍କ ପିଲାମାନେ ପାଠ ପଢ଼ିବା ପାଇଁ ରୋମ୍ ସହରକୁ ଯାଆନ୍ତି। ଯଦିଓ ଭାଟିକାନ୍ ସିଟିରେ କୌଣସି ପ୍ରାଥମିକ କିମ୍ବା ମାଧ୍ୟମିକ ବିଦ୍ୟାଳୟ ନାହିଁ, ଏହା ବିଶ୍ୱ ଉଚ୍ଚଶିକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଭାଟିକାନ୍ ପ୍ରାୟ ୬୫ଟି ପୋଣ୍ଟିଫିକାଲ୍ ବିଶ୍ୱବିଦ୍ୟାଳୟ ଏବଂ ପ୍ରତିଷ୍ଠାନ ପରିଚାଳନା କରେ, ଯାହା ମୁଖ୍ୟତଃ ରୋମରେ ଅବସ୍ଥିତ। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଧର୍ମଶାସ୍ତ୍ର, ଦର୍ଶନ ଶାସ୍ତ୍ର ବିଷୟରେ ଅଧ୍ୟୟନ କରାଯାଏ। ଭାଟିକାନ୍ ସିଟି ବିଶ୍ୱର ସବୁଠୁ ଛୋଟ ଦେଶ ଭାବେ ପରିଚିତ। ଏହା ମାତ୍ର ୦.୪୪ ବର୍ଗ କିଲୋମିଟର ପରିବ୍ୟାପ୍ତ। ଏହାର ଅଧିକାଂଶ ଜମି ଚର୍ଚ୍ଚ, ସଂଗ୍ରହାଳୟ, ଉଦ୍ୟାନ ଏବଂ ପ୍ରଶାସନିକ କୋଠା ଦ୍ୱାରା ଅଧିକୃତ। ଏହାର ଆକାର ଛୋଟ ସତ୍ତ୍ୱେ, ଏହା ଅନେକ ବିଶ୍ୱ ରେକର୍ଡ କରିଛି।

## ଆଜିର ଇତିହାସ

- ୧୯୧୫- ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀ ରୁଷ୍ ବିପକ୍ଷରେ ବିଷାକ୍ତ ଗ୍ୟାସ୍ ପ୍ରୟୋଗ କରିଥିଲା।
- ୧୯୨୩- ପରମବୀର ଚକ୍ର ପ୍ରାପ୍ତ ମେଜର୍ ସୋମନାଥ ଶର୍ମାଙ୍କ ଜନ୍ମ।
- ୧୯୫୮ - ଆମେରିକାର ପ୍ରଥମ ଭୂଉପଗ୍ରହର ପ୍ରକ୍ଷେପଣ।
- ୧୯୯୬- ଶ୍ରୀଲଙ୍କାରେ ହୋଇଥିବା ଏକ ଆତ୍ମଘାତୀ ଆକ୍ରମଣରେ ୯୧ ଜଣଙ୍କ ପ୍ରାଣହାନି, ୧୪୦୦ ଆହତ।
- ୨୦୦୪- ପ୍ରସିଦ୍ଧ ଗାୟିକା ସୁରୈୟାଙ୍କ ଦେହାନ୍ତ।

# ଆଇମା'ର କାହାଣୀ





ଅଶୋକ କୁମାର ପ୍ରଧାନ

ସଞ୍ଜ ହେଲେ ମନେ ପଡ଼େ
ଆଇମା'ର କାହାଣୀ
ମନେ ପଡ଼େ ତା'ର କଥା
ତା'ର ହସ ଚାହାଣି।
ମନେ ପଡ଼େ ତା'ର ଗୀତ
ଗପ ମଜା କଥାକୁ
କହୁଥିଲା ହସି ହସି
ଅତୀତର ପ୍ରଥାକୁ।
ତା' ଗପରେ ମିଳୁଥିଲା
ଶିଖିବାର କଥାଟି
କହେ କାମେ ଲଗାଇଲେ
ଉଚ୍ଚ ହେବ ମଥାଟି।
ତା'ର ଗପ ଶୁଣୁଶୁଣୁ
ନିଦ ଆସେ ସଅଳ
ସପନରେ ଦିଶେ ବିଲ
ଡୋଟା ମାଳ ଗହଳ।
ସପନଟା ନ ସରୁଣୁ
ରାତି ପାହି ଯାଏଟି
କୁଆ ଆସି କାକା
କରି ଗୀତ ଗାଏଟି।
ବୋଉ ଆସି ଡାକ ଛାଡ଼େ
ଉଠେ ଧନ ଉଠରେ
ଅଳସରେ ଶୋଇ ରହି
କରନାହିଁ ମଠରେ।
ସଅଳ ତୁ ଶେଯୁ ଉଠି
ପାଠ ପଢ଼ ଧନରେ
ଭଲ ପିଲା ହେବୁ ଧନ
ପାଠେ ଦେଲେ ମନରେ।
ଆଇମା'ର କାହାଣୀଟି
ମନେ ତୋର ନାହିଁକି
ପାଠ ପଢ଼ିବାକୁ ଧନ
ଡେରି କରୁ କାହିଁକି? ■

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ

# କାକର ଗଲାଣି ହଟି



ସୁହଂସ ଭୋଇ

ଧୀରେ ଧୀରେ କରି ଧରଣୀ ବକ୍ଷରୁ
କାକର ଗଲାଣି ହଟି
ସକାଳେ ପଡ଼ୁନି ଶିଶିର କଣିକା
ଶୁଖିଲା ଦିଶୁଛି ମାଟି
ପୂରୁବ ଦିଗରୁ ଉଇଁ ଆସୁଛନ୍ତି
ବେଳାବେଳି ଦିନମଣି
କଁଅଳ କିରଣ ଧରିଲାଣି ଟାଣ
ଭାଙ୍ଗିଲାଣି ଶୀତ ଠାଣି
ପବନର ଗତି ଅସ୍ଥିର ହେଲାଣି
ବୋହୁଛି ସେ ଥିରି ଥିରି
ସବୁଜ ସୁନ୍ଦର ଗଛର ପତର
ପାଚି ପଡ଼ିଯିବ ଝରି
ଦିବସ ମୁଖରୁ ପୋଖରୀ ଘାଟଟି
ଗହଳି ଧରୁଛି ଭାରି
ସୁନା ପିଲା ପରି ଗାଧୋଉଛି ପୁଅ
ଆଉ ଅଝଟ ନ କରି
ଧାନ ମୁଗ ବିରି ଅମଳ କରିକି
ଆଣି ରଖିଲାଣି ଚାଷୀ
ବିଲ ବାଡ଼ି ଜମି ପଡ଼ିଆ ପଡ଼ିବ
ଗୋଧନ ହୋଇବେ ଖୁସି
ଶୀତ କାକରକୁ ଆମ ମନେ ଆଉ
ନ ରହିବ ଭୟ ଭୀତି
ସଜ ବାଜ ହୋଇ ଆସିବ ବସନ୍ତ
ସୁଖେ ଯିବ ଦିନ ବିତି ।■

ପହଣ୍ଡି, ବିଜେପୁର, ବରଗଡ଼

# ପ୍ରହେଳିକା



- ମାଘ ଶେଷେ ଆସେ ପରବଟିଏ
ଭକ୍ତିଭାବ ସର୍ବ ପରାଣେ ଶୋହେ
ସଞ୍ଜ ନଇଁଗଲେ ଗାଆଁ ମୁଣ୍ଡରେ
ଅଗ୍ନିଙ୍କର ପୂଜା ହୁଏ ଶ୍ରଦ୍ଧାରେ
ଛଣ କୁଟା ସର୍ବେ ଆଣନ୍ତି ବୋହି
ଗଦେଇ ଦିଅନ୍ତି ଏକତ୍ର ହୋଇ
ପୂଜା ଅନ୍ତେ ସେଠି ଅଗ୍ନି ଜଳଇ
ଘଣ୍ଟ ହୁଳହୁଳି ଧ୍ୱନି ଶୁଭଇ
ପୋଡ଼ି ଆଳୁ ବାଇଗଣ
ଅତି ଶରଧାରେ ସଭିଏଁ ଖାଆନ୍ତି
କୁହ'ସେ ପରବ ନାମ।

ଉତ୍ତର-ଅଗିରା ପୁନେଇଁ

- ଢେଙ୍କାନାଳ ଠାରୁ ଅନତି ଦୂରେ
ମେଳାଟିଏ ହୁଏ ମାଘ ଶୁକଳେ
ତ୍ରୟୋଦଶୀ ଠାରୁ ପୁନେଇଁ ଯାଏ
ମେଳାର ଝଲକ ମନକୁ ମୋହେ
ମିଳିଥାଏ କୋଟି ପୂଣ୍ୟ
ସାଧୁ ସନ୍ୟାସୀଙ୍କ ହୁଏ ସମାଗମ
କୁହ ସେ ମେଳାର ନାମ।

ଉତ୍ତର-ମହିମା ମେଳା



- ଶୀତ ଗଲା ପରେ ସିଏ ଆସଇ
ଆମ୍ବ ବଉଳର ବାସ ଛୁଟଇ
କୁହୁ ଗୀତ ଗାଏ କୋଇଲି ନାନୀ
ନାନା ଜାତି ପୁଷ୍ପେ ହସେ ଧରଣୀ
ଋତୁ ମଧ୍ୟେ ଶ୍ରେଷ୍ଠ ସିଏ
ଦକ୍ଷିଣ ଦିଗରୁ ମଳୟ ବହଇ
କୁହ ତା'ର ନାମ କିଏ।

ଉତ୍ତର-ବସନ୍ତ ଋତୁ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

# ସୁମନ

## ନୀଳତିମି ଓ ଗେଣ୍ଡା







ନଗେନ୍ଦ୍ର ନାଥ ପଟ୍ଟନାୟକ

ଗେଣ୍ଡାଟିଏ ସମୁଦ୍ରତଟରେ ଥିବା ଉଚ୍ଚା ପଥର ଉପରେ ରହୁଥାଏ। ତା' ଆଖପାଖରେ ବହୁତଗୁଡ଼ିଏ ଗେଣ୍ଡା ବସା ବନେଇ ରହୁଥାନ୍ତି। ତା' ମନ କିନ୍ତୁ ଆଉ କେଉଁଠି ଲାଖିଥାଏ। ସାରାଦୁନିଆ ଘୂରି ବୁଲିବାକୁ ମନ ତା'ର ହାଇଁପାଇଁ ହେଉଥାଏ। ନୂଆ ନୂଆ ସ୍ଥାନମାନ ଦେଖିବାପାଇଁ ତା'ମନରେ ପ୍ରବଳ ଇଚ୍ଛା। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହିରହି ଜୀବନଟି ବହୁତ ଛୋଟ ହୋଇଗଲାଣି ବୋଲି ତା'ର ମନେହେଲା। ସେ ଦିନେ ପଥର ଉପରେ ଲେଖିଲା- "ମୁଁ ସାରା ଦୁନିଆ ବୁଲିବାକୁ ଚାହୁଁଛି।" କିଛି ସମୟ ପରେ ଗୋଟିଏ ଦୟାଳୁ ନୀଳତିମି ସେଇ ବାଟଦେଇ ଯିବାବେଳେ ଗେଣ୍ଡାଟି ଲେଖିଥିବା ଇଚ୍ଛାକୁ ପଢ଼ିଲା, ଆଉ ତାକୁ ନିଜ ଲାଞ୍ଜି ଉପରେ ବସାଇ ଦୁନିଆ ଦେଖାଇବ ବୋଲି କଥା ଦେଲା। ଏହାପରେ ଦୁହେଁ ସାଥିହୋଇ ଲମ୍ବା ଯାତ୍ରାରେ ବାହାରି ପଡ଼ିଲେ। ସେମାନେ ଚକ୍‌ଚକ୍ ଝଲସୁଥିବା ସମୁଦ୍ର, ଥଣ୍ଡା ବରଫାବୃତ୍ତ ଭୂମି, ସୁଉଚ୍ଚ ପାହାଡ଼ ଓ ବାଲୁକାମୟ ସମୁଦ୍ର ତଟ ଦେଖିଲେ। ନୂଆ ସ୍ଥାନ ସବୁ ଦେଖିବାବେଳେ ଗେଣ୍ଡାଟିର ଖୁସି କହିଲେ ନ ସରେ। ନୀଳତିମି ଓ ଗେଣ୍ଡା ଭିତରେ ମିତ୍ରତା ଘନିଷ୍ଠ ହୋଇଗଲା। ଦିନକର କଥା, ଟାଣ ଖରା ହେତୁ ନୀଳତିମି ଭୁଲରେ ସମଦ୍ରରୁ ବାହାରି ଆସି ବାଲୁକାଶଯ୍ୟାରେ ଫସିଗଲା। ସେ ହଲଚଲ ହୋଇପାରିଲନି। ବିଚରା ଖୁବ୍ କଲବଲ ହେଉଥାଏ। ଆଖପାଖରେ କେହି ସାହାଯ୍ୟ ପାଇଁ ନ ଥାନ୍ତି। ତିମିର ଏ ଅବସ୍ଥା ଦେଖି ଗେଣ୍ଡାଟି ଖୁବ୍ ଡରିଗଲା। ହେଲେ ସାହସ ହରାଇଲା ନାହିଁ। ସେ ବୁଝିବିଚାରି ପାଖ ରାସ୍ତା ପର୍ଯ୍ୟନ୍ତ ଯାଇ ଗୋଟିଏ ବିରାଟ ଆକାରର ଲକ୍ଷ୍ମଣରେଖା କାଟିଦେଲା ଯଦ୍ଦ୍ୱାରା ଲୋକେ ସେଇଠି ଅଟକିଯିବେ। ଦିନେ ଲୋକେ ଏକତ୍ରିତ ହୋଇ ନୀଳତିମିକୁ ସମୁଦ୍ର ଭିତରେ ପହଞ୍ଚାଇଦେଲେ। ନୀଳ ତିମିର ଜୀବନ ବଞ୍ଚିଗଲା। ଶେଷକୁ ଗେଣ୍ଡାକୁ ବୋଧହେଲା ସେ ବକଟେ ହେଲେ ମଧ୍ୟ ଦୁର୍ବଳ ନୁହେଁ। ଚେଷ୍ଟା ଜାରି ରଖିବା ଏକାନ୍ତ ଜରୁରି।

ଶିକ୍ଷା:-କାହାର ଶାରୀରିକ ଆକୃତି କୌଣସି ମାନେ ରଖେନା; ବରଂ କାମକୁ କରିବାର ପ୍ରୟାସ ହିଁ ଗୁରୁତ୍ୱ ବହନ କରେ।■

ଓସ୍କାର ସିଟି, ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର







ଆର୍ଯ୍ୟନ୍ ଦାସ
ଅଷ୍ଟମ ଶ୍ରେଣୀ
ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ
ଜଟଣୀ, ଖୋର୍ଦ୍ଧା





ଏସ. ସାଇ ସଙ୍କେତ
ଦ୍ୱିତୀୟ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା





ଜ୍ୟୋତି ଜିଜ୍ଞାସା ବାରିକ
ନବମ ଶ୍ରେଣୀ
ଆପେକ୍ସ ଇଂଲିଶ୍ ମିଡିୟମ୍ ସ୍କୁଲ
ଯାଜପୁର





ଶ୍ରେୟାଂଶୀ ଦାଶ
ଦ୍ୱିତୀୟ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ସିଡିଏ-୬, କଟକ



# କ୍ରୀଡ଼ା



ସକାଳ THE SAKALA
www.sakalaepaper.com

### ତିରୁଅନନ୍ତପୁରମରେ ଭାରତ-ନ୍ୟୁଜିଲାଣ୍ଡ ପଞ୍ଚମ ମୁକାବିଲା ଆଜି

# ଟି-୨୦ ବିଶ୍ୱକପ୍ ପୂର୍ବରୁ ଶେଷ ପ୍ରସ୍ତୁତି



**ତିରୁଅନନ୍ତପୁରମ,୩୦।୧(ଏଜେନ୍ସି):** ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ୫ମ ତଥା ଶେଷ ମୁକାବିଲା ଆସନ୍ତାକାଲି ତିରୁଅନନ୍ତପୁରମର ଗ୍ରୀନ୍ ଫିଲ୍ଡ ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୪ଟି ମ୍ୟାଚ୍ ମଧ୍ୟରୁ ନ୍ୟୁଜିଲାଣ୍ଡ ଗୋଟିକରେ ଓ ଭାରତ ୩ଟି ମ୍ୟାଚ୍ ଜିତି ସିରିଜ୍ କବ୍‌ଜା କରିସାରିଛି। ସିରିଜ୍ ଜିତିବା ପରେ ଖେଳାଯାଇଥିବା ଚତୁର୍ଥ ମ୍ୟାଚ୍‌ରେ ଭାରତ ଏକାଧିକ ପରୀକ୍ଷା ନୀରିକ୍ଷା କରିଥିଲା। ଯାହା ଫଳରେ ଏହି ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ୫୦ ରନ୍‌ରେ ଜିତିନେଇଥିଲା। ଏଥର କିନ୍ତୁ ଉଭୟ ଦଳ ତାହାର ଶ୍ରେଷ୍ଠ ଦଳ ଏହି ମ୍ୟାଚ୍‌ରେ ଖେଳାଇବ। ଭାରତ ପକ୍ଷରୁ କିଏ ଖେଳିବ ତାହା କହିବା ମୁସ୍କିଲ। କିନ୍ତୁ ବିବିଏଲରୁ ଫେରିଥିବା ନ୍ୟୁଜିଲାଣ୍ଡ ଓପନର ଫିନ୍ ଆଲେନ୍ ଏହି ମ୍ୟାଚ୍‌ରେ ନିଶ୍ଚିତ ଖେଳିବେ। ବିବିଏଲ୍‌ରେ ସେ ୧୮୪.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ୪୬୬ ରନ୍ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଚଳିତ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହେବ। ଏହା ପୂର୍ବରୁ ଯେତେ ସମ୍ଭବ ସମସ୍ତ ଖେଳାଳିଙ୍କୁ ଭାରତୀୟ ପିଚ୍ ଓ ପରିବେଶ ସମ୍ପର୍କରେ ଅବଗତ କରାଇବା ସକାଶେ ନ୍ୟୁଜିଲାଣ୍ଡ ଟିମ୍ ଫିନ୍ ଆଲେନ ଓ ଜେମ୍ସ ନୀଶାମଙ୍କୁ ସୁଯୋଗ ଦେଇପାରେ। ଏଠିକାର ପିଚ୍ ମଧ୍ୟ ବ୍ୟାଟରଙ୍କୁ ସୁହାଇଥାଏ। ଏଣୁ ଆଉ ଏକ ହାଇସ୍କୋରିଂ ମୁକାବିଲା ହେବ ବୋଲି ଆଶା କରାଯିବା ସ୍ୱାଭାବିକ୍।

ଏହି ମ୍ୟାଚ୍‌ରେ ଉଭୟ ଦଳ ଲାଗି ଭଲ ଖେଳିଥିବା ଭାରତର ଇଶାନ କିସାନ ଓ ନ୍ୟୁଜିଲାଣ୍ଡର ଡେଭନ କନୱେଙ୍କର ବିଶ୍ୱକପ୍‌ରେ ଖେଳିବା ସମ୍ଭାବନା କେତେ ତାହା ଏବେଠାରୁ କହିବା ସମ୍ଭବ ନୁହେଁ। କନୱେ ଏବେ ସୁଦ୍ଧା ୪ଟି ଯାକ ମ୍ୟାଚ୍ ଖେଳିଛନ୍ତି। ଆସନ୍ତାକାଲି ମୁକାବିଲାରେ ଫିନ୍ ଆଲେନଙ୍କ ସହ କିଏ ଇନିଂସ ଓପନ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। କନୱେ କିମ୍ବା ଟିମ୍ ସେଫର୍ଟ ଇନିଂସ ଓପନ କରିପାରନ୍ତି। ସେହିପରି ସାମାନ୍ୟ ଆଘାତ ଲାଗିଥିବାରୁ ଇଶାନଙ୍କୁ ଚତୁର୍ଥ ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ଏବେ ସେ ଫିଟ୍ ଅଛନ୍ତି କି ନାହିଁ ଜଣାପଡ଼ିନାହିଁ। ସେ ଯଦି ଫିଟ୍ ହୁଅନ୍ତି ତେବେ ଅଭିଷେକ ଶର୍ମାଙ୍କୁ ବିଶ୍ରାମ ଦେବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। କିନ୍ତୁ ଘରୋଇ ମାଟିରେ ସଞ୍ଜୁ ସାମସନ ଖେଳିବା ନିଶ୍ଚିତ। ଏବେ ସୁଦ୍ଧା ଭାରତ ଯେଉଁ ପ୍ରକାର ରଣନୀତି ଆପଣାଇଛି, ସେଥିରେ ସଫଳ ହୋଇଛି। ସମସ୍ତ ଖେଳାଳି ଫର୍ମକୁ ଫେରିଛନ୍ତି। କେବଳ ସାମସନଙ୍କଠାରୁ ଏକ ବଡ଼ ସ୍କୋର ଆଶା କରୁଛି ଭାରତ। ସେହିପରି ଆହତ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଏହି ମ୍ୟାଚ୍‌ରେ ଖେଳାଯିବ କି ନାହିଁ ତାହା ପରେ ଜଣାପଡ଼ିବ। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ, ଯଦି କୌଣସି ଖେଳାଳି ଆହତ ହୋଇଥାନ୍ତି, ତେବେ ତାଙ୍କୁ ଖେଳାଇ ଦଳ ରିସ୍କ ନେବାକୁ ଚାହୁଁନାହାନ୍ତି। ଏଣୁ ଉଭୟ ଟିମ୍ ଏହି ମ୍ୟାଚ୍‌ରେ ଶେଷଥର ଲାଗି ନିଜର ଦକ୍ଷତା ଓ ଦୁର୍ବଳତା ଜାଣିବାକୁ ଚେଷ୍ଟା କରିବେ।

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

**ସମ୍ଭାବ୍ୟ ଖେଳାଳି**

**ଭାରତ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିସାନ/ ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ଶିବମ ଦୁବେ, ହର୍ଷିତ ରାଣା/ ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ/କୁଲଦୀପ ଯାଦବ।

**ନ୍ୟୁଜିଲାଣ୍ଡ:** ଫିନ୍ ଆଲେନ୍, ଡେଭନ କନୱେ, ରାଚିନ ରବୀନ୍ଦ୍ର, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ମାର୍କ ଚାପମ୍ୟାନ୍, ମିଚେଲ ସାଣ୍ଟନର (ଅଧିନାୟକ), ଜ୍ୟାକ୍ ଫୋକ୍ସ/ ଜେମ୍ସ ନୀଶାମ, ମାଇକେଲ ବ୍ରେସ୍‌ୱେଲ/ଇସ୍ ସୋଧି, କାଏଲ ଜାମିସନ/ ମ୍ୟାଟ ହେନରୀ, ଜ୍ୟାକବ ଡଫି।

### ପିଟି ଉଷାଙ୍କ ସ୍ୱାମୀ ଶ୍ରୀନିବାସନଙ୍କ ବିୟୋଗ

**ଥିରୁଅନନ୍ତପୁରମ, ୩୦।୧ (ଏଜେନ୍ସି):** ମହାନ ଭାରତୀୟ ଧାବିକା ତଥା ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ)ର ସଭାପତି ପିଟି ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ପରଲୋକ ଘଟିଛି। ଶୁକ୍ରବାର ସକାଳେ ଶ୍ରୀନିବାସନ କେରଳର କୋଝିକୋଡେସ୍ଥିତ ବାସଭବନରେ ହଠାତ୍ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ତୁରନ୍ତ ପରିବାର ସଦସ୍ୟ ତାଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ଶ୍ରୀନିବାସନଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ବର୍ତ୍ତମାନ ରାଜ୍ୟସଭାର ସାଂସଦ ରହିଥିବା ପିଟି ଉଷା ଏହି ଅଘଟଣ ସମୟରେ ସଂସଦ ଅଧିବେଶନ ଲାଗି ଦିଲ୍ଲୀରେ ଥିଲେ। ଏହି ଦୁଃଖଦ ଖବର ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପିଟିଙ୍କୁ ଫୋନ ଯୋଗେ ସାନ୍ତ୍ୱନା ଜଣାଇଥିଲେ। ଶ୍ରୀନିବାସନ ଜଣେ ବିଶ୍ୱବିଦ୍ୟାଳୟସ୍ତରୀୟ କବାଡ଼ି ଖେଳାଳି ଥିଲେ। ପରବର୍ତ୍ତୀ ସମୟରେ ସେ ସିଆଇଏସଏଫ୍‌ରେ ଚାକିରି କରି ଡେପୁଟୀ ସୁପରିଟେଣ୍ଡେଣ୍ଟ ଭାବେ ଅବସର ନେଇଥିଲେ। ପିଟି ଉଷାଙ୍କ ସଫଳତା ପରେ ଶ୍ରୀନିବାସନଙ୍କ ଯଥେଷ୍ଟ ଅବଦାନ ଥିବା କୁହାଯାଉଛି। ପିଟିଙ୍କ ଏକାଡେମୀ 'ଉଷା ସ୍କୁଲ ଅଫ୍ ଆଥ୍‌ଲେଟିକ୍ସ'ରେ ଶ୍ରୀନିବାସନ ଜଡ଼ିତ ରହିଥିଲେ। ଟିଣ୍ଟୁ ଲୁକା ଓ ଜିସନା ମାଥ୍ୟୁଙ୍କ ପରି ଅନ୍ତର୍ଜାତୀୟ ଖେଳାଳି ଗଢ଼ି ତୋଳିବାରେ ଶ୍ରୀନିବାସନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

### ୧୯ ବର୍ଷରୁ କମ୍ ବିଶ୍ୱକପ୍ ସେମିରେ ଇଂଲଣ୍ଡ, ଆଫଗାନିସ୍ତାନ

**ବୁଲାୱାୟୋ,୩୦।୧(ଏଜେନ୍ସି):** ନ୍ୟୁଜିଲାଣ୍ଡକୁ ୬୫ ରନ୍‌ରେ ପରାସ୍ତ କରି ଇଂଲଣ୍ଡ ତୃତୀୟ ଦଳ ଭାବେ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗ୍ରୁପ୍-୧'ରୁ ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ଏବଂ ଆଜି ଆୟର୍ଲାଣ୍ଡକୁ ୧୯୧ ରନ୍‌ରେ ପରାସ୍ତ କରି ଆଫଗାନିସ୍ତାନ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଯାଇଛି। ଫେବୃଆରୀ ୧ରେ ବା ରବିବାର ସୁପରସିକ୍ସ ଗ୍ରୁପ୍-୨ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଶେଷ ଲିଗ୍ ମୁକାବିଲା ହେବ। ଏହି ମ୍ୟାଚ୍‌ର ବିଜେତା ଚତୁର୍ଥ ଦଳ ଭାବେ ସେମି ଫାଇନାଲରେ ଖେଳିବ। ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୭ ୱିକେଟରେ ୨୩୪ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୮.୫ ଓଭରରେ ୧୬୯ ରନ୍ କରି ଅଲ୍‌ଆଉଟ ହୋଇଥିଲା। ପରାଜିତ ଦଳର ସ୍ନେହିତ ରେଡ୍ଡୀ ୨ଟି ୱିକେଟ ନେବା ସହ ୪୭ ରନ୍ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନର ଫଇଜଲ ସିନୋଜାଦାଙ୍କ ୧୬୩ର ମାରାଥନ ଇନିଂସ ଖେଳିଥିଲେ।

### ସିକେ ନାଇଡୁ ଟ୍ରଫିରେ ବାଦଲଙ୍କ ଶ୍ରେଷ୍ଠ ବୋଲିଂ

**ଭୁବନେଶ୍ୱର,୩୦।୧(ସମିସ):** ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ରାଜସ୍ଥାନ ବିପକ୍ଷ ସିକେ ନାଇଡୁ ଟ୍ରଫିରେ ଓଡ଼ିଶାର ସ୍ପିନର ବାଦଲ ବିଶ୍ୱାଳଙ୍କୁ ଶ୍ରେଷ୍ଠ ବୋଲିଂ ସଫଳତା ମିଳିଛି।



ଜୟପୁରର କେଏଲ ସୈନୀ ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ବାଦଲ ବିଶ୍ୱାଳ ୭୧ ରନ୍‌ରେ ୫ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬ ୱିକେଟରେ ୨୭୦ ରନ୍ ସଂଗ୍ରହ କରିନେଇଛି। ଘରୋଇ ଦଳ ପକ୍ଷରୁ ରଜତ ବାଘେଲ ସର୍ବାଧିକ ୭୪ ଓ ସୁମିତ ଗୋଦରା ୭୦ ରନ୍ କରି ଓଡ଼ିଶାକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଓଡ଼ିଶାର ବାଦଲଙ୍କ ବ୍ୟତୀତ ଅନ୍ୟ ୱିକେଟଟି ସାଇଦୀପ ମହାପାତ୍ରଙ୍କୁ ମିଳିଛି। ଓମ୍‌ଟି ମୁଣ୍ଡେଙ୍କ ନେତୃତ୍ୱରେ ଗଠିତ ଦଳ ଏଠାରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।

**ଡବ୍ଲ୍ୟୁପିଏଲ୍: ହରମନପ୍ରୀତ୍‌ଙ୍କ ଅର୍ଦ୍ଧଶତକ ବୃଥା**

### ଏଲିମିନେଟ୍‌ରରେ ଗୁଜରାଟ

**ଭଦୋଦରା,୩୦।୧(ଏଜେନ୍ସି):** ହରମନପ୍ରୀତ୍ କୌର (ଅପରାଜିତ ୮୨ରନ୍, ୪୮ବଲ୍, ୮ଚୌକା, ୪ଛକା)ଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଏଠାରେ ଶୁକ୍ରବାର ଖେଳାଯାଇଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଏକ ରୋମାଞ୍ଚକ ମୁକାବିଲାରେ ଗୁଜରାଟ ଜାଏଣ୍ଟସ ୧୧ ରନ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ପ୍ରଥମଥର ପରାସ୍ତ କରିଛି। ଏହି ବିଜୟ ଫଳରେ ଗୁଜରାଟ ଜାଏଣ୍ଟସ ୮ଟି ମ୍ୟାଚରୁ ୧୦ ପଏଣ୍ଟ ପାଇ ଦ୍ୱିତୀୟସ୍ଥାନରେ ରହିବା ସହ ଏଲିମିନେଟରରେ ପ୍ରବେଶ କରିଛି। ଆସନ୍ତାକାଲି ଦିଲ୍ଲୀ କ୍ୟାପିଟାଲ୍ସ ଓ ୟୁପି ୱାରିୟର୍ଜ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ଫଳାଫଳ ପରେ ଗୁଜରାଟ ସହ କେଉଁଦଳ ଏଲିମିନେଟରରେ ଖେଳିବ ତାହା ସ୍ଥିର ହେବ। ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସର୍ବାଧିକ ୧୨ ପଏଣ୍ଟ ପାଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ମଙ୍ଗଳବାର ପଏଣ୍ଟ ଟେବଲର ଦ୍ୱିତୀୟ ଗୁଜରାଟ ଜାଏଣ୍ଟସ ଓ ତୃତୀୟ ସ୍ଥାନିତ ଦଳ ମଧ୍ୟରେ ଏଲିମିନେଟର ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଫେବୃଆରୀ ୫ ତାରିଖ ଗୁରୁବାର ଆର୍‌ସିବି ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବ। ଏଠାରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ଅଧିନାୟିକା ଆଶ୍‌ଲେ ଗାର୍ଡନର ୪୬, ଜର୍ଜିଆ ୱେୟାରହାମ୍‌ଙ୍କ ଅପରାଜିତ ୪୪ ଓ ଅନୁଷ୍କା ଶର୍ମାଙ୍କ ୩୩ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୬୭ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ହରମନପ୍ରୀତ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସତ୍ତ୍ୱେ ଦଳ ନିର୍ଦ୍ଧାରିତ ୨୦ଓଭରରେ ୭ ୱିକେଟ ହରାଇ ୧୫୬ ରନ୍ କରିଥିଲା।

**ଓଡ଼ିଶା-ଝାଡ଼ଖଣ୍ଡ ରଣଜୀ ମୁକାବିଲା**

### ପଦାର୍ପଣରେ ତୁଫେଲ୍‌ଙ୍କୁ ବୋଲିଂ ସଫଳତା

**ଭୁବନେଶ୍ୱର, ୩୦।୧ (ସମିସ):** ଜାମସେଦପୁରର କିନାନ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ବିପକ୍ଷରେ ଘରୋଇ ଝାଡ଼ଖଣ୍ଡ ଇନିଂସ ଅଗ୍ରଣୀ ଦ୍ୱାରରେ ରହିଛି। ଓଡ଼ିଶାର ପ୍ରଥମ ଇନିଂସ ୨୮୨ ରନ ଜବାବରେ ଝାଡ଼ଖଣ୍ଡ ଶୁକ୍ରବାର ଦ୍ୱିତୀୟ ଦିନ ଖେଳରେ ୬ ୱିକେଟ୍‌ରେ ୨୪୪ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଇପିଏଲ୍ ତାରକା ରବିନ ମିଞ୍ଜ ୩୭ ଓ ଆଦିତ୍ୟ ସିଂ ୬ ରନ କରି ଖେଳୁଛନ୍ତି। ଝାଡ଼ଖଣ୍ଡ ପକ୍ଷରୁ ଓପନର୍ ଶିଖର ମୋହନ ସବୁଠୁ ସଫଳ ବ୍ୟାଟର୍ ରହିଥିଲେ। ଏହି ବାମହାତୀ ବ୍ୟାଟର ୧୪ଟି ଚୌକା ଓ ଗୋଟିଏ ଛକା ବଳରେ ସର୍ବାଧିକ ୮୦ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିକେଟକିପର କୁମାର କୁଶାଗ୍ର ୪୭, ଅଧିନାୟକ ବିରାଟ ସିଂ ୩୨, ଅନୁକୂଳ ରାୟ ୧୭ ଓ ଶରଣଦୀପ ସିଂହ ୮ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ଓଡ଼ିଶା ପକ୍ଷରୁ ପଦାର୍ପଣକାରୀ ବାମହାତୀ ସ୍ପିନର ସୟଦ ତୁଫେଲ ଅହମ୍ମଦଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା। ୨୧ ଓଭର ବୋଲିଂ କରିଥିବା ତୁଫେଲ ୭୩ ରନ ବ୍ୟୟରେ ଶିଖର ମୋହନ, ଶାହିଲ ଓ ଅନୁକୂଳଙ୍କୁ ଆଉଟ୍ କରିଥିଲେ। ସେହିଭଳି ରାଜେଶ ମହାନ୍ତିଙ୍କୁ ୨ଟି ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଆହୁରି ୪ଟି ୱିକେଟ୍ ବଳକାଥାଇ



ଝାଡ଼ଖଣ୍ଡ ପ୍ରଥମ ପାଳିରେ ୩୮ ରନ ପଛରେ ରହିଛି। ତୃତୀୟ ଦିବସ ପ୍ରଥମ ସେସନ ଉଭୟ ଦଳ ପାଇଁ ଗୁରୁତ୍ୱବହନ କରୁଛି। ବଳକା ୪ ୱିକେଟ୍‌ରେ ଆଉ ୩୯ ରନ ସଂଗ୍ରହ କରି ଝାଡ଼ଖଣ୍ଡ ପ୍ରଥମ ପାଳି ଅଗ୍ରଣୀ ନେବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଓଡ଼ିଶା ମଧ୍ୟ ଘରୋଇ ଦଳର ୪ଟି ୱିକେଟ୍ ଶୀଘ୍ର ନେଇ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ନେବାକୁ ଚେଷ୍ଟା କରିବ।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୨/୬ରୁ ଶୁକ୍ରବାର ସକାଳେ ବ୍ୟାଟିଂ ଆରମ୍ଭ କରିଥିବା ଭ୍ରମଣକାରୀ ଓଡ଼ିଶା ଆଉ ୪୦ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବଦିନର ସ୍କୋରରେ ଆଉ କୌଣସି ରନ ଯୋଡ଼ି ନ ପାରି ବିପ୍ଳବ ସାମନ୍ତରାୟ ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମହାନ୍ତି ୨୫, ସାୱନ ପହରିୟା ୧୯ ଓ ତୁଫେଲ ଅପରାଜିତ ୬ ରନ କରିଥିଲେ। ଝାଡ଼ଖଣ୍ଡର ସୌରଭ ଶେଖର ଓ ଆଦିତ୍ୟ ସିଂ ୩ଟି ଲେଖାଏ ୱିକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଓଡ଼ିଶା ପ୍ରଥମ ଇନିଂସ: ୨୮୨/୧୦, ୧୦୪.୫ ଓଭର** (ସ୍ୱସ୍ତିକ-୭୯, ଗୋବିନ୍ଦ- ୬୪, ବିପ୍ଳବ-୩୮, ରାଜେଶ- ୨୫, ଆଦିତ୍ୟ- ୩/୩୫, ସୌରାଭ-୩/୪୩)।

**ଝାଡ଼ଖଣ୍ଡ ପ୍ରଥମ ଇନିଂସ: ୨୪୪/୬, ୬୭ ଓଭର** (ଶିଖର-୮୦, କୁଶାଗ୍ର- ୪୭, ରବିନ- ଅପରାଜିତ ୩୭, ତୁଫେଲ- ୩/୭୩, ରାଜେଶ- ୨/୩୭)।

### ରାଜ୍ୟ ମିନି ଗଲ୍ଫ ଚାମ୍ପିଅନସିପ୍ ଆରମ୍ଭ



**ଭୁବନେଶ୍ୱର,୩୦।୧(ସମିସ):** ରାଜ୍ୟ ମିନି ଗଲ୍ଫ ଚାମ୍ପିଅନସିପ୍ ଗୌରୀ କଟେଜ୍ ପରିସରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶଶ ମିନି ଗଲ୍ଫ ଆସୋସିଏସନ ଆନୁକୂଲ୍ୟରେ ରାଜଧାନୀସ୍ଥିତ ଗୌରୀ କଟେଜ୍ ପରିସରରେ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୨ଟି ଜିଲ୍ଲାରୁ ୧୫୦ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ମିନି ଗଲ୍ଫ ଆସୋସିଏସନ ଅଫ୍ ଇଣ୍ଡିଆର ମହାସଚିବ ସୁରଜ ସିଂ ୟୋତିକାର ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଂଘ ସଭାପତି ସତ୍ୟବ୍ରତ ମୀନକେତନ, ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ, ଫେଡେରେସନ ସ୍ଥପତି ସଞ୍ଜୟ ବଳରାମ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

### ବିଶୃଙ୍ଖଳିତ ଆଚରଣ ଯୋଗୁଁ ମନପ୍ରୀତ୍ ବାଦ୍

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ବିଶୃଙ୍ଖଳିତ ଆଚରଣ ଯୋଗୁଁ ଭାରତୀୟ ହକି ଦଳରୁ ପୂର୍ବତନ ଅଧିନାୟକ ମନ୍‌ପ୍ରୀତ୍ ସିଂହ, ଦୀଲପ୍ରୀତ୍ ସିଂହ ଓ ଗୋଲରକ୍ଷକ କ୍ରିଷନ ବାହାଦୁର ପାଠକଙ୍କୁ ପ୍ରୋ-ଲିଗ୍ ଲାଗି ଘୋଷିତ ଦଳରୁ ବାଦ୍ ଦିଆଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍‌ରେ ଏହି ୩ଜଣଙ୍କ ସହ ଆଉ ଜଣେ ଖେଳାଳି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିଲେ। ଭାରତ ମଧ୍ୟ ଏହି ସିରିଜ୍‌କୁ ୦-୨ରେ ହାରିଥିଲା। ୨ଥର ଅଲିମ୍ପିକ୍ କାଂସ୍ୟ ପଦକ ବିଜେତା ମନ୍‌ପ୍ରୀତ୍ ଆଉ ଗୋଟିଏ ମ୍ୟାଚ୍ ଖେଳିଲେ ଦିଲ୍‌ପ ତିର୍କିଙ୍କ ୪୧୨ ମ୍ୟାଚ୍ ରେକର୍ଡ ସହ ସମକକ୍ଷ ହେବେ।

**ରାଉରକେଲାରେ ପ୍ରୋ-ଲିଗ୍ ହକି ୧୦ରୁ**

### ମାଗଣାରେ ଖେଳ ଦେଖିବେ ଦର୍ଶକ

**ଭୁବନେଶ୍ୱର, ୩୦।୧ (ସମିସ):** ହକି ଦର୍ଶକଙ୍କ ଲାଗି ଆଉ ଏକ ଶୁଭ ଖବର। ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଫେବୃଆରୀ ୧୦ରୁ ୧୫ ଯାଏ ଖେଳାଯିବାକୁ ଥିବା ପ୍ରୋ-ଲିଗ୍ ହକିର ସମସ୍ତ ମ୍ୟାଚ୍ ଗୁଡ଼ିକୁ ଦର୍ଶକ ମାଗଣାରେ ଦେଖିପାରିବେ। ଏଥିଲାଗି ସେମାନଙ୍କୁ ଅନ୍‌ଲାଇନ୍‌ରେ ଟିକଟ ବୁକ୍ କରିବାକୁ ପଡ଼ିବ। **www.ticketgenie.in**.ରେ ଦର୍ଶକମାନେ ଡିଜିଟାଲ ଟିକଟ ବୁକ୍ କରିପାରିବେ। ଏହି ଟିକଟକୁ ନେଇ ସେମାନେ ଖେଳ ଦେଖିପାରିବେ ବୋଲି ହକି ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି।

ଏହା ବ୍ୟତୀତ ଷ୍ଟାର ସ୍ପୋର୍ଟ୍ସ ଖେଲରେ ମଧ୍ୟ ମ୍ୟାଚ୍‌ଗୁଡିକର ସିଧାସଳଖ ପ୍ରସାରଣ ଦେଖାଯାଇପାରିବ। ଏଠାରେ ବେଲଜିୟମ ଓ ଆର୍ଜେଣ୍ଟିନା ଭାରତ ସହ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ଗୋଟିଏ ଲେଖାଏଁ ମ୍ୟାଚ୍ ରାତି ୭ଟା ୩୦ରୁ ଆରମ୍ଭ ହେବ। ଭାରତ ଏଠାରେ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଛି।

**ଖେଳସୂଚୀ**

୧୦।୨: ବେଲଜିୟମ- ଆର୍ଜେଣ୍ଟିନା,
୧୧।୨: ଭାରତ-ବେଲଜିୟମ,
୧୨।୨: ଭାରତ-ଆର୍ଜେଣ୍ଟିନା,
୧୩।୨: ଆର୍ଜେଣ୍ଟିନା-ବେଲଜିୟମ,
୧୪।୨: ଭାରତ- ବେଲଜିୟମ,
୧୫।୨: ଭାରତ-ଆର୍ଜେଣ୍ଟିନା।
**ଖେଳ ଆରମ୍ଭ: ରାତି ୭.୩୦,**
**ପ୍ରସାରଣ-ଷ୍ଟାର ସ୍ପୋର୍ଟ୍ସ ଖେଲ**

**ଅଷ୍ଟ୍ରେଲିଆନ ଓପନ୍ ଟେନିସ୍**

### ଫାଇନାଲରେ ଆଲ୍‌କାରାଜ୍ - ଜୋକୋଭିଚ୍





**ମେଲବୋର୍ଣ୍ଣ,୩୦।୧(ଏଜେନ୍ସି):** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ର ପୁରୁଷ ଏକକ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ରବିବାର ଫାଇନାଲ ମୁକାବିଲାରେ ଟପ୍‌ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ୍ ଓ ଚତୁର୍ଥ ସିଡ୍ ଅଭିଜ୍ଞ ସର୍ବିଆ ଖେଳାଳି ନୋଭାକ ଜୋକୋଭିଚ୍ ପରସ୍ପରକୁ ଭେଟିବେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଜୋଭୋଭିଚ୍ ୩-୬,୬-୩, ୪-୬, ୬-୪, ୬-୪ ସେଟ୍‌ରେ ଦ୍ୱିତୀୟ ସିଡ୍ ଇଟାଲୀର ଜାନିକ ସିନରଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ଏଥିସହ ୩୮ ବର୍ଷୀୟ ଜୋକୋଭିଚ୍ ୧୧ଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ୧୦ଟି ଫାଇନାଲ ଖେଳି ସେ ବିଜୟୀ ହେବା ସହ ଚାମ୍ପିଅନ ହୋଇଥିଲେ। ଏଥର ଟାଇଟଲ ଜିତିଲେ ଜୋକୋଭିଚ୍ ୨୫ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ସର୍ବାଧିକ ଟାଇଟଲ ହାସଲର ରେକର୍ଡ ସୃଷ୍ଟି କରିବେ।

#### ପ୍ରଥମଥର ଫାଇନାଲରେ ଆଲ୍‌କାରାଜ୍

ପୂର୍ବରୁ ପ୍ରଥମ ସେମିଫାଇନାଲ ମୁକାବିଲାରେ ୨୨ ବର୍ଷୀୟ ଆଲକାରାଜ ୬-୪, ୭-୬,୬-୭, ୬-୭, ୭-୫ ମାରାଥନ ସେଟ୍‌ରେ ତୃତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଏଥିସହ ଆଲ୍‌କାରାଜ୍ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆନ ଓପନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଆଘାତ ସମସ୍ୟା କାରଣରୁ ସ୍ୱାଭାବିକ ଖେଳ ପ୍ରଦର୍ଶନ କରିପାରି ନଥିଲେ ମଧ୍ୟ ଆଲକାରାଜ ୫ ଘଣ୍ଟା ୨୭ ମିନିଟ୍ ସମୟ ନେଇ ଶେଷରେ ବିଜୟୀ ହୋଇଥିଲେ। ୬ଥର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଆଲକାରାଜ ଆଉ ଏକ ଟାଇଟଲ ଜିତିବାଠାରୁ ପାଦେ ଦୂରରେ ରହିଛନ୍ତି। ୨୦୨୪ରେ ଜେରେଭ କ୍ୱାର୍ଟର ଫାଇନାଲରେ ଆଲକାରାଜଙ୍କୁ ପରାସ୍ତ କରିଥିଲେ। ଏବେ ଆଲକାରାଜ ଏହାର ମଧୁର ପ୍ରତିଶୋଧ ନେଇଛନ୍ତି। ଗତ ବର୍ଷ ଆଲକାରାଜ ଦମ୍‌ଦାର ପ୍ରଦର୍ଶନ କରି ୮ଟି ଟାଇଟଲ ଜିତିଥିଲେ। ଏଥିରେ ଫ୍ରେଞ୍ଚ ଓପନ୍ ଓ ୟୁଏସ୍ ଓପନ ଭଳି ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ସାମିଲ ରହିଛି।

#### ଟାଇଟଲ ବଜାୟ ରଖିଲେ ଗାଡ଼େକି- ପିଅର୍ସ

ଅଷ୍ଟ୍ରେଲିଆନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଏଥର ଓଲିଭିଆ ଗାଡ଼େକି ଓ ଜନ ପିଅର୍ସ ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ବାଜି ମାରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଅଣସିଡ୍ ଏହି ଘରୋଇ ଯୋଡ଼ି ୪-୬, ୬-୩, ୧୦-୮ ସେଟ୍‌ରେ ଫ୍ରେଞ୍ଚ ଯୋଡ଼ି କ୍ରିଷ୍ଟିନା ମ୍ଲାଡେନୋଭିକ୍ ଓ ମାନୁଏଲ ଗୁଇନାର୍ଡଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ୧୯୮୯ ପରେ ପ୍ରଥମ ଯୋଡି ଭାବେ ଅଷ୍ଟ୍ରେଲିଆର ଏହି ଦୁଇ ଖେଳାଳି କ୍ରମାଗତ ଦୁଇଟି ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ



ଏହି ଯୋଡି ପ୍ରତ୍ୟାବର୍ତ୍ତନ କରି ବାକି ଦୁଇଟି ସେଟ୍‌ରେ ବିଜୟୀ ହୋଇ ବିଜୟ ମୁକୁଟ ହାସଲ କରିଛନ୍ତି। ୱାଇଲ୍ଡ କାର୍ଡ ଭାବେ ଏହି ଯୋଡ଼ି ଅଷ୍ଟ୍ରେଲିଆନ ଓପନ ଖେଳିବାର ସୁଯୋଗ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS